78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୬୬ ● କଟକ ● ରବିବାର ● ୦୪ ମଇ-୨୦୨୫ ● ମେଷ-୨୧ ● ସାଲ୍ ୧୪୩୧

CUTTACK ● SUNDAY ● 04 MAY-2025 ● RNI Regd. No. 4001/57


ମୂଲ୍ୟ : ₹ ୫ ଟଙ୍କା

## କଟକରେ ଅଘଟଣ: ବ୍ରିଜ୍‌ରୁ ଖସିଲା ସ୍ଲାବ୍

# ୩ ଜଣଙ୍କର ଜୀବନଗଲା

**କଟକ,(ପିପିଏସ୍):**

କଟକ ଖାନନଗରରେ ବ୍ରିଜନିର୍ମାଣ କାମ ଚାଲୁଥିବା ବେଳେ ସ୍ଲାବ୍ ଖସିପଡ଼ିବାରୁ ୩ଜଣ ଶ୍ରମିକଙ୍କର ମୃତ୍ୟୁହୋଇଛି। ସେହିପରି ୨ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, କଟକ ଖାନନଗର ଅଞ୍ଚଳରେ ବ୍ରିଜ୍ ନିର୍ମାଣ କାମ ଜାରି ରହିଥିଲା। ବ୍ରିଜ୍ ଉପରେ କିଛି ଶ୍ରମିକ କାମ କରୁଥିଲେ।




ଅଚାନକ କ୍ରେନ୍‌ରୁ ନିର୍ମାଣାଧୀନ ସ୍ଲାବ୍ ଛିଡ଼ିପଡ଼ିଥିଲା। ଫଳରେ ୫ଜଣ ଶ୍ରମିକ ସ୍ଲାବ ତଳେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଆହତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି ଅନ୍ୟ ୨ଜଣଙ୍କ ଚିକିତ୍ସା ଚାଲିଥିବା ବେଳେ ସେମାନଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଏନେଇ କଟକ ଏଏଫ୍ଓ ସଞ୍ଜୀବ ବେହେରା କହିଛନ୍ତି, ଖାନନଗର ଠାରେ କ୍ରେନ୍ ମାଧ୍ୟମରେ ନିର୍ମାଣାଧୀନ ବ୍ରିଜ୍‌ର ଗାର୍ଡର ଉଠାଇବା ବେଳେ ଦୁର୍ଭାଗ୍ୟବଶତଃ ଭାରସାମ୍ୟ ହରାଇ କ୍ରେନ୍ ଛିଡ଼ି ପଡ଼ିଥିଲା। ଫଳରେ ଏହି ଅଘଟଣ ଘଟିଛି। ଏଥିରେ ୫ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କେଉଁ କାରଣରୁ ଏଭଳି ଅଘଟଣ ଘଟିଲା ତାହା ଟେକ୍ନିକାଲ ଟିମ୍ ଆସିବା ପରେ ଜଣାପଡ଼ିବ। ଅଘଟଣ ବିଷୟରେ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏଥିସହ ଦୁର୍ଘଟଣାରେ ଆହତଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇବା ସହ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଘଟଣ ସମ୍ପର୍କରେ ଖବର ପାଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସ୍‌ସିବି ମେଡିକାଲ ଯାଇଥିଲେ। ସେଠାରେ ମୃତକଙ୍କ ପରିବାର ଏବଂ ଆହତଙ୍କୁ ଭେଟିଛନ୍ତି। ଘଟଣାର ତଦନ୍ତ ପାଇଁ ଇଞ୍ଜିନିୟର ଇନ୍ ଚିଫ୍‌ଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଗଠନ କରାଯାଇଛି। ଏହି ଟିମ୍ ୧୫ଦିନ ଭିତରେ ରିପୋର୍ଟଦେବ। ରିପୋର୍ଟ ଆସିବା ପରେ ଯିଏ ଦୋଷୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କହିଛନ୍ତି, ୨ଜଣ ଆହତ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେମାନଙ୍କୁ କିଭଳି ଭଲ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ତାହା ଧ୍ୟାନ ଦିଆଯାଉଛି। ମୃତକଙ୍କ ମଧ୍ୟରେ ଜଣେ ଇଞ୍ଜିନିୟର ଓ ୨ଜଣ ଶ୍ରମିକ ଅଛନ୍ତି। କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା, ତାହାର ତଦନ୍ତ ଚାଲିଛି।

- ❑ ୨ ଗୁରୁତର ଏସ୍‌ସିବିରେ ଭର୍ତ୍ତି
- ❑ ମୃତକଙ୍କ ପରିବାରକୁ ମିଳିବ ୫ଲକ୍ଷ
- ❑ ତଦନ୍ତ ନିର୍ଦ୍ଦେଶଦେଲେ ମୁଖ୍ୟମନ୍ତ୍ରୀ

## ପାକିସ୍ତାନୀ ସ୍ତ୍ରୀ ପାଇଁ ଯବାନ୍ ବରଖାସ୍ତ

**ଶ୍ରୀନଗର,(ଏଜେନ୍ସି):**

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଯବାନ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ଫୋର୍ସ (ସିଆର୍‌ପିଏଫ୍)। ଶୁକ୍ରବାର ଜମ୍ମୁ



ଏବଂ କାଶ୍ମୀରରେ କାର୍ଯ୍ୟରତ ଥିବା ଯବାନ୍ ମୁନିର ଖାନ୍‌ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଯିଏ କି ବିନା ସରକାରୀ ଅନୁମତିରେ ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିଛନ୍ତି। ଜଣେ ବରିଷ୍ଠ ସିଆର୍‌ପିଏଫ୍ ଅଧିକାରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଯବାନ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। କାରଣ ସେ(ମୁନିର ଖାନ) ଜଣେ ପାକିସ୍ତାନୀ ନାଗରିକଙ୍କୁ ବିବାହ କରିଛନ୍ତି। ବିବାହ ପୂର୍ବରୁ ଏନେଇ ସିଆର୍‌ପିଏଫ୍ ମୁଖ୍ୟାଳୟକୁ ସେ ସୂଚନା ଦେଇନାହାନ୍ତି। ଚଳିତବର୍ଷ ଆରମ୍ଭରେ ଯବାନ୍ ଜଣଙ୍କ ପାକିସ୍ତାନୀ ମହିଳା ମିନାଲଙ୍କୁ ବିବାହ କରିଥିଲେ। ମୁନିର ମିନାଲଙ୍କୁ ବିବାହ କରିବା ପାଇଁ ସିଆର୍‌ପିଏଫ୍‌ରୁ ଅନୁମତି ଲୋଡ଼ି ଉଚ୍ଚ ଅଧିକାରୀମାନଙ୍କୁ ଅନୁରୋଧପତ୍ର ଦାଖଲ କରିଥିଲେ। କିନ୍ତୁ, ମୁଖ୍ୟାଳୟ ନିଷ୍ପତ୍ତି ନେବା ପୂର୍ବରୁ ସେ ମାର୍ଚ୍ଚ ମାସରେ ବିବାହ କରିଥିଲେ। ବିବାହ ପରେ ମିନାଲ ଭାରତ ଆସିଥିଲେ। ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ, ପାକିସ୍ତାନ ନାଗରିକଙ୍କ ପାଇଁ ସମସ୍ତ ଭିସା ବନ୍ଦକରିଛି। ପାକିସ୍ତାନୀଙ୍କୁ ଭାରତଛାଡ଼ ନୋଟିସ୍ ଜାରି କରାଯାଇଛି।

**ପତ୍ନୀଙ୍କ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ**

## ନିଟ୍ ପୂର୍ବରୁ ସିଟ୍ ଡିଲ୍ ୪ ଦଲାଲଙ୍କୁ ବାନ୍ଧିଲା ପୁଲିସ୍

**ଭୁବନେଶ୍ୱର, (ପିପିଏସ୍):**

ରବିବାର ନିଟ୍ ପରୀକ୍ଷା। ଏହାପୂର୍ବରୁ ଶନିବାର ମେଡିକାଲ୍ କଲେଜ ସିଟ୍ ବିକ୍ରିପାଇଁ ହୋଟେଲ୍‌ରେ ଚାଲିଥିଲା ମୂଲଚାଲ। ରେଟ୍ ବି ଛିଣ୍ଡି ସାରିଥିଲା। ହେଲେ ଠିକ୍ ସମୟରେ ପହଞ୍ଚି ଆନ୍ତଃରାଜ୍ୟ ଦଲାଲ ଗ୍ୟାଙ୍ଗ୍‌କୁ ମାଡ଼ିବସିଲା କମିଶନରେଟ୍ ପୁଲିସ୍। ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳରେ ମେଡିକାଲ୍ କଲେଜ୍ ସିଟ୍ ବିକ୍ରି ନେଇ ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ ହୋଇଛି। ଘଟଣାରେ ୪ଦଲାଲଙ୍କୁ ଗିରଫକରିଛି କମିଶନରେଟ୍ ପୁଲିସ୍। ଓଡ଼ିଶାରୁ ୨ଜଣ, ବିହାର ଓ ଝାଡ଼ଖଣ୍ଡରୁ ଜଣେ ଲେଖାଏଁ ଗିରଫ ହୋଇଛନ୍ତି। ଏନେଇ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ। ସିପି ଏସ୍ ଦେବଦତ୍ତ ସିଂ କହିଛନ୍ତି, ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ଲକ୍ଷାଧିକ ଟଙ୍କା ନେଇ ମେଡିକାଲ୍ ସିଟ୍ ପାଇଁ ଡିଲ୍ କରୁଥିଲେ। ୯୦ଲକ୍ଷର ଚେକ୍ ମିଳିଛି। କିଛି ବ୍ଲାଙ୍କ୍ ଚେକ୍ ବି ମିଳିଛି। ଆସନ୍ତା ମେଡିକାଲ୍ କଲେଜ୍ ନାମଲେଖା ପାଇଁ ଡିଲ୍ ହୋଇଥିଲା। ଏହି ଦଲାଲମାନେ ପରୀକ୍ଷାରେ ଅସଲି ବଦଳରେ ନକଲି ପରୀକ୍ଷାର୍ଥୀଙ୍କୁ ବସାଇଥାନ୍ତେ। ତେବେ ସେମାନେ ଏଥିରେ ସଫଳ ହୋଇଥାନ୍ତେ କି ଟଙ୍କା ନେଇ ଠକିଥାନ୍ତେ ତାହା ଜଣାନାହିଁ। ଏହା ପୂର୍ବରୁ ପୁଲିସ ସେମାନଙ୍କୁ ଠାବକରି ଧରିପାରିଛି। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ଆଉ କିଛି ଏନ୍‌ଆର୍‌ଆଇଙ୍କୁ ମଧ୍ୟ ଫସାଇବା ଯୋଜନା କରୁଥିବା କଥା ଜଣାପଡ଼ିଛି। ଯେଉଁ ଅଭିଭାବକ ଏପରି ଟଙ୍କା ଦେଇ ମେଡିକାଲ୍ ସିଟ୍‌ପାଇଁ ଡିଲ୍ କରୁଛନ୍ତି, ସେମାନେ ମଧ୍ୟ ଅପରାଧରେ ଭାଗିଦାର ବୋଲି କହିଛନ୍ତି ପୁଲିସ କମିଶନର। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ପହଲଗାମ୍ ହମ୍‌ଲା: ପାକ୍ ଗୁଇନ୍ଦା ସଂସ୍ଥାର ହାତ !

# ପାକିସ୍ତାନୀ ଜାହାଜକୁ ଭାରତ ମନା

## ଏଥର ନିର୍ଣ୍ଣାୟକ ଲଢ଼େଇ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,(ଏଜେନ୍ସି):**

ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ପାକିସ୍ତାନ ବିରୋଧରେ ଭାରତର ଆଭିମୁଖ୍ୟ କଠୋର ହେବାରେ ଲାଗିଛି। ଶନିବାର ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହିନ୍ଦୀ ବଦଳରେ ଇଂରାଜୀରେ କହି ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛନ୍ତି। ଅଙ୍ଗୋଲାର ରାଷ୍ଟ୍ରପତି ଜୋଓ ଲୋରେଞ୍ଜୋ ଏବଂ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆତଙ୍କବାଦକୁ 'ମାନବତାର ସବୁଠାରୁ ବଡ଼ ଶତ୍ରୁ' ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କ ବିରୁଦ୍ଧରେ 'ଦୃଢ଼ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ' ନେବାକୁ ପ୍ରତିବଦ୍ଧ। ଏହି ସମୟରେ, ସେ ପହଲଗାମ ଆକ୍ରମଣରେ ଶୋକ ପ୍ରକାଶ କରିବା ପାଇଁ ରାଷ୍ଟ୍ରପତି ଲୁରେଙ୍କୋ ଏବଂ ଆଙ୍ଗୋଲାଙ୍କ ପ୍ରତି କୃତଜ୍ଞତା ମଧ୍ୟ ପ୍ରକାଶ କରିଥିଲେ। ଆଙ୍ଗୋଲାର ରାଷ୍ଟ୍ରପତି ଜୋଆଓ ଲୁରେଙ୍କୋ ୪ ଦିନିଆ ଭାରତ ଗସ୍ତରେ ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ତାଙ୍କ ସହ ଏକ ବୈଠକ କରିଥିଲେ। ବୈଠକ ପରେ, ପ୍ରଧାନମନ୍ତ୍ରୀ ମୋଦୀ ହିନ୍ଦୀରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଷୟରେ କହୁଥିଲେ। ମୋଦୀ ତାଙ୍କ ଭାଷଣରେ କହିଥିଲେ, ଆମେ ଏକମତ ଯେ ଆତଙ୍କବାଦ ମାନବତାର ସବୁଠାରୁ ବଡ଼ଶତ୍ରୁ। ଆମେ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିବଦ୍ଧ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ମୃତ ଲୋକଙ୍କ ପ୍ରତି ସମବେଦନା ଜଣାଇବା ପାଇଁ ମୁଁ ରାଷ୍ଟ୍ରପତି ଲୁରେନସୋ ଏବଂ ଆଙ୍ଗୋଲାଙ୍କୁ ଧନ୍ୟବାଦ ଜଣାଉଛି। ତଥାପି, ଏହା ପରେ, ହିନ୍ଦୀ ପରିବର୍ତ୍ତେ ଇଂରାଜୀରେ କଥା ହୋଇ, ସେ ପହଲଗାମ ଆକ୍ରମଣର ଦୋଷୀମାନଙ୍କୁ କଡ଼ା ଚେତାବନୀ ଦେଇଥିଲେ। ଯାହାଦ୍ୱାରା ଅନ୍ତର୍ଜାତୀୟ ଅତିଥିମାନେ ତାଙ୍କ କଥାକୁ ସିଧାସଳଖ ବୁଝିପାରିବେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମର ମତ ହେଉଛି ଯେ ଆତଙ୍କବାଦ ମାନବତା ପାଇଁ ସବୁଠାରୁ ବଡ଼ ବିପଦ।

## ଆମଦାନୀ ବ୍ୟାନ୍

**ନୂଆଦିଲ୍ଲୀ:** ସାମରିକ ଯୁଦ୍ଧ ପୂର୍ବରୁ ପାକିସ୍ତାନ ଉପରେ ଭାରତ ପକାଇଲା ବାଣିଜ୍ୟିକ ବୋମା। ଆମଦାନୀ, ଜାହାଜ ଚଳାଚଳ, ଚିଠିପତ୍ର ଓ ପାର୍ସଲ ଆଦାନପ୍ରଦାନ ଉପରେ ରୋକ୍ ଲଗାଇ, ପାକିସ୍ତାନ ବିରୋଧରେ କଠୋର ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ସେପଟେ ପହଲଗାମ୍ ଆତଙ୍କୀଙ୍କୁ ଧରିବା ପାଇଁ ସେନା ବି ଦିନରାତି ଏକ୍ କରି ଅପରେସନ୍ ଚଳାଇଥିବା ବେଳେ, ସାମ୍ନାକୁ ଆସିଛି ଏକ ବଡ଼ ଅପଡେଟ୍। ୬ ସନ୍ଦିଗ୍ଧ ଆତଙ୍କୀ ଚେନ୍ନାଇରୁ ଶ୍ରୀଲଙ୍କା ଖସିଯାଉଥିବା ଗୁଇନ୍ଦା ସୂଚନା ପରେ, କଲମ୍ବୋରେ ଏକ ବିମାନ ଯାଞ୍ଚ କରାଯାଇଛି। ପହଲଗାମ୍ ଆକ୍ରମଣ ପରଦିନ ଅଟ୍ଟାରୀ-ୱାଘା ବର୍ଡର ଦେଇ ସ୍ଥଳପଥ ବାଣିଜ୍ୟ କାରବାର ଉପରେ ଭାରତ କଟକଣା ଲଗାଇଥିବା ବେଳେ ଏବେ ପାକିସ୍ତାନରୁ ସବୁ ପ୍ରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଉପରେ ରୋକ୍ ଲାଗିଛି। ଜାତୀୟ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ପାକିସ୍ତାନରେ ତିଆରି ହେଉଥିବା କିମ୍ବା ସେଠାରୁ ରପ୍ତାନୀ ହେଉଥିବା ସବୁ ପ୍ରକାର ସାମଗ୍ରୀ ଆମଦାନୀ ଉପରେ ନିଷେଧାଦେଶ ଜାରି କରିଛନ୍ତି ଭାରତ ସରକାର। ଭାରତ ପାକିସ୍ତାନରୁ ତମ୍ବା ଓ ତମ୍ବା ସାମଗ୍ରୀ, ଫଳ, ବାଦାମ, ତୁଳା, ଲୁଣ, ସଲଫର୍, ବିଭିନ୍ନ ପଥର, ପ୍ଲାଷ୍ଟିକ୍, ଉଲ୍, କାଚ ସାମଗ୍ରୀ ଓ ପଶୁ ଚମଡ଼ା ଆଦି ଆମଦାନୀ କରିଥାଏ। ତେବେ ୨୦୧୯ ପୁଲୱାମା ଆତଙ୍କୀ ହମ୍‌ଲା ପରେ ପାକିସ୍ତାନରୁ ଆମଦାନୀ ଉପରେ ୨ଶହ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା ଭାରତ। ଫଳରେ ସେବେଠାରୁ ଆମଦାନୀ ପରିମାଣ ଅତି ସଂକୁଚିତ ହୋଇ, ଗତବର୍ଷ ଏହା ୦.୦୦୦୧ ପ୍ରତିଶତରୁ ବି କମ୍‌ଥିଲା। ଏପ୍ରିଲ ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ପାକିସ୍ତାନରୁ ୪ ଲକ୍ଷ ୨୦ ହଜାର ଡଲାର୍ ସାମଗ୍ରୀ ଆମଦାନୀ କରିଥିଲା ଭାରତ। ଭାରତୀୟ ଆକାଶ ଉପର ଦେଇ ପାକିସ୍ତାନ ବିମାନ ଉଡ଼ାଣକୁ ମନା କରିବା ପରେ, ଜାହାଜ ଚଳାଚଳ ଉପରେ ବି ପ୍ରତିବନ୍ଧକ ଲଗାଇଛନ୍ତି ଭାରତ ସରକାର। ପାକିସ୍ତାନୀ ପତାକା ଲାଗିଥିବା କୌଣସି ଜାହାଜ ଭାରତୀୟ ବନ୍ଦରକୁ ଆସିପାରିବ ନାହିଁ ଏବଂ ଭାରତୀୟ ପତାକା ଲାଗିଥିବା ଜାହାଜକୁ ମଧ୍ୟ କୌଣସି ପାକିସ୍ତାନ ବନ୍ଦରକୁ ଯିବାକୁ ବାରଣ କରାଯାଇଛି। ଏସବୁ ଭିତରେ ଡାକ ବିଭାଗ ପାକିସ୍ତାନରୁ ଆକାଶପଥ ଓ ସ୍ଥଳପଥରେ ସମସ୍ତ ପ୍ରକାର ଚିଠିପତ୍ର ଓ ପାର୍ସଲ୍ ଆଦାନ ପ୍ରଦାନ ବନ୍ଦକରିଛି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର୍ ଅବ୍‌ଦୁଲ୍ଲା ଓ ନୌସେନା ମୁଖ୍ୟ ଦୀନେଶ କେ. ତ୍ରିପାଠୀ ଶନିବାର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତକରିଛନ୍ତି।



**ଷ୍ଟ୍ରାଇକ୍ ପରେ ଷ୍ଟ୍ରାଇକ୍**

## ଦୀଘାରେ 'ଜଗନ୍ନାଥ ଧାମ' ପ୍ରସଙ୍ଗ

## କାରଣ ଦର୍ଶାଅ ନୋଟିସ୍ ଜାରୀ

**ପୁରୀ,(ପିପିଏସ୍):**

ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଆଇନର ଆଶ୍ରୟ ନେବାକୁ ଛତିଶା ପକ୍ଷରୁ ନିଯୋଗ ପରାମର୍ଶ ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଛତିଶା ନିଯୋଗ ନାୟକ ପରାମର୍ଶ ଦେଇଛନ୍ତି। ଛତିଶା ନିଯୋଗ ପକ୍ଷରୁ କୁହାଯାଇଛି ଯେ ଜଗନ୍ନାଥ ଧାମ ଦୀଘା ଘୋଷଣା ସମ୍ପୂର୍ଣ୍ଣ ନିନ୍ଦନୀୟ। ଜଗନ୍ନାଥ ଧାମ ଦୀଘା ଶବ୍ଦ ପ୍ରତ୍ୟାହାର ପାଇଁ ଅନୁରୋଧ କରାଯିବା ଉଚିତ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରାଯିବା ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ହେଲେ ଆଇନର ପରାମର୍ଶ ନେବାକୁ



ଛତିଶା ନିଯୋଗ ଅନୁରୋଧ କରିଛି। ସେହିପରି ଛତିଶା ନିଯୋଗ ନାୟକ କହିଛନ୍ତି ଯେ ପୂର୍ବରୁ ଦାରୁର ବଳକା ଅଂଶ କୋଇଲି ବୈକୁଣ୍ଠରେ ରହି ଆସୁଥିଲା। କିନ୍ତୁ ଗତ ନବକଳେବରର ବଳକା ଦାରୁ ଗୋଟିଏ ନିଯୋଗ ଦାୟିତ୍ୱରେ ରହିଥିଲା। ଗୋଟିଏ ନିଯୋଗ ଦାୟିତ୍ୱରେ ରହିବା ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହୋଇଛି। ବଳକା ଦାରୁରେ ଅନ୍ୟ ଜଗନ୍ନାଥ ମୂର୍ତ୍ତି ସମ୍ପୂର୍ଣ୍ଣ ଅନୁଚିତ। ଶ୍ରୀମନ୍ଦିର ପ୍ରଶାସନ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଅନ୍ତୁ ବୋଲି ଛତିଶା ନିଯୋଗ ନାୟକ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ଶ୍ରୀମନ୍ଦିରର ସମସ୍ତ ସେବାୟତ ନିଯୋଗ ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ ଜାରି କରାଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ପକ୍ଷରୁ ନୋଟିସ୍ ଜାରି ହୋଇଛି। ଦୀଘାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନେଇ ଦ୍ୱନ୍ଦାତ୍ମକ ତଥ୍ୟ ପାଇଁ ନୋଟିସ୍ କରାଯାଇଛି। ରବିବାର ସନ୍ଧ୍ୟା ୫ଟା ସୁଦ୍ଧା ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇବାକୁ ସମସ୍ତ ସେବାୟତ ନିଯୋଗ ସଭାପତି ଓ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ସୋସିଆଲ୍ ମିଡିଆରେ ଘୂରୁଛି +୨ ରେଜଲ୍ଟ ନୋଟିସ୍ !

**ଭୁବନେଶ୍ୱର,(ପିପିଏସ୍):**

+୨ ପରୀକ୍ଷା ରେଜଲ୍ଟକୁ ନେଇ ବଜାରରେ ଘୂରୁଛି ଫେକ୍ ନୋଟିସ୍। ମେ' ୬ରେ ପରୀକ୍ଷାଫଳ ପ୍ରକାଶ ପାଇଁ ମିଛ ନୋଟିସ୍ ପ୍ରକାଶ ପାଇଛି। ନୋଟିସ୍‌କୁ ସିଏଚ୍‌ଏସ୍‌ଇ ପକ୍ଷରୁ ଖଣ୍ଡନ କରାଯାଇଛି। ସମ୍ପୂର୍ଣ୍ଣ ମିଛଚିଠି, ଏହା ଉପରେ ବିଶ୍ୱାସ କରନ୍ତୁନାହିଁ। ଏଭଳି ଅନେକ ନକଲି ଚିଠି ଦେଖିବାକୁ ମିଳୁଛି ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ। ଏପଟେ ଚଳିତବର୍ଷ ଖରାଯୋଗୁଁ ସାମାନ୍ୟ ବିଳମ୍ବରେ ଖାତାଦେଖା ସରିଛି। ପୂର୍ବରୁ ଯେଉଁ ମେ ୧୫ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇଁ ଟାର୍ଗେଟ୍ କରାଯାଇଥିଲା ତାହା ସେହି ସମୟ ମଧ୍ୟରେ ହୋଇପାରିବନାହିଁ। କେବେ ଫଳାଫଳ ପ୍ରକାଶ ପାଇବ, ତାହା କହି ହେବ ନାହିଁ। ୧୪୮ ଜୋନ୍‌ରୁ ଅନ୍‌ଲାଇନରେ ମାର୍କ ଆସିସାରିଛି। ଦୁଇଦିନ ଭିତରେ ଅଫ୍‌ଲାଇନ ମାର୍କ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି ନିୟନ୍ତ୍ରକ।

## ଧ୍ୱନିପ୍ରତିଧ୍ୱନି

**ଜାତିଗତ ଜନଗଣନାର କ୍ଷତି କେତେ, ଲାଭ କେତେ**

## ବାଟେଘାଟେ



ଓଡ଼ିଶା ରାଇଜ ରାଜନୀତିରେ
ପୁଣି ଶୁଭିଲାଣି ଗୋଳ
ନବୀନ ପାଣ୍ଡିଆ ମିଶିକରି ଦୁହେଁ
ଗଢ଼ିବେ ନୂତନ ଦଳ
ବିଜେଡି ବଦଳେ ଏନ୍‌ପିଡି ହୋଇବ
ନେତା ଏ ବୁଲିବେ ହଳ
ଏବେ ଠାରୁ ବାଛିନିଅ ଭାଇ
କାହାର କେଉଁ ଗୁହାଳ
ପୁରୁଖା ହୋଇବେ ମେଳ
ଏ ଆଖି ଦେଖିବ ସାଆନ୍ତ ଗୁମାସ୍ତା
ହୋଇଯିବେ ପଚାଫଳ
ନୂଆଦଳ ହେବ କାଳ

-ରାହୀ

# ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ପ୍ରସ୍ତୁତି

## ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଢ଼ାହେଲା କମିଟି

**ଭୁବନେଶ୍ୱର, (ପିପିଏସ୍):**

ବିଜେଡିର ୨୪ବର୍ଷର ସରକାରକୁ ଶକ୍ତ ଝଟକା ଦେଇ ବିଜେପି ଅପ୍ରତ୍ୟାଶିତ ଢଙ୍ଗରେ ରାଜ୍ୟରେ ନିଜସ୍ୱ ଦମରେ ପ୍ରଥମଥର ପାଇଁ ସରକାର ଗଠନ କରିଛି । ୨୦୨୪ ଜୁନ୍ ୧୨ରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ କରି ବିଜେପି ସମସ୍ତଙ୍କୁ ଚକିତ କରିଥିଲା । ଇତିମଧ୍ୟରେ ମୋହନ ସରକାର ନିଜର ପ୍ରଥମବର୍ଷ ପୂର୍ତ୍ତି ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ନିଷ୍ପତ୍ତି ହୋଇଛି। ଏହା ସରକାରୀ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ସଫଳତାର ଦସ୍ତାବିଜକୁ ଆକ୍ସନପ୍ଲାନ ଆକାରରେ ସଂକଳନ କରିବେ। ବିଭାଗଗୁଡ଼ିକ ମଧ୍ୟ ନିଜନିଜସ୍ତରରେ ଏହି ବର୍ଷପୂର୍ତ୍ତି ପାଇଁ ଆକ୍ସନପ୍ଲାନ ପ୍ରସ୍ତୁତ କରିବେ। ଏପଟେ ବିଜେପି ନିଜର ସରକାରର ଏକବର୍ଷର କାର୍ଯ୍ୟକୁ ଐତିହାସିକ ଓ ଯୁଗାନ୍ତକାରୀ ବୋଲି କହିଥିବାବେଳେ ମୁଖ୍ୟବିରୋଧୀ ବିଜେଡି ଏହାକୁ 'ରଙ୍ଗବୋଳା ଓ ବିଫଳ ସରକାର' କହିଛି। କଂଗ୍ରେସ ମଧ୍ୟ ବିଜେପି ସରକାର ନିଜର କାର୍ଯ୍ୟକୁ ନେଇ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ଦାବି କରିଛି। ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାରରେ ସାମିଲ ୨ଜଣ ଉପମୁଖ୍ୟମନ୍ତ୍ରୀ, ୮ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ)ଙ୍କ ମଧ୍ୟରୁ କେବଳ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଜଣେ ବି ମନ୍ତ୍ରୀ(ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ)ଙ୍କର ପୂର୍ବରୁ ସରକାର ପରିଚାଳନା(ମନ୍ତ୍ରିମଣ୍ଡଳର ସଦସ୍ୟତା) ହେବାର ଅଭିଜ୍ଞତା ନାହିଁ। ଏପରିକି ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ କେବଳ ରବି ନାରାୟଣ ନାଏକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ଗଣେଶରାମ ସିଂ ଖୁଣ୍ଟିଆ ଓ ସୂର୍ଯ୍ୟବଂଶୀ ସୂରଜଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ମନ୍ତ୍ରୀ ପ୍ରଥମଥରର ବିଧାୟକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯଦିଓ ୨୦୦୦ ମସିହାରୁ ୪ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି କିନ୍ତୁ ତାଙ୍କର ପ୍ରଶାସନିକ ଅଭିଜ୍ଞତା କେବଳ ବିଧାୟକ ଓ ବିଧାନସଭାରେ ସଚେତକ ମଧ୍ୟରେ ସୀମିତ ଥିଲା। ତେବେ ଅଭିଜ୍ଞତା ନଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ବେଶ୍ ଦକ୍ଷତା ଓ ସଫଳତାର ସହ କାର୍ଯ୍ୟ କରି ଚାଲିଛି। ଏହି ୧୧ମାସ ମଧ୍ୟରେ ମୋହନ ସରକାରଙ୍କୁ ନିଜସ୍ୱ ନିଷ୍ପତ୍ତି ନେବାରେ ସେଭଳି କୌଣସି ଆଖିଦୃଶିଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିବା ଭଳି ପ୍ରତୀତ ହୋଇନି। ପ୍ରବାସୀ ଭାରତୀୟ ଦିବସ ସମାରୋହ, ପୁଲିସ ଡିଜି ସମ୍ମିଳନୀ, ପୁରୀରେ ନୌସେନା ଦିବସ ପାଳନ ଓ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଭଳି ପ୍ରମୁଖ ଜାତୀୟସ୍ତର କାର୍ଯ୍ୟକ୍ରମର ସଫଳ ଆୟୋଜନ କରି ମୋହନ ମାଝୀ ସରକାର ନିଜର ଦକ୍ଷତା ପ୍ରତିପାଦନ କରାଇ ପାରିଛନ୍ତି । ତେବେ 'ସରକାରର ଏକ ପ୍ରଭାବଶାଳୀ ଛବି' ପ୍ରସ୍ତୁତ କରିବା ଏବେ ବି ମୋହନ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ରହିଛି। ଦୀର୍ଘବର୍ଷ ପରେ ରାଜ୍ୟକୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ମିଳିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାଦାସିଧା ବ୍ୟକ୍ତିତ୍ୱ ଓ ସିଧାସଳଖ ଲୋକଙ୍କୁ ଭେଟି କଥାବାର୍ତ୍ତା କରିବା ତାଙ୍କୁ ସାଧାରଣରେ ଜନପ୍ରିୟ କରାଇବାରେ ଲାଗିଛି। ସମ୍ବଲପୁରରେ ଜନଶୁଣାଣି ଓ ଭୁବନେଶ୍ୱରରେ ନିୟମିତ ଜନଶୁଣାଣି କରି ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିବା କୁହାଯାଉଛି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରକୁ ୪୦ବର୍ଷ ପରେ ଖୋଲିବା ଓ ଏହାର ମରାମତି କାର୍ଯ୍ୟ ମଧ୍ୟ ଜାରି ରହିଛି। ଦୀର୍ଘଦିନ ଧରି ବନ୍ଦ ରହିଥିବା ୪ଦ୍ୱାରକୁ ଖୋଲିବାରେ ସରକାର ସଫଳ ହୋଇଛନ୍ତି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ମାଧ୍ୟମରେ ୧୬.୭୩ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ସଂଗ୍ରହ ପ୍ରସ୍ତାବ ମାଧ୍ୟମରେ ରାଜ୍ୟରେ ବିକାଶକୁ



ତ୍ୱରାନ୍ୱିତ କରିବା, ଦୁର୍ନୀତି ବିରୋଧରେ ଜିରୋ ଟଲେରାନ୍ସ ନୀତି ଆପଣାଇ ୫୮ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଶ୍ରମିକଙ୍କ ମଜୁରୀ ବୃଦ୍ଧି ଆଦି ନିଷ୍ପତ୍ତି ସରକାରଙ୍କୁ ସଫଳ କରାଇଛି। ତେବେ ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କୌଣସି ଗୋଟିଏ ବି ଦୁର୍ନୀତି ଅଭିଯୋଗ ଆସି ନାହିଁ, ଯାହା ସରକାରଙ୍କୁ ଲୋକଙ୍କ ପାଖରେ ଆସ୍ଥାଭାଜନ କରାଇପାରିଛି । ମୋହନ ମାଝୀ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ସମସ୍ତ ସରକାରୀ ବିଭାଗଗୁଡ଼ିକର ପ୍ରଥମ ବର୍ଷର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ସଫଳତାକୁ ଦସ୍ତାବିଜ କରିବା ପାଇଁ ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବ। ଏହି କମିଟି ବିଭାଗୀୟ ସଫଳତାକୁ ସଂକଳନ କରି ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବ। ସେହିପରି ବଜେଟ୍‌ରେ ଘୋଷଣା ହୋଇଥିବା ନୂଆ ଯୋଜନାଗୁଡ଼ିକର ଏକ ତାଲିକା ଅର୍ଥ ବିଭାଗ ପ୍ରସ୍ତୁତ କରି ସମ୍ପୃକ୍ତ ବିଭାଗଗୁଡ଼ିକ ପଠାଇବେ ଯାହାକୁ ଆଗାମୀ ୬ମାସ ମଧ୍ୟରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କସ୍ତରରେ ବିଭାଗଗୁଡ଼ିକ ଅନୁମୋଦନ କରାଇବେ।






# ଦୁନିଆର ସବୁଠୁ ବିପଜ୍ଜନକ ଶିଡ଼ି



ଅଷ୍ଟ୍ରିଆରେ ଏକ ଶିଡ଼ି ଅଛି। ଯାହାକୁ 'ସ୍କାଏ ଲ୍ୟାଡର' କୁହାଯାଏ। ଏହା ଦୁନିଆର ସବୁଠାରୁ ବିପଜ୍ଜନକ ବୋଲି କୁହାଯାଏ। ଯାହାର ଲମ୍ବ ୧୪୦ ଫୁଟ ଏବଂ ଭୂମିରୁ ଉଚ୍ଚତା ୨,୨୯୬ ଫୁଟ। ଏହି ଶିଡ଼ିଟି ଦୁଇଟି ପର୍ବତ ଶିଖରକୁ ସଂଯୋଗ କରୁଛି। କେବଳ ସାହସୀ ଲୋକମାନେ ଏହି ପାହାଚ ଚଢ଼ିବାରେ ସକ୍ଷମ ହୋଇପାରିବେ। କିନ୍ତୁ ଥରେ ଏହି ଶିଡ଼ି ଚଢ଼ିବାରେ ସଫଳ ହେଲେ, ସେମାନେ ଏକ ଅତି ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଇବେ। ଯାହାର ସୌନ୍ଦର୍ଯ୍ୟକୁ 'ସ୍ୱର୍ଗ' ସହିତ ତୁଳନା କରାଯାଏ। ବର୍ତ୍ତମାନ ଏହା ସହ ଜଡ଼ିତ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି।ଅଗକ୍ଟଙ୍କଭଶ୍ବବସଭପକ୍ତ୍ରକ୍ଷବଭରଶ୍ବ ନାମକ ଏକ ଇନ୍‌ଷ୍ଟାଗ୍ରାମ୍ରେ ଭିଡିଓଟି ପୋଷ୍ଟ କରାଯାଇଛି। ଯେଉଁଥିରେ ଜଣେ ବ୍ୟକ୍ତି ସ୍କାଏ ଲ୍ୟାଡର ଚଢ଼ୁଛନ୍ତି। ଭିଡିଓରେ ଏହି ବ୍ୟକ୍ତିଙ୍କୁ ଦେଖିଲେ ହୋସ୍ ଉଡ଼ିଯିବ। ଆପଣ ଏଥିରେ ୪ଟି ଚମତ୍କାର ଦୃଶ୍ୟ ଦେଖିପାରିବେ। ଗଭୀର ଉପତ୍ୟକା, ଉଚ୍ଚ ପର୍ବତ ଏବଂ ସମତଳ ସବୁଜ ଜଙ୍ଗଲ ଦ୍ୱାରା ଘେରି ରହିଥିବା ଏକ ନିଆରା ଦୃଶ୍ୟ।ଭିଡିଓରେ ଦେଖିପାରିବେ ଶିଡ଼ି ତଳେ ଖାଲ କେତେ ବିପଜ୍ଜନକ ଏବଂ ଗଭୀର। ଯାହାକୁ ଦେଖି ଭୟରେ ଦେହ ଥରି ଉଠିବ। ଭିଡିଓ ଶେଷରେ ଏହା ଦେଖିବାକୁ ମିଳେ ଯେ, ଯେତେବେଳେ ବ୍ୟକ୍ତି ଜଣକ ଶିଖର ଧାରରେ ପହଞ୍ଚନ୍ତି, ସେତେବେଳେ ସେ ଏକ ଦୀର୍ଘ ନିଃଶ୍ୱାସ ଛାଡୁଛନ୍ତି।ଏକ ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରିଆର ଏହି ଆକାଶ ଶିଡ଼ି ସାହସିକତା ମଧ୍ୟରେ ବହୁତ ଲୋକପ୍ରିୟ। ଏହି ଶିଡ଼ିଗୁଡ଼ିକ ଲୁହାରେ ନିର୍ମିତ। ଏହି ମାର୍ଗକୁ ଫେରେଟା କୁହାଯାଏ। ଯାହା ମାଧ୍ୟମରେ ଜଣେ ଡୋନରକୋଗେଲ ପର୍ବତର ଶିଖରରେ ପହଞ୍ଚିଥାନ୍ତି।ଗୋନାକମର ଉତ୍ତର-ପଶ୍ଚିମ ପ୍ରାନ୍ତରେ ଥିବା ଡଚ୍‌ଷ୍ଟାଇନ୍ ପର୍ବତରେ ଡୋନରକୋଗେଲ ଏକ ଉଚ୍ଚ ପର୍ବତ। କିଛି ଲୋକ କୁହନ୍ତି, ଏହାକୁ ଚଢ଼ିବା ଅତ୍ୟନ୍ତ ଭୟାନକ, କିନ୍ତୁ ଥରେ ଯଦି ଜଣେ ବ୍ୟକ୍ତି ଏହାକୁ ଚଢ଼ିବାରେ ସଫଳ ହେଲେ, ସେ ପର୍ବତ ଉପରେ ସବୁଠାରୁ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଇଥାନ୍ତି। ତଥାପି 'ସ୍କାଏ ଲ୍ୟାଡ' ନିଶ୍ଚିତ ଭାବରେ ହୃଦ୍‌ସ୍ପନ୍ଦନ ବଢ଼ାଇଦେବ।

# ସ୍ୱାସ୍ଥ୍ୟପାଇଁ ଉପକାରୀ କଞ୍ଚାଲଙ୍କା



ସ୍ୱାସ୍ଥ୍ୟପାଇଁ ବେଶ୍ ଉପକାରୀ କଞ୍ଚାଲଙ୍କା। ଅନେକ ଏହାକୁ ନିୟମିତ ଭାବେ ଖାଦ୍ୟରେ ସାମିଲ କରୁଥିବା ବେଳେ ଏହାର ଉପାଦେୟ ଗୁଣ ବିଷୟରେ ଏତେଟା ଜାଣି ନ ଥାନ୍ତି। ତେବେ କଞ୍ଚାଲଙ୍କାରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ। ଏଣୁ ଏହା ଓଜନ କମ୍ କରିବାଠାରୁ ଆରମ୍ଭ କରି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ଦେଇଥାଏ।

ଜାଣନ୍ତୁ ଏ ବିଷୟରେ:

- କଞ୍ଚାଲଙ୍କାରେ ଥିବା ଡାଏଟ୍ରି ଫାଇବର ପାଚନତନ୍ତ୍ର ପାଇଁ ଭଲ।
- କଞ୍ଚାଲଙ୍କାରେ ଭିଟାମିନ ସି ଏବଂ ଇ ରହିଥାଏ। ଏଣୁ ଏହା ତ୍ୱଚାର ଚମକ ବଢ଼ାଇବାରେ ସହାୟକ ହୋଇଥାଏ।
- ଏଥିରେ ପାଣିର ମାତ୍ରା ଅଧିକ ଥିବାରୁ ଏହା କ୍ୟାଲୋରୀ ଶୂନ ଥିବା ଖାଦ୍ୟ। ଏଣୁ ଏହା ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭଲ। କାରଣ ଏହା ଚର୍ବି ଅଂଶକୁ କମ୍ କରିଥାଏ। ଫଳରେ ଓଜନ କମ୍ କରିଥାଏ।
- କଞ୍ଚାଲଙ୍କା ବିଟା-କ୍ୟାରୋଟିନ, ଆଣ୍ଟିଅକ୍ସିଡାଣ୍ଟର ଉତ୍ସ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।
- ନିୟମିତ ଭାବେ କଞ୍ଚାଲଙ୍କା ସେବନ ଦ୍ୱାରା ଇନ୍ସୁଲିନ(ଶର୍କରା)ର ସ୍ତର ନିୟନ୍ତ୍ରଣରେ ରହିଥାଏ। ଫଳରେ ରକ୍ତରେ ଏହାର ପରିମାଣ ସନ୍ତୁଳିତ ରହିଥାଏ।
- କଞ୍ଚାଲଙ୍କାରେ ଭିଟାମିନ୍ ଭରପୂର ଥିବାରୁ ଏହା ଅଷ୍ଟିଓପୋରୋସିସ୍ର ଆଶଙ୍କାକୁ କମ୍ କରିବାରେ ସହାୟକ ହୋଇଥାଏ।

# ଭାଗ୍ୟ ବଦଳାଇବ ପୁରୁଣା ପର୍ସ



ଏମିତି କେତେଜଣ ଅଛନ୍ତି; ଯେଉଁମାନେ ତାଙ୍କ ପର୍ସକୁ ଖୁବ୍ ଭଲ ପାଆନ୍ତି। ତାକୁ ଲକି ଚାର୍ମ ବୋଲି ଭାବନ୍ତି। ପର୍ସଟି ପୁରୁଣା ହୋଇ ଫାଟି ଯାଇଥିଲେ ବି ତାକୁ ଫୋପାଡ଼ିବାକୁ ଚାହାନ୍ତି ନାହିଁ। ହେଲେ ବାସ୍ତୁଶାସ୍ତ୍ରରେ ଏମିତି କେତୋଟି ଉପାୟ ରହିଛି; ଯଦ୍ଦ୍ୱାରା ପୁରୁଣା ପର୍ସକୁ ବ୍ୟବହାର ନକରି ମଧ୍ୟ ଏହାର ସୁଫଳ ପାଇହେବ ବୋଲି ବିଶ୍ୱାସ ରହିଛି...

ଁ ଲକି ପର୍ସ ପୁରୁଣା ହୋଇ ଯାଇଥିଲେ, ସେଥିରୁ ସବୁ ଜିନିଷ କାଢି ନୂଆ ପର୍ସରେ ରଖିଦିଅନ୍ତୁ। ତା'ପରେ ନାଲି କପଡ଼ାରେ କିଛି କଏନ୍ ବାନ୍ଧି ପୁରୁଣା ପର୍ସରେ ରଖିଦେଲେ ଦେଖିବେ ପୁରୁଣା ପର୍ସ ସବୁବେଳେ ସେମିତି ଲକି ହୋଇ ରହିଥିବ ଆଉ ଆପଣ ତାହାର ଫାଇଦା ପାଇ ଚାଲିଥିବେ।

ଁ ପୁରୁଣା ଲକି ପର୍ସରେ ନାଲି କପଡ଼ାରେ କିଛି ଅରୁଆ ଚାଉଳ ବାନ୍ଧି ରଖିଦେବେ। କିଛିଦିନ ପରେ ସେହି ଚାଉଳରୁ କିଛି ନେଇ ନୂଆ ପର୍ସରେ ରଖିଦେଲେ ଦେଖିବେ ପୁରୁଣା ପର୍ସରୁ ଯେଉଁ ସକାରାତ୍ମକ ଉର୍ଜା ମିଳୁଥିଲା ନୂଆ ପର୍ସରୁ ବି ସେହି ଉର୍ଜା ମିଳିବ।

ଁପୁରୁଣା ପର୍ସ ଫୋପାଡିବାକୁ ଚାହୁଁ ନଥିଲେ ତାହାକୁ ନାଲି କପଡ଼ାରେ ଗୁଡ଼ାଇ ଆଲମାରିର ଲକର୍ ଭିତରେ ରଖିପାରିବେ। ଆଉ ଏହାକୁ ଖାଲି ନ ରଖି ସେଥିରେ କିଛି ଖୁଚୁରା ଟଙ୍କା/ ଚାଉଳ/ କର୍ପୂର/ ସଫା ରୁମାଲଟିଏ ରଖିଦେଲେ ଶୁଭ ହେବ।

ଁ ପୁରୁଣା ଫାଟି ଯାଇଥିବା ପର୍ସକୁ ଯଦି ସଜାଡ଼ିକି ବ୍ୟବହାର କରିହେଉଛି ତା'ହେଲେ ଭଲ। ନଚେତ୍ ତୁରନ୍ତ ବଦଳାଇଦେବା ଦରକାର। କାରଣ ଏହିପର୍ସ ଅର୍ଥହାନୀର କାରଣ ସାଜିଥାଏ। ଏକ୍ଷେତ୍ରରେ ଉପରୋକ୍ତ ଉପାୟଗୁଡ଼ିକୁ ପାଳନ କରାଯାଇପାରେ।

# ଆଜିର ରାଶିଫଳ

**ମେଷ:** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ସରଳୀକୃତ ହେବ । ପାରିବାରିକ କ୍ଷେତ୍ରରେ ମନାନ୍ତର ମତାନ୍ତର ଦୂର ହୋଇଯିବ । ସନ୍ତାନମାନେ ଆଜ୍ଞାଧୀନ ହେବେ । ଶାରୀରିକ ମାନସିକ ତଥା ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ।

**ବୃଷ:** କର୍ମୋନ୍ନତି ସହ ସମ୍ମାନ ପ୍ରାପ୍ତିର ଯୋଗ ରହିଛି । କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି । ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ ହେବେ । ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ଗ୍ରହଣ କରି ପ୍ରଶଂସନୀୟ ହେବେ।

**ମିଥୁନ:** ଶତ୍ରୁମାନେ ପରାଜିତ ହେବେ। ବିଦ୍ୟାର୍ଥୀମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । ଆୟ ବୃଦ୍ଧି ଘଟିବ । କୌଣସି ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନିଜର ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ ।

**କର୍କଟ:** ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ । ପ୍ରକୃତିସ୍ଥ ହୋଇ ଚଳିଲେ ଦୁର୍ଗତିରୁ ସୁରକ୍ଷିତ ରହିହେବ। ପୁରୁଣା ରୋଗର ପ୍ରକୋପ ବୃଦ୍ଧି ପାଇବା ସହ ଶତ୍ରୁମାନେ ପୁଣି ଥରେ ପଛରେ ପଡ଼ି ପାରନ୍ତି।

**ସିଂହ:** ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ। ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ। ଭାଗିଦାରଙ୍କ ସହ ମିଶି ବ୍ୟବସାୟ ବୃଦ୍ଧି କରିବେ ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି । ବାହନରେ କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍।

**ତୁଳା:** ପୁରାତନ ରୋଗ ପ୍ରକୋପର ଉପଶମ ହୋଇ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହେବା ଫଳରେ ବଡ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ। ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ ପରି କାର୍ଯ୍ୟରେ ସଫଳତା ଅର୍ଜନ କରି ଆନନ୍ଦିତ ହେବେ।

**ବିଛା:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯିବ।


**ଧନୁ:** ବ୍ୟବସାୟରେ ଲାଭ ପାଇଲେ ମଧ୍ୟ କୌଣସି କାରଣ ପାଇଁ ଚିନ୍ତାରେ ରହିବେ । ନିର୍ମାଣାଧୀନ କାର୍ଯ୍ୟ ପାଇଁ ବ୍ୟସ୍ତ ରହିବେ ଓ ବନ୍ଧୁଙ୍କର ଆଗମନ ହେବ ନୂତନ ବ୍ୟବସାୟ ପାଇଁ ଋଣ କରିପାରନ୍ତି ଓ ବାକିପଡ଼ିଥିବା ଅର୍ଥ ଆଦାୟ ହେବ ।

**ମକର:** ସାଧାରଣ କଥାରେ ପରିବାରରେ ଭୁଲ୍ ବୁଝାମଣା ଦେଖାଦେଇପାରେ । ଫଳରେ ମନ ଭାରାକ୍ରାନ୍ତ ହେବ। ବ୍ୟବସାୟରେ ଲାଭ ମିଳିବାରୁ ଘର ପାଇଁ ନୂତନ ଦ୍ରବ୍ୟ କ୍ରୟ କରିବେ । ସ୍ୱାମୀସ୍ତ୍ରୀ ମଧ୍ୟରେ ଦାମ୍ପତ୍ୟ ଜୀବନ ସୁଖମୟ ରହିବ ଓ ସୁସ୍ୱାଦୁ ଭୋଜନ କରିବେ।

**କୁମ୍ଭ:** କର୍ମକ୍ଷେତ୍ରରେ ଦାୟିତ୍ୱ ବଢିବା ସହ ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନରେ ଉନ୍ନତି ହେବ । ଋଣ ପରିଶୋଧ କରିବା ସହ ଋଣ ପ୍ରାପ୍ତିର ସୁଯୋଗ ପାଇବେ। ସହଜ ସରଳରେ ନୂତନ କର୍ମ ନିଯୁକ୍ତି ପାଇବାସହ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ମାନସିକ ଶାନ୍ତି ମିଳିବ। ପାରିବାରିକ କ୍ଷେତ୍ରରେ ଧୈର୍ଯ୍ୟ ଓ ସହନ ଶୀଳତା କାଏମ ରହିବାସହ ରାଜନୈତିକ କ୍ଷେତ୍ରରେ ଜଟିଳ ପରିସ୍ଥିତି ସରଳ ହେବ। ଶିକ୍ଷାକ୍ଷେତ୍ରରେ ପ୍ରଶଂସିତ ହେବାସହ ଜୀବନସାଥୀଙ୍କ ପ୍ରତି ମନରେ ସମ୍ମାନ ଜାଗ୍ରତ ହେବ।

# ପଢ଼ିବା ସମୟରେ କାହିଁକି ନିଦ ଆସେ ?



ଅଧିକାଂଶ ସମୟରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆମେ ଚାପଗ୍ରସ୍ତ ଅନୁଭବ କରିଥାଉ । ଫଳରେ ମସ୍ତିଷ୍କ ଥକିଯିବା କାରଣରୁ ଆମକୁ ନିଦ ମାଡ଼ିଥାଏ । ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଅସନ୍ତୁଳିତ ଆହାର ସେବନ ଏହାର ଅନ୍ୟ ଏକ କାରଣ । କିନ୍ତୁ ବେଳେ ବେଳେ ପାଠ ପଢ଼ିବା ସମୟରେ ଆମକୁ ଅଳସୁଆ ଅନୁଭବ ହୋଇଥାଏ ଓ ନିଦ ମାଡ଼ିଆସେ। ବିଶେଷକରି ଛାତ୍ରଛାତ୍ରୀଙ୍କ ଏହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଫଳରେ ସେମାନଙ୍କ ସ୍ମରଣଶକ୍ତି ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଥାଏ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ନିଦ ଆସିବା ପଛରେ ମଧ୍ୟ ବିଜ୍ଞାନ ରହିଛି । ଆଖି ଉପରେ ଅଧିକ ଚାପ ପଡ଼ିଲେ ଏହାର ମାଂସପେଶୀ ଶିଥିଳ ହୋଇଥାଏ ଏବଂ ମସ୍ତିଷ୍କ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଇଥାଏ । ଫଳରେ ନିଦ ଆସିଥାଏ । ତେବେ ଆସନ୍ତୁ ଜାଣିବା ଏହା ପଛରେ କ'ଣ କାରଣ ରହିଛି।

୧. ଅଧିକ ମାନସିକ କାର୍ଯ୍ୟ: ଅତ୍ୟାଧିକ ପାଠପଢ଼ା, ଦୀର୍ଘ ସମୟ ପର୍ଯ୍ୟନ୍ତ କମ୍ପ୍ୟୁଟର କିମ୍ବା ଲାପଟପରେ କାମ କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ । ଫଳରେ ମାନସିକ ଥକ୍କାପଣ ଶରୀର ଉପରେ ପ୍ରଭାବ ପକାଇଥାଏ ଏବଂ ଆମକୁ ନିଦ ଆସିଥାଏ ।

୨. ଅନିୟମିତ ସ୍ଲିପ୍ ସାଇକେଲ: ସୁସ୍ଥ ଜୀ ବନଶୈଳୀ ପାଇଁ ସୁନିଦ୍ରା ଅତ୍ୟନ୍ତ ଜରୁରୀ । ଶୋଇବା ସମୟରେ ଅନିୟମିତତା ଦେଖାଦେଲେ ଅସମୟରେ ନିଦ ଆସିଥାଏ ।

୩. ଅସନ୍ତୁଳିତ ଆହାର: ଅସନ୍ତୁଳିତ ଆହାର ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ଏହାର ସେବନ କରିବା ଦ୍ୱାରା ଶରୀରକୁ ଉଚିତ ପୋଷଣ ମିଳିନଥାଏ ଏବଂ ଆମେ ଥକ୍କାପଣ ଅନୁଭବ କରିଥାଉ ।

୪. ପଢ଼ିବା ସମୟରେ ଭୁଲ ଅଭ୍ୟାସ: ଦୀର୍ଘ ସମୟ ଧରି ଗୋଟିଏ ପୋଜିସନରେ ପାଠପଢ଼ିବା ଦ୍ୱାରା ଉଭୟ ଶରୀର ଓ ମସ୍ତିଷ୍କ ଶୀଘ୍ର ଥକିଯାଏ । ଏହା ବାଦ୍ କୌଣସି ବିଷୟରେ ରୁଚି ନଥିଲେ ଏହା ଏକ ବୋଝ ପରି ମନେ ହୁଏ ଓ ଶୀଘ୍ର ନିଦ ଆସିଥାଏ ।

୫. ସ୍ୱାସ୍ଥ୍ୟ ସମସ୍ୟା: ରକ୍ତହୀନତା, ଥାଇରଏଡ୍, ଡିପ୍ରେସନ୍ ଆଦି ଭଳି ସମସ୍ୟା ପାଇଁ ବ୍ୟକ୍ତିଙ୍କୁ ଅସମୟରେ ନିଦ ଆସିଥାଏ ।

ପଢ଼ିବା ସମୟରେ କିପରି ନିଦକୁ ଏଡ଼ାଇ ପାରିବେ ?

- ◀ ପର୍ଯ୍ୟାପ୍ତ ମାତ୍ରାରେ ଅର୍ଥାତ ୭-୮ ଘଣ୍ଟା ପର୍ଯ୍ୟନ୍ତ ଶୋଇବା ଆବଶ୍ୟକ ।
- ◀ ସନ୍ତୁଳିତ ଏବଂ ପୁଷ୍ଟିକର ଆହାର ସେବନ କରନ୍ତୁ । ଡାଏଟରେ ବିଭିନ୍ନ ପ୍ରକାର ଫଳ, ପନିପରିବା, ଡାଲି, କ୍ଷୀର ଜାତୀୟ ପଦାର୍ଥ ଇତ୍ୟାଦି ସାମିଲ କରନ୍ତୁ । ଯେତେଦୂର ସମ୍ଭବ ଜଙ୍କ୍ ଫୁଡ୍ ଠାରୁ ଦୂରେଇ ରୁହନ୍ତୁ ।
- ◀ ଏକକାଳୀନ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ପଢ଼ି ୩୦-୪୫ ମିନିଟରେ ୫-୧୦ ମିନିଟର ବ୍ରେକ୍ ନିଅନ୍ତୁ । ପାଠପଢ଼ା ପାଇଁ ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରନ୍ତୁ । ଗ୍ରୁପରେ ପାଠପଢ଼ିଲେ ଅଧିକ ନିଦ ଆସିନଥାଏ ।
- ◀ ନିଜକୁ ସବୁବେଳେ ହାଇଡ୍ରେଟ୍ ରଖନ୍ତୁ ।
- ◀ ବ୍ୟାୟାମ, ଧ୍ୟାନ, ଯୋଗ, ସଂଗୀତ ଶୁଣିବା ଭଳି ସୁଅଭ୍ୟାସ ଆପଣାନ୍ତୁ । ଏହା ମସ୍ତିଷ୍କ ଶାନ୍ତ ରଖିବା ସହ ଏକାଗ୍ରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

# ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍



ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଡିଜ୍ ଯାହା କହିଥିଲେ ତାହା ପୂରଣ କରିଛନ୍ତି। 'ଫତେ' ଫିଲ୍ମର ଶୁଟିଂ ଶେଷହେବା ସମୟରେ ସେ ୟୁନିଟ୍ ସଦସ୍ୟଙ୍କୁ ଏକ ଡିନର ପାର୍ଟି ଦେବାକୁ ସୂଚନା ଦେଇଥିଲେ। ଏବେ ତ ଏହାର ଶୁଟିଂ ପୂରା ଦମ୍ରେ ଚାଲୁ ରହିଛି। ନିକଟରେ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ହଠାତ୍ ଡିନର ପାର୍ଟିକୁ ଆମନ୍ତ୍ରଣ କରିଥିଲେ। ଏକଥା ଶୁଣିବା ପରେ କେତେକେ 'ଏହା ପଛରେ କାରଣ କ'ଣ ଅଛି' ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଜ୍ୟାକଲିନ୍ କହନ୍ତି, "ଆପଣମାନେ ହୁଏତ ଗୋଟିଏ କଥାକୁ ମନେରଖିନାହାନ୍ତି। କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିବେ ବୋଲି କହିଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।" ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ। ଏହି ସମୟରେ ଜ୍ୟାକ୍ଲିନ୍ ଏହି ଫିଲ୍ମର ଶୁଟିଂ ସମୟରେ ସ୍ମରଣୀୟ ଘଟଣାଗୁଡ଼ିକୁ ବଖାଣିବାକୁ ଭୁଲି ନ ଥିଲେ। ତା' ସହ ନିଜ ଅଭିନୟ ଜୀବନର କେତେକ ରୋଚକ କଥାକୁ ସେଠାରେ ମଧ୍ୟ ପ୍ରକାଶ କରିଥିଲେ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସୋନୁ ସୁଦ୍। ଚିତ୍ରଟି ଚଳିତ ମାସ ୧୦ରେ ରିଲିଜ ହେବାର ଯୋଜନା ରହିଛି।

# ହାର୍ଟକୁ ସୁସ୍ଥ ରଖିବାକୁ ଚାହୁଁଥିଲେ...



କରୋନା ସମୟରେ ସୁସ୍ଥ ରହିବା ଏକ ବଡ଼ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ। ତେବେ ଏହି ମହାମାରୀ ହେତୁ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବି ବୃଦ୍ଧି ପାଇଛି। ଲୋକମାନେ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ମେଦବହୁଳତା, ଡାଇବେଟିସ୍ ଏବଂ ହୃଦରୋଗରେ ପୀଡ଼ିତ ରୋଗୀମାନେ କରୋନାରେ ଅଧିକ ବିପଦରେ ଥାଆନ୍ତି। ତେଣୁ ଏଥିପାଇଁ ସଠିକ୍ ସମୟରେ ସଠିକ୍ ଖାଦ୍ୟ ଗ୍ରହଣ କରିବା ସହ ଦୈନିକ ବ୍ୟାୟାମ ନିତ୍ୟାନ୍ତ ଜରୁରୀ। ଅନେକ ଗବେଷଣାରେ ଏହା ପ୍ରମାଣିତ ହୋଇଛି ଯେ, ଡାଏଟ୍ ଦ୍ୱାରା ରକ୍ତଚାପ ଏବଂ କୋଲେଷ୍ଟରଲ ନିୟନ୍ତ୍ରିତ ହୋଇଥାଏ। ଏଥିସହ ହୃଦ୍ଘାତ, ଷ୍ଟୋନ୍, ଷ୍ଟ୍ରୋକ ଏବଂ ଡାଇବେଟିସ୍ ହେବାର ଆଶଙ୍କା କମିଯାଏ। ତେବେ ଜାଣନ୍ତୁ ଏହି ଡାଏଟ୍ ବିଷୟରେ...

ଚାପରୁ ମୁକ୍ତି ପାଇଁ ପ୍ରଚୁର ପରିମାଣର ଶୁଅନ୍ତୁ। ଖାଦ୍ୟରେ ଶସ୍ୟ, ମାଛ, ଚର୍ବିହୀନ ଦୁଗ୍ଧ, କୁକୁଡ଼ା, ଫଳ ଏବଂ ତଟକା ପନିପରିବା ପ୍ରଚୁର ପରିମାଣର ଖାଆନ୍ତୁ। ଏହା ରକ୍ତଚାପ ନିୟନ୍ତ୍ରଣ କରିବା ସହ ହୃଦ୍ଘାତର ଆଶଙ୍କା ମଧ୍ୟ କମାଇଥାଏ। ଖାଦ୍ୟରେ ସୋଡିୟମ ଯୁକ୍ତ ଲୁଣ ଖାଆନ୍ତୁ। ବାଦାମ, ସିଡ୍ସ ଏବଂ ଫ୍ୟାଟି ମାଛ ଖାଆନ୍ତୁ। ଏପରି କରିବା ଦ୍ୱାରା କରୋନା ମହାମାରୀ ସମୟରେ ସୁସ୍ଥ ରହିପାରିବେ।

# ଖୁଆ ଚିକେନ୍

**ଆବଶ୍ୟକ ସାମଗ୍ରୀ :** ଚିକେନ୍, ଦହି, ଖୁଆ, ଶୁଖିଲା ଲଙ୍କା, ଧନିଆ, ପାନମଧୁରୀ, ପିଆଜ, କଳା ଜିରା, ଲବଙ୍ଗ, ଡାଲଚିନି, କ୍ୟାପ୍ସିକମ୍, ଅଦା ରସୁଣ ବଟା, କଟା ରସୁଣ, ଗରମ ମସଲା, ଧନିଆପତ୍ର, ଲୁଣ, ହଳଦି ଓ ଲଙ୍କା ଗୁଣ୍ଡ

**ପ୍ରସ୍ତୁତ ପ୍ରଣାଳୀ :** ଖୁଆ ଚିକେନ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ କରେଇରେ ଶୁଖିଲା ଲଙ୍କା, ପାନମଧୁରୀ, ଧନିଆ ଓ କଳାଜିରା ପକାଇ ଅଳ୍ପ ସମୟ ପାଇଁ ଭାଜି ଦିଅନ୍ତୁ । ଏହି ଭଜା ଗୋଟା ମସଲାକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ। ପରେ ଚିକେନ୍କୁ ଭଲ କରି ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଗୋଟା ମସଲା ଗୁଣ୍ଡ, ଦହି, ଖୁଆକୁ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ। ପରେ ତାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍ରେ ରଖି ଦିଅନ୍ତୁ। ଏହାପରେ କରେଇରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଟା ଡାଲଚିନି ପକାନ୍ତୁ। ପରେ କଟା ପିଆଜ ପକାଇ ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜର ରଙ୍ଗ ବାଦାମୀ ହେବାପରେ ଅଦାରସୁଣ ବଟା ପକାଇ କିଛି ସମୟ ପାଇଁ କଷନ୍ତୁ। ମସଲା କଷି ହେବା ପରେ ସେଥିରେ କଟା କ୍ୟାପସିକମ୍ ଓ ଗୋଟା ରସୁଣ ପକାଇ୨ ରୁ ୩ ମିନିଟ୍ ଭାଜନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦି ଓ ଲଙ୍କାଗୁଣ୍ଡ ପକାଇ ଦିଅନ୍ତୁ। ଯେତେବେଳେ ମସଲାରୁ ତେଲ ଛାଡ଼ି ଆସିବ ସେତେବେଳେ ଗୋଳା ହୋଇ ରହିଥିବା ଚିକେନ୍କୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ କଷନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ଚିକେନକୁ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ଚିକେନ ସିଝିଗଲା ପରେ ସେଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଦିଅନ୍ତୁ। ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଖୁଆ ଚିକେନ୍'।





ରାଜ୍ୟ ପ୍ରଜାତନ୍ତ୍ର
କଟକ
୪-୫-୨୦୨୫
ପୃଷ୍ଠା:୩

### ପାକିସ୍ତାନୀଙ୍କ ସହ ବାଂଲାଦେଶୀ ଆତଙ୍କୀଙ୍କ ସହଯୋଗ

# ବଙ୍ଗୋପସାଗରରେ ହାଇଆଲର୍ଟ



ଭଦ୍ରକ, (ପିପିଏସ୍): ପହଲଗାମରେ ୨୬ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ବେଳେ ଦେଶର ପ୍ରତିରକ୍ଷା ବିଭାଗ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହେଇଛି। ଏଭଳି ସ୍ଥିତିରେ ଭାରତର ସମସ୍ତ ସୀମାନ୍ତବର୍ତ୍ତୀ ରାଜ୍ୟରେ ଜଳ, ସ୍ଥଳ ଓ ଆକାଶପଥରେ ପ୍ରତିରକ୍ଷା ବିଭାଗ ସଜାଗ ରହି ଆତଙ୍କବାଦୀ, ଅନୁପ୍ରବେଶକାରୀ, ଜାତୀୟ ଅନ୍ତର୍ଜାତୀୟ ଚୋରା ବେପାରୀଙ୍କ ପ୍ରତି କଡ଼ା ନଜର ରଖାଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କ ସହିତ ବାଂଲାଦେଶ ଆତଙ୍କବାଦୀ ହାତ ମିଳାଇଥିବା ଭାରତୀୟ ଗୋଇନ୍ଦା ସଂସ୍ଥା ସୂଚନା ପାଇବା ପରେ ଭାରତର ସୀମାନ୍ତବର୍ତ୍ତୀ ରାଜ୍ୟ ଓ ବଙ୍ଗୋପସାଗରରେ ପ୍ରତିରକ୍ଷା ବାହିନୀକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡିଶାରୁ ବାଲାଂଦେଶ ସମୁଦ୍ରପଥ ପ୍ରାୟ ୨ ଶହ ନଟିମାଇଲ ଦୂର ଥିବା ବେଳେ ଓଡିଶା ଉପକୂଳର ତଟସୁରକ୍ଷା ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ବାଂଲାଦେଶରୁ ଓଡ଼ିଶା ଉପକୂଳକୁ ପହଞ୍ଚିବାକୁ ସମୁଦ୍ର ପଥରେ ମାତ୍ର ୪ ଘଣ୍ଟାରୁ କମ୍ ସମୟ ଲାଗୁଥିବାବେଳେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମୁଦ୍ର ପଥ ମୁକୁଳା ରହିଛି। ତଟସୁରକ୍ଷା ଲାଗି ବର୍ଷକୁ ଦୁଇଥର ସାଗରକବଚ ନାମିତ ସମରାଭ୍ୟାସରେ କେବଳ ସୀମିତ ରହିଛି। ଅନ୍ୟ ସମୟରେ ସମୁଦ୍ରତଟ ଅସୁରକ୍ଷିତ ରହିଛି।

ନିକଟରେ ସମୁଦ୍ରପଥରେ ଭାରତକୁ ଅନୁପ୍ରବେଶ କରିଥିବା ୨୪ଜଣ ବାଂଲାଦେଶୀଙ୍କୁ ପଶ୍ଚିମବଙ୍ଗ ଗୋସାବା ଦ୍ୱୀପରୁ ତଟରକ୍ଷୀ ବାହିନୀ ଗିରଫ କରିଥିଲା। ଆତଙ୍କବାଦୀ ଗତିବିଧି ଓ ଅନୁପ୍ରବେଶ ରୋକିବା ଲାଗି ବଙ୍ଗୋପସାଗରରେ ହାଇଆଲର୍ଟ ଜାରି ହୋଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ସମୁଦ୍ରରେ ତଟରକ୍ଷୀ ବାହିନୀ ଓ ନୌବାହିନୀ ସାମରିକ ଅଭ୍ୟାସ ଜାରି ରଖିଛନ୍ତି। ଓଡ଼ିଶାର ବାଲେଶ୍ୱର ଜିଲା ଉପକୂଳରେ ତାଳସାରୀ ବାହାବଳପୁର ଓ ବଳରାମଗଡ଼ି ସହିତ ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ୨୦୧୫ରୁ ଅଦ୍ୟାବଧି ୧୮ଟି ମେରାଇନ ଥାନା ନିର୍ମାଣ କରାଯାଇଛି। ହେଲେ ସମସ୍ତ ଥାନାରେ ଆବଶ୍ୟକ ପୋଲିସ କର୍ମଚାରୀ, ରହଣି ନିମନ୍ତେ କ୍ୱାର୍ଟର୍ସ, ଆଧୁନିକ ଅସ୍ତ୍ରଶସ୍ତ୍ର, ଆକସ୍ମିକ ଦୁର୍ଘଟଣା କିମ୍ବା ବିପଦ କାଳୀନରେ ସମୁଦ୍ର ମଧ୍ୟକୁ ଯିବା ଲାଗି ସ୍ପିଡି ବୋଟ୍? ଅଭାବ ରହିଥିବା ତାଳସାରୀ ମେରାଇନ ଥାନାର ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୨୮ ତାରିଖରୁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସ୍ଥଳ ଓ ଜଳପଥରେ ତଟରକ୍ଷୀ ଓ ପୋଲିସ ବାହିନୀ ୨୪ ଘଣ୍ଟିଆ ନାକାଚେକିଂ କରାଯାଉଛି। ଖଡ଼୍‌ଗପୁର କଲେଇକୁଣ୍ଡାରୁ ପ୍ରତିରକ୍ଷା ବିଭାଗର ଯୁଦ୍ଧବିମାନ ଚାନ୍ଦିପୁର ପର୍ଯ୍ୟନ୍ତ ଆକାଶ ସୀମାରେ ଚକ୍କର ମାରୁଛି। ବାଲେଶ୍ୱର ଏସ୍‌ପି ରାଜପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଓ ଜଳେଶ୍ୱର ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ୧୦ଟି ରାସ୍ତାକୁ ପୋଲିସ ପକ୍ଷରୁ କଡା ଯାଞ୍ଚ କରାଯାଉଛି। ତାଳସାରୀ ମେରାଇନ ଥାନାର ଅଧିକାରିଣୀ ଚମ୍ପାବତୀ ସୋରେନ ସୀମାନ୍ତରେ ୨୪ ଘଣ୍ଟିଆ ନାକା ଚେକିଂ କରାଯାଇ ସମସ୍ତ ସନ୍ଦେହଜନକ ଗତିବିଧିକୁ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସୂଚନା ଦେଇଛନ୍ତି।

# ପାରାଦୀପପ୍ରବେଶ ପଥ ପାଲଟିଛି ମରଣଜନ୍ତା

### ସ୍କୁଟି ଚାଳକକୁ ଚାପିଦେଲା ଆଇରନ୍ ଟ୍ରକ୍

### ପ୍ରତ୍ୟେହ ହେଉଛି ଦୁର୍ଘଟଣା



ପାରାଦୀପ (ପିପିଏସ୍): ପାରାଦୀପ ଇଫକୋ ଛକ ନିକଟରେ ଦୁର୍ଘଟଣା,ସ୍କୁଟି ଚାଳକ ପଛପଟୁ ଚଢିଗଲା ଆଇରନ୍ ବୋଝେଇ ଟ୍ରକ, ଘଟଣାସ୍ଥଳରେ ସ୍କୁଟି ଆରୋହି ମୃତ, ଦୁର୍ଘଟଣା ଘଟାଇଥିବା ଡ୍ରାଇଭରକୁ ଧରି ନିସ୍ତୁକ ମାଡ ମାରିଲେ ସ୍ଥାନୀୟ ଲୋକ। ଘଟଣା ସ୍ଥଳରେ ଉତେଜନା। ସୂଚନା ମୁତାବକ ଆଜି ଦିନ ୧୦ଟା ସମୟରେ କିଶୋର ସିରୋମଣୀ ନାମକ ଜଣେ ବ୍ୟକ୍ତି ସ୍କୁଟିରେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ କୁ ଯାଉଥିବା ସମୟରେ ଆଇରନ୍ ବୋଝେଇ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଜଣଙ୍କ ତଳେ ପଡିଯାଇଥିବା ବେଳେ ଟ୍ରକ ଟି କିଶୋରଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ଡ୍ରାଇଭର କୁ ଧରି ନିସ୍ତୁକ ମାଡ ମାରିବା ସହ ପୋଲିସ କୁ ଜିମା ଦେଇଛନ୍ତି। ଘଟଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଉତ୍ତେଜନା ରହିଛି। ତେବେ ମୃତ ବ୍ୟକ୍ତି କିଶୋର ସିରୋମଣୀ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଘର ନୟାଗଡ଼ ବୋଲି ଜଣାପଡିଛି।

# ଚାଷୀ ମୁଣ୍ଡରେ ଚଡ଼କ: ଝଡ଼ବର୍ଷା, କୁଆପଥର ମାଡ଼ରେ ଉଜୁଡ଼ିଲା ରବି ଧାନ



ବରଗଡ଼ : ବରଗଡ଼ ଜିଲ୍ଲାରେ କାଳବୈଶାଖୀର କରାଳ ରୂପ ଲାଗି ରହିଛି। ଶନିବାର ସନ୍ଧ୍ୟାରେ ମଧ କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ଝଡବର୍ଷା ସାଙ୍ଗକୁ କରାମାଡ (କୁଆପଥର ବୃଷ୍ଟି) ହେଉଛି। ଏବେ ରବି ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସିଥିବା ସମୟରେ କରାମାଡ ଯୋଗୁ ସେହି ଧାନ ଫସଲ ଉଜୁଡି ଯାଇଛି। ଏଥିପାଇଁ ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡିଛି। ସେହିପରି ଝଡବର୍ଷା ଯୋଗୁ ସା ପ୍ରାୟ ୫ଟା ୩୦ମିନିଟରୁ ବରଗଡ଼ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ଠପ ପଡିଛି। ଖବର ଲେଖା ହେବା ସୁଦ୍ଧା (ରାତି ୯ଟା ପର୍ଯ୍ୟନ୍ତ) ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ପାରି ନାହିଁ। ଫଳରେ ସହର ସମେତ ଅନେକ ଅଞ୍ଚଳ ଅନ୍ଧାରରେ ରହିଛି।

ଚଳିତ ସପ୍ତାହରେ ବାରମ୍ବାର ଏଭଳି ଝଡବର୍ଷା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ୨ଦିନ ପୂର୍ବରୁ ଭଟଲି ବ୍ଲକ ଅନ୍ତର୍ଗତ ହଳଦୀପାଲି ଗ୍ରାମରେ କାଳବୈଶାଖୀ ପ୍ରଭାବରୁ ହୋଇଥିବା କରାମାଡରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ତେବେ ତାର କ୍ଷୟକ୍ଷତି ଆକଳନ ଠିକ ଭାବରେ ନ ସରୁଣୁ ଶନିବାର ପୁଣି ଭଟଲି ବ୍ଲକ ଅନ୍ତର୍ଗତ ନାରଙ୍ଗପୁର ପଞ୍ଚାୟତର ଜୟପୁର, ଝିକିଝିକି, କହେନମୁଣ୍ଡା, ଗୌରପାଲି, ନାରଙ୍ଗପୁର, ବିଛୁଆଁ, କାଶିପାଲି, ସାନ ଅମ୍ଳିପାଲି ଗ୍ରାମରେ ପ୍ରବଳା କରାମାଡ଼ ଯୋଗୁଁ ଧାନଫସଲ ସହିତ ପରିବା ଫସଲ ଉଜୁଡି ଯାଇଛି।

ଉପରୋକ୍ତ ପଞ୍ଚାୟତରେ ଗଭୀର ନଳକୂପ ଯୋଗେ ହଜାର ହଜାର ଏକର ଧାନ ତଥା ପରିବା ଚାଷ ହୋଇଥଲା। ଏହି ଅଦିନିଆ ବର୍ଷା ସହିତ କରାମାଡ଼ରେ ସେସବୁ ଧୂଳିସାତ୍ ହେବା ଆଶଙ୍କା ରହିଛି । ଧାନ କେଣ୍ଡାରେ କୁଆପଥର ମାଡ ହେବାରୁ ତାହା ଝଡ଼ି ପଡ଼ିଛି। ସେହିପରି ଧାନକେଣ୍ଡାରେ ଯାହା ବି ରହିଛି, ତାହା ଅଗାଡି ହେବାର ଯଥେଷ୍ଟ ଆଶଙ୍କା ସୃଷ୍ଟି କରିଛି । ଏହା ଚାଷୀଙ୍କ ପାଇଁ ଚଡକ ଭଳି ହୋଇଛି । ଏଭଳି ପ୍ରାକୃତିକ ଦୂର୍ବିପାକ ଯୋଗୁ ଧାନଫସଲ ସହିତ ପନିପରିବାଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ତାହାର ଶୀଘ୍ର ଆକଳନ କରାଯାଇ କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବା ପାଇଁ ନାରଙ୍ଗପୁର ସରପଞ୍ଚ ପିଙ୍କି ପାଣ୍ଡେ ସମେତ ଚାଷୀମାନେ ଦାବି କରିଛନ୍ତି ।ତେବେ କେବଳ ନାରଙ୍ଗପୁର ପଞ୍ଚାୟତ ନୁହେଁ, ଜିଲାର ବିଭିନ୍ନ ଅଞ୍ଚଳରେ ଝଡ଼ବର୍ଷା ଯୋଗୁଁ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି। ପ୍ରଶାସନ ଏହାର ସଠିକ ଆକଳନ ସହିତ କ୍ଷତିପୂରଣ ଏବଂ ବୀମା ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି।

# ଠାକୁରଙ୍କ ବଳକା କାଠକୁ କେଉଁଠି ନେଇ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ : ଆଇନ ମନ୍ତ୍ରୀ



ଭୁବନେଶ୍ୱର, (ପିପିଏସ୍): ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଏବଂ ଦାରୁ କାଠରୁ ଦୀଘା ମନ୍ଦିର ମୂର୍ତ୍ତିରେ ବ୍ୟବହାର କରାଯିବ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଘଟଣାକୁ ନେଇ ଆଲୋଚନା ହେଉଛି, ସେ ସବୁ ସତ କି ମିଛ, ତାହା ତଦନ୍ତ ସରିବା ପରେ ଜଣାପଡ଼ିବ। ଜଗନ୍ନାଥଙ୍କ ଦାରୁର ବଳକା କାଠରେ ମୂର୍ତ୍ତୀ ତିଆରି କରି ବାହାରକୁ ନେବା। ଏ ସବୁ ବାବଦରେ ଚର୍ଚ୍ଚା ଆଲୋଚନା ହେଉଛି। ତେବେ କିଏ କେଉଁ ମନ୍ଦିରକୁ ଗଲେ ତାହା ଧର୍ତବ୍ୟ ନୁହେଁ। କିନ୍ତୁ ଠାକୁରଙ୍କ ବଳକା କାଠକୁ କେଉଁଠି ନେଇ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ମହାପ୍ରଭୁ ଜଗନ୍ନାଥଙ୍କ ଧାମ ସହ ବିଶ୍ୱର କୌଣସି ଜଗନ୍ନାଥ ମନ୍ଦିରକୁ ତୁଳନା କରିବା ଆପ୍ରସଙ୍ଗିକ ଏବଂ ଅଗ୍ରହଣୀୟ । ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି। ଯଦି ଏଥିରେ କାହାର ମନ୍ଦ ଉଦ୍ଦେଶ୍ୟ ଅଛି, ସେହି ମନ୍ଦ ଉଦ୍ଦେଶ୍ୟ ଥିବା ଲୋକଙ୍କ ଉପରେ ଦଣ୍ଡ ବିଧାନ କରାଯିବ। ଏ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବ। ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଲେଖା ଯିବାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଆଇନ ମନ୍ତ୍ରୀ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବାବଦରେ ଜାଣନ୍ତୁ। କାରଣ ଚାରି ଧାମ ମଧ୍ୟରୁ ଜଗନ୍ନାଥଙ୍କ ପୁରୀ ଧାମ ଗୋଟିଏ। ତେଣୁ ଅନ୍ୟ କେଉଁଠି ମନ୍ଦିର ତିଆରି କରାଯାଇପାରେ, କିନ୍ତୁ ଧାମର ଆଖ୍ୟା ଦିଆଯାଇପାରିବ ନାହିଁ।

# ଦାରୁଚୋର ସେବାୟତଙ୍କୁ ଗିରଫ ଦାବିରେ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ବିକ୍ଷୋଭ




ଭୁବନେଶ୍ୱର : ପଶ୍ଚିମ ବଙ୍ଗଳାରେ ଦୀଘାଠାରେ ଗତ ଅକ୍ଷୟ ତୃତୀୟା ଦିନ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥଙ୍କର ଦାରୁ ବିଗ୍ରହ ସ୍ଥାପନରେ ପୁରୀ ଜଗନ୍ନାଥ ମନ୍ଦିରର ଯେଉଁ ସେବାୟତମାନେ ସମ୍ପୃକ୍ତ, ସେମାନଙ୍କୁ ଗିରଫ କରିବାକୁ ଦାବି କରି ଶନିବାର ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମାଷ୍ଟର କ୍ୟାଣ୍ଟିନଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଅସ୍ମିତା ପରିଷଦର ଆବାହକ ରବି ବେହେରାଙ୍କ ଦ୍ୱାରା ପ୍ରଦତ୍ତ ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କିଛି ଦଇତାପତି ନବକଳେବର ସମୟରେ ପୁରୀ ଜଗନ୍ନାଥ ମନ୍ଦିରରେ ଗଚ୍ଛିତ ଥିବା ପବିତ୍ର ବିଗ୍ରହଙ୍କର ଦାରୁକୁ ଲୁଚଛପାରେ ନେଇ ପଶ୍ଚିମବଙ୍ଗଳା ଦୀଘାଠାରେ ତିଆରି ହୋଇଥିବା ଜଗନ୍ନାଥଙ୍କ ବିଗ୍ରହରେ ଲଗାଇଛନ୍ତି। ଏହା ଏକ ଗର୍ହିତ ଅପରାଧ ଏବଂ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଏକ ଚରମ ଅପମାନ ଯାହା ବିଶ୍ୱବ୍ୟାପୀ କୋଟି କୋଟି ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଦଇତାପତି ଓ ଅନ୍ୟାନ୍ୟ ସେବାୟତ ନିଯୋଗମାନେ ନିଜର ଅଧିକାରକୁ ଆଇନର ଉର୍ଦ୍ଧ୍ୱରେ ବୋଲି ଭାବି ଜଗନ୍ନାଥ ସଂସ୍କୃତି ସହିତ ସବୁବେଳେ ଖେଳ ଖେଳୁଛନ୍ତି। ଯେଉଁମାନେ ଏହି ବଳକା ପବିତ୍ର ଦାରୁଚୋରିରେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଓ ଜଗନ୍ନାଥଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତଥା ପୋଲିସ୍‌ରେ ଏତଲା ଦେବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି।

ଜଗନ୍ନାଥଙ୍କ ସତ୍ତ୍ୱଲିପିରେ ସେମାନଙ୍କର ଥିବା ଅଧିକାରକୁ ବିଚ୍ଛିନ୍ନ କରିବା ସହିତ ସେମାନେ ଭୋଗ ଦଖଲ କରି ଆସୁଥିବା ଜଗନ୍ନାଥଙ୍କ ଜମିରୁ ସେମାନଙ୍କୁ ଉଚ୍ଛେଦ କରାଯାଉ। ଜଗନ୍ନାଥଙ୍କ ସଂସ୍କୃତିକୁ ଅପମାନିତ କରିଥିବା ଯୋଗୁ ଏହି ସେବାୟତମାନେ ଜଗନ୍ନାଥପ୍ରେମୀଙ୍କ ପାଖରେ କ୍ଷମା ମାଗିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଯଦି ରାଜ୍ୟ ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ଏବଂ ସମ୍ପୃକ୍ତ ସେବାୟତଙ୍କୁ ଗିରଫ କରାନଯାଏ, ତେବେ ଆଗାମୀ ଦିନରେ ଏହାକୁ ନେଇ ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ କରାଯିବ ବୋଲି ଅସ୍ମିତା ପରିଷଦ ପକ୍ଷରୁ ଚେତାବନୀ ଦିଆଯିବା ସଙ୍ଗେ ସଙ୍ଗେ କୋଟି କୋଟି ଜଗନ୍ନାଥପ୍ରେମୀ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ନିବେଦନ କରାଯାଇଛି। ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଦୀଘା ଜଗନ୍ନାଥ ଧାମ ନାମ କାଟିବା ପାଇଁ ଓଡ଼ିଶାଗସ୍ତରେ ଆସୁଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପଶ୍ଚିମ ବଙ୍ଗଳା ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ସହିତ ଆଲୋଚନା କରିବାକୁ ଅସ୍ମିତା ପରିଷଦ ଦାବି କରିଛି। ଏହି ବିକ୍ଷୋଭରେ ଆବାହକ ଶ୍ରୀ ବେହେରାଙ୍କ ସମେତ ଯୁବନେତା ଦେଶପ୍ରିୟ ଦାସ, ନାରୀନେତ୍ରୀ ସାବିତ୍ରୀ ବେହେରା, ଛାତ୍ରୀନେତ୍ରୀ ପ୍ରିୟଙ୍କା ବେହେରା, ବଳରାମ ନାୟକ, ସୁବାସ ତାରଣିଆ, ଅରୁଣ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମପୁରରେ ମୁଖ୍ୟମନ୍ତ୍ରୀ ଶୁଣିବେ ଦକ୍ଷିଣାଞ୍ଚଳ ୮ ଜିଲ୍ଲାର ଅଭିଯୋଗ

ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁର ଠାରେ ଚଳିତ ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦକ୍ଷିଣାଞ୍ଚଳ ସମସ୍ତ ଆଠଗୋଟି ଜିଲ୍ଲାର ଅଭିଯୋଗ ଶୁଣାଣି କରିବେ। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାବନା ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ - ତଥା- ସ୍ୱତନ୍ତ୍ର ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡିଶା ନିହାର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏମ୍ ଶ୍ରବଣା ବିବେକ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ରୂପରେଖ କିଭଳି ହେବ ସେହି ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଥିଲା। ପ୍ରରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଜଣାଇ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ କିଭଳି ସମସ୍ତଙ୍କ ସହଯୋଗ କ୍ରମେ ଅନୁଷ୍ଠିତ ହେବ ସେଥି ନିମନ୍ତେ ନିଜର ମତ ଉପସ୍ଥାପନ କରିଥିଲେ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ - ତଥା- ସ୍ୱତନ୍ତ୍ର ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡିଶା ଶ୍ରୀ ଦାଶ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଅବଗତ କରାଇଥିଲେଯେ, ରାଜ୍ୟ ସ୍ତରରେ ନଅ ଥର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଏବଂ ଦଶମ ଅଭିଯୋଗ ଶୁଣାଣି ସମ୍ବଲପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଆନ୍ତରିକତାର ସହ ସମସ୍ତ ଜନ ସାଧାରଣଙ୍କର ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠଟିରେ ମାନବୀୟ ସମ୍ବେଦନା ସହିତ ଅଭିଯୋଗକାରୀଙ୍କର ଅଭିଯୋଗ ଶୁଣାଣି ହେବ। ଗ୍ରୀଷ୍ମ ପ୍ରବାହ ହେତୁ ସକାଳ ୮ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଗୁଡିକର ଶୁଣାଣି ହେବ। ଗଜପତି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଅଭିଯୋଗ ଗୁଡିକ ଶୁଣାଣି କରିବେ। ଏଥି ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର ହେବ। ଅଭିଯୋଗ ଆବେଦନ ନିମନ୍ତେ ୭୨ ଘଣ୍ଟା ପୂର୍ବରୁ ଅନ୍ ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବାକୁ କୁହାଯାଇଛି। ଏତତ୍‌ବ୍ୟତୀତ ଅଣ ପଞ୍ଜିକୃତ ଆବେଦନକାରୀ ମାନଙ୍କର ଅଭିଯୋଗ ପତ୍ର ଗୁଡିକ ଶିବାରରେ ସିଧା ସଳଖ ଗ୍ରହଣ କରାଯିବ। ଦକ୍ଷିଣାଞ୍ଚଳ ସ୍ତରୀୟ ଏହି ଅଭିଯୋଗ ଶୁଣାଣି ପ୍ରଥମ ଥର ହେଉଥିବା ହେତୁ ଲୋକଙ୍କ ମନରେ ଉତ୍ସାହ ରହିବ ଏବଂ ଅଧିକ ସଂଖ୍ୟକ ଲୋକେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୋଗ ଦେବେ। ଏଣୁକରି ଅଭିଯୋଗ ପ୍ରକୋଷ୍ଠରେ ଆଇନ୍ ଶୃଙ୍ଖଳା ପରିସ୍ଥିତି, ପାନୀୟ ଜଳ ବ୍ୟବସ୍ଥା, ଅଂଶୁଘାତ ଜନିତ ଚିକିତ୍ସା ନିମନ୍ତେ ଅସ୍ଥାୟୀ ଶିବିର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଶିଶୁ ମାତୃକକ୍ଷ, ପ୍ରେସ ଗ୍ୟାଲେରୀ, ନିରନ୍ତର ବିଦ୍ୟୁତ ସେବା ବ୍ୟବସ୍ଥା, ସ୍ୱଚ୍ଛତା ପରିମଳ ବ୍ୟବସ୍ଥା, ଅଭିଯୋଗକାରୀଙ୍କ ନିମନ୍ତେ ଖାଦ୍ୟପେୟ ବ୍ୟବସ୍ଥା ଇତ୍ୟାଦି ବିଷୟ ନେଇ ସୁବିସ୍ତୃତ ଆଲୋଚନା ହୋଇଯାଇଛି। ନିର୍ଦ୍ଧାରିତ ତାରିଖ ଏବଂ ସ୍ଥାନ ସ୍ଥିର ହେବା ପରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଯଥେଷ୍ଟ ପୂର୍ବରୁ ଜଣାଇ ଦିଆଯିବ।

ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅତିରିକ୍ତ ଶାସନ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଛତ୍ରପୁର ଉପ ଆରକ୍ଷୀ ଅଧୀକ୍ଷକ, ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ: ମିଳିତ କ୍ରିୟାନୁଷ୍ଠାନ କମିଟି



ବ୍ରହ୍ମପୁର (ପିପିଏସ୍): ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ, ଶିଳ୍ପ, ନିଯୁକ୍ତି ସର୍ବୋପରି ଭିତ୍ତିଭୂମି ଭଳି ସବୁ କ୍ଷେତ୍ରରେ ପଛୁଆ ତଥା ଦାରନ ଓ ଦାରିଦ୍ର୍ୟର ତାଡ଼ନାରେ କାଳାତିପାତ କରୁଥିବା ଏହି ଅନଗ୍ରସର ଦକ୍ଷିଣାଞ୍ଚଳର ଆଶାନୁରୂପ ବିକାଶ ଓ ତ୍ୱରିତ ଉନ୍ନୟନ ନିମନ୍ତେ କିଛି ଦିନ ତଳେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ହେବ ବୋଲି ଘୋଷଣା କରିଥିଲେ। ଏଥି ନିମନ୍ତେ ସରକାରରେ ପ୍ରତିନିଧିତ୍ୱ କରୁଥିବା ଏହି ଅଞ୍ଚଳର ମନ୍ତ୍ରୀ, ବିଧାୟକ ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ଟାସ୍କ ଫୋର୍ସ ସବୁ ଦିଗ ଓ କଥାକୁ ବିଚାରକୁ ନେଇ ପରିଷଦର ରୂପରେଖ, କାର୍ଯ୍ୟ ପ୍ରଣାଳୀ, ଗଠନ ପ୍ରକ୍ରିୟା ଓ ଏହାର ମୁଖ୍ୟାଳୟ କ'ଣ ରହିବ ତଥା ଏହାର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥାନ କେଉଁଠି ରହିବ ଇତ୍ୟାଦି ବିଷୟ ଉପରେ ବିଚାର ବିମର୍ଶ କରି ରାଜ୍ୟ ସରକାରଙ୍କୁ ନିଜ ସୁପାରିଶ ପ୍ରଦାନ କରିବା। ତତ୍ ପରେ ଟାସ୍କ ଫୋର୍ସର ସୁପାରିଶ ଆଧାର କରି ରାଜ୍ୟ ସରକାର ପରିଷଦର ବିଭିନ୍ନ ଗଠନ ନେଇ ଘୋଷଣା କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇତିମଧ୍ୟରେ ଟାସ୍କ ଫୋର୍ସ ଗଠନ ହେବାର ଚାରି ମାସ ଅତିବାହିତ ହୋଇ ଯାଇଥିଲେ ମଧ୍ୟ କେବଳ ଦୁଇ ଥର ଟାସ୍କ ଫୋର୍ସ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଅପରନ୍ତୁ ସେହି ବୈଠକର କ'ଣ ନିଷ୍ପତ୍ତି ନିଆଗଲା ଜହାକୁ କିଛି ଜଣା ନାହିଁ। ସେହିପରି ଟାସ୍କ ଫୋର୍ସ ନିଜ ରିପୋର୍ଟ ଓ ସୁପାରିଶ କେବେ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବ ତାହା ଏଯାଏଁ ସ୍ପଷ୍ଟ ନୁହଁ। ଇତ୍ୟବସରରେ ସରକାର ପରିଷଦ ଗଠନ ନହେଉଣୁ ଚଳିତ ବଜେଟରେ ପରିଷଦ ନିମନ୍ତେ ୨୦୦ କୋଟିର ଅର୍ଥ ବ୍ୟୟ ବରାଦ ବ୍ୟବସ୍ଥା ରଖିଛନ୍ତି।

ଏହି ଦୃଷ୍ଟିରୁ ସମସ୍ତେ ଆଶା କରୁଥିଲେ ଯେ ଖୁବ୍ ଶୀଘ୍ର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ହେଇ ତାହାର କାର୍ଯ୍ୟାଳୟ ଏଠାରେ ସ୍ଥାପିତ ହୋଇ କାର୍ଯ୍ୟ ଆରମ୍ଭ କରିବ। କିନ୍ତୁ ଟାସ୍କ ଫୋର୍ସ ଯେଉଁ ଢଙ୍ଗରେ କାର୍ଯ୍ୟ କରୁଛି ତାହା ଏଥରେ ଶୀଘ୍ର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ହୋଇ କାର୍ଯ୍ୟ ଆରମ୍ଭ ହେବାଭଳି ପରିଦୃଶ୍ୟ ହେଉ ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ଓଡିଶାର ଦକ୍ଷିଣ ଭାଗରେ ଥିବା ଏହି ଦକ୍ଷିଣାଞ୍ଚଳର ଭୌଗୋଳିକ, ସାମାଜିକ, ଆର୍ଥିକ, ବ୍ୟବସାୟିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନାଗ୍ରସରତାକୁ ଦୃଷ୍ଟିରେ ରଖି ତଥା ଏହାର ବିକାଶ ଏଠାର ଆବଶ୍ୟକତାକୁ ଉପଲବ୍ଧି କରି ସ୍ୱତନ୍ତ୍ର ଭାବରେ ଏକ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବାକୁ କହୁ ଦିନରୁ ଦାବୀ ହୋଇ ଆସୁଥିଲା। ପରିଶେଷରେ ରାଜ୍ୟର ମୋହନ ମାଝୀ ସରକାର ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତଥା ଏହି ଅଞ୍ଚଳର ଅବଦାନ ଓ ସ୍ୱତନ୍ତ୍ରତାକୁ ସ୍ୱୀକୃତ ଦେଇ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନେଇ ନୀତିଗତ ନିଷ୍ପତ୍ତି ନେଲେ। ଏହି ପରିପ୍ରେକ୍ଷୀରେ ସରକାର ଟାସ୍କ ଫୋର୍ସ ତୁରନ୍ତ ଏ ଦିଗରେ ବିଚାର କରି କିପରି ଏହା ସ୍ୱୟଂ ଶାସିତ ମାନ୍ୟତା ପାଇ ନିଜ ଯୋଜନା ନିଜେ ନିଜେ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିପାରିବ ତହା ସୁନିଶ୍ଚିତ କରି ନିଜର ସୁପାରିଶ ପ୍ରଦାନ କରି ପରିଷଦ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ସହର ତଥା ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଅଶୋକ କୁମାର ପଟ୍ଟନାୟକ ଆଗ୍ରହ କରିଛନ୍ତି। ଆବଶ୍ୟକ ହେଲେ କମିଟି ତରଫରୁ ପରିଷଦ ଗଠନର ରୂପରେଖ ପ୍ରସଙ୍ଗରେ କମିଟି ଦ୍ୱାରା ପୂର୍ବରୁ ସରକାରଙ୍କୁ ଦିଆଯାଇ ଥିବା ଉପାଦେୟ ପ୍ରସ୍ତାବ ଗୁଡ଼ିକୁ ବିଚାରକୁ ନେବାକୁ କମିଟି ଟାସ୍କ ଫୋର୍ସ କୁ ନିବେଦନ କରୁଛି।

# ଉଠା ଜଳସେଚନ ଓ ପାଣି ପଞ୍ଚାୟତ ମହାସଂଘ ତରଫରୁ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ

କଟକସଦର (ପିପିଏସ୍): କଟକ ସଦର ୪୨ମୌଜା କୁଳସରିଛାଁ ଗ୍ରାମ ପଞ୍ଚାୟତସ୍ଥ ବରାଳ ମା' ନାରାୟଣୀଙ୍କ ପୀଠସ୍ଥଳୀଠାରେ ପବିତ୍ର ଅକ୍ଷୟ ତୃତୀୟା ଶୁଭ ଅବସରରେ କଟକ ସଦର ଉଠା ଜଳସେଚନ ଓ ପାଣି ପଞ୍ଚାୟତ ମହାସଂଘ ତରଫରୁ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନନୀୟ ଅତିଥି ଭାବରେ "ଆତ୍ମା"ର ଅଧକ୍ଷ ରମାପ୍ରସାଦ ବିଶ୍ୱାଳ ଓ ସମ୍ମାନନୀୟ ଅତିଥି ଭାବରେ କୃଷି ଅଧିକାରୀ କଟକ ସଦର ମୋନାଲିସା ଜେନା ଓ କୁଳସରିଛାଁ ଗ୍ରା:ପ ର ସମିତି ସଭ୍ୟ ଦିଲ୍ଲୀପ କୁମାର ବିହାରୀ ଯୋଗଦାନ କରିଥିଲେ। ଏହି ସଭାରେ ମହାସଂଘର ସଭାପତି ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମା' ନାରାୟଣୀଙ୍କ ପାଖରେ ନୂଆ ଚୋକେଇ ଓ ଗଉଣିରେ ବିହନକୁ ରଖି ପୂଜା ଅର୍ଚ୍ଚନା କରି ସମସ୍ତ ଚାଷୀଭାଇମାନେ ଓ ମହାସଂଘର କର୍ମକର୍ତ୍ତା ଖୋଳ, ତାଳ, ଶଂଖ, ହୁଳହୁଳି ଦେଇ ଖେତକୁ ହଳବଳଦ ସହିତ ଅଖିମୁଠି ଅନୁକୂଳ ପାଇଁ ଯାଇଥିଲେ। ଖେତରେ ପୂଜାଅର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। ବିଧାୟକ ଶ୍ରୀଯୁକ୍ତ ସେଠୀ ନିଜେ ହଳର ଲଙ୍ଗି ଧରି ହଳ ବୁଲାଇଥିବା ସ୍ଥଳେ ଚାଷୀ ଭାଇର ଗାଉଳ ବିହନ ବୁଣିଥିଲେ। ପରେ ପରେ ଏକ ସଭାର ଆୟୋଜନ କରାଯାଇଥିଲା। ମହାସଂଘର ସଂପାଦକ ସନ୍ତୋଷ କୁମାର ପାତି ଉଠା ଜଳସେଚନ ଓ ପାଣି ପଞ୍ଚାୟତ ମହାସଂଘର କାର୍ଯ୍ୟକ୍ରମ ବିଷୟରେ ସଭାକୁ ଅବଗତ କରାଇ ତୁରନ୍ତ ଟାଟା ପାଓ୍ୱାର ସ୍ମାର୍ଟ ମିଟର ପ୍ରଚଳନକୁ ବନ୍ଦ କରିବାକୁ ବିଧାୟକଙ୍କୁ ନିବେଦନ କରିଥିଲେ। ଏହି ସଭାରେ ବେଷ୍ଟକାର ସମିତି ସଭ୍ୟ ବିନୋଦ କୁମାର ବେହେରା, ୪୨ମୌଜା ବିଜେପି ମଣ୍ଡଳ ସଭାପତି ସୁଧାଂଶୁ ଦାସ, ସମବାୟ ସମିତିର ଉପସଭାପତି ଦେବେନ୍ଦ୍ର ସ୍ୱାଇଁ, ସମୀର ରଞ୍ଜନ ପଣ୍ଡା, କରୁଣିଶ ତ୍ରିପାଠୀ, ରବିନ୍ଦ୍ର କୁମାର ସ୍ୱାଇଁ, ବିଜୟ ରାଉତରାୟ, ସୁକଦେବ ପଟ୍ଟନାୟକ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ରବିନ୍ଦ୍ର ମହାନ୍ତି, ସୁଜନ ରାଉତ, ରବିନ୍ଦ୍ର ପରିଡ଼ା, ପାବନାସ ବେହେରା, ହେମନ୍ତ ମୁଦୁଲି, ପ୍ରଭାକର ଦାସ, ନିତ୍ୟାନନ୍ଦ ବେହେରା, ଚରଣ ରାଉଳ, ନବଘନ ସାହୁ, ବଂଶୀଧର ରାଉଳ, ହିମାଂଶୁ ଶେଖର ଚୌଧୁରୀ, ଲୋକନାଥ ବେହେରା, ମନୁଆ ଭୋଇ, ନବକିଶୋର ନାୟକ, ସୁଭ୍ରାଂଶୁ ମହାପାତ୍ର, ଦୁର୍ଗାପ୍ରସାଦ ପତି, ବଂଶୀଧର ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ସର୍ବଶେଷରେ ଚାଷୀ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଶନିଶ୍ଚର ମନ୍ଦିରରେ ଜଳଲାଗି କଲେ ଶ୍ରଦ୍ଧାଳୁ



ରଘୁନାଥପୁର (ପିପିଏସ): ଶନିବାର ବିଭିନ୍ନ ସ୍ଥାନରେ ଥିବା ସନି ମନ୍ଦିରରେ ଜଳାଭିଷେକ କରା ଯାଇଥିବାବେଳେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ସିର୍ଲୋ ପଞ୍ଚାୟତ ସ୍ଥିତ ବ୍ରାହ୍ମଣଖଣ୍ଡ ପାଖର ଘାଟର ମହାନଦୀ କୂଳରେଥିବା ଶନିଶ୍ଚର ମନ୍ଦିର ରେ ଜଳଲାଗିକଲେ ହଜାରହଜାର ଭକ୍ତ। ଏହି ଅବସରରେ ମାନସିକ ଧାରୀ ଗୋର ୫ଟାରୁ ମହାନଦୀରୁ ଜଳଆଣି ଶନିଶିଳାରେ ଢାଳି ମାନସିକ ପୂରାକରିଥିଲେ। ଶୁକ୍ରବାର ଘଟସ୍ଥାପନ ଓ ଅଙ୍କୁରାରୋପଣ କରାଯାଇ ଶନିବାର ଅଗ୍ନିସ୍ଥାପନ ସଂଧ୍ୟାରେ ମହାଯଜ୍ଞର ପୂର୍ଣ୍ଣ ଆହୁତି ଶେଷ ହୋଇଥିଲା। ଏହି ମହାଯଜ୍ଞରେ କମଳାକାନ୍ତ ମହାପାତ୍ର, ଲୋକନାଥ ମହାନ୍ତି, ଗୋବର୍ଦ୍ଧନ ଖୁଣ୍ଟିଆ, ଲକ୍ଷ୍ମୀଧର ଚୌଧୁରୀ, ସୋମନାଥ ଭୋଇ,ବିଜୟ ସେଠୀ,ମିଟୁ ବାରିକ,ମନୋଜ ଦାସ, ଓଶନିଦେବ କମିଟିର ସଦସ୍ୟ, ଗ୍ରାମବାସୀଙ୍କ ପୂର୍ଣ୍ଣସହଯୋଗ କରିଥିଲେ।ସିର୍ଲୋ ମହାବୀର ସେନା ଓ ରଘୁନାଥପୁର ଶ୍ରୀଜଗନ୍ନାଥ ସେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତମାନଙ୍କୁ ଦହିସର୍ବତ ଓ ଥଣ୍ଡାପାନୀୟ ବଣ୍ଟନ କରାଯାଇଥିଲା। ଏଥିରେ ଦୁଲାଲ ଭୋଇ, ଚନ୍ଦନ ସେନାପତି,କିଶନ ଚନ୍ଦ୍ର ସାହୁ, ତପନ ସ୍ୱାଇଁ, ବିଜୟଭାସ୍କର ଗାୟା ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ କଟକ ଜିଲ୍ଲା ହରିଜନ ମୋର୍ଚ୍ଚା ସଭାପତି ପ୍ରଦିପ ବେହେରା ଯୋଗଦେଇ ଶନିଦେବଙ୍କ ନିକଟରେ ପୂଜାଅର୍ଚ୍ଚାନା କରିଥିଲେ ଏବଂ ବୈଷ୍ଣବ ଚରଣ ଗାୟଙ୍କ ଉପସ୍ଥିତିରେ ଶନିଦେବ ପିଠର ଉନ୍ନତି ସମ୍ପର୍କ ରେ ଆଲୋଚନା କରିଥିଲେ। ଉକ୍ତରେ ଶାନ୍ତି ସୁରକ୍ଷା ରକ୍ଷାକରିବାପାଇଁ କିଶନନଗର ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ତତ୍ୱାବଧାନରେ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ରଘୁନାଥପୁର ବ୍ଲକ ପୂରଣଓଡପଡା, ଗୁଆଳିପୁର ଗଜା ଗୋସାଇଁ ପୀଠ, ତାରପୁର, ତଅଁରା, ଚିକିଣିଆ ଓ ସିବାପୁର ପଞ୍ଚାୟତ ସଙ୍କରପୁର ଗ୍ରାମରେ ଶନିଶ୍ଚରଙ୍କ ପୀଠରେ ମାନସିକ ଧାରୀ ଭକ୍ତମାନେ ନିଷ୍ଠାର ସହ ଜଳାଭିଷେକ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଚାରିଛକ, (ପିପିଏସ): ଚାରିଛକ- କାକଟପୁର ମୁଖ୍ୟ ରାସ୍ତାର ତୁଳସୀପୁର ଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଉଛନ୍ତି ଚାରିଛକ ଥାନା ଅନ୍ତର୍ଗତ କାଞ୍ଚିଗରପାଟଣା ଗ୍ରାମର କୈଳାସ ଚନ୍ଦ୍ର ସାହୁଙ୍କ ପତ୍ନୀ ହାରାମଣି ସାହୁ ( ୭୦)। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ହାରାମଣି ତୁଳସୀପୁର ବଜାରରୁ ଘରପାଇଁ ସଉଦା କିଣି ଘରକୁ ଫେରୁଥିବା ବେଳେ ତୁଳସୀପୁରର ବନ୍ଧଳମାଳ ଠାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ସେ ରାସ୍ତାରେ ରକ୍ତାକ୍ତ ହୋଇ ପଡ଼ିଥିବା ବେଳେ ଖବର ପାଇ ଚାରିଛକ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହାରାମଣିଙ୍କ ଶବକୁ ଜବତ କରି ସେହି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବ୍ୟବଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ତେବେ ମହିଳାଙ୍କୁ ଧକ୍କା ଦେଇଥିବା ଗାଡ଼ିର ପତ୍ତା ମିଳି ପାରିନାହିଁ।

# ଜ୍ୟୋତି ପ୍ରକାଶଙ୍କ କୃତିତ୍ୱ

ଚାରିଛକ,(ପିପିଏସ): ନିମାପଡା ବ୍ଲକ ଅମରେଶ୍ୱର ହାଇସ୍କୁଲର ଛାତ୍ର ଜ୍ୟୋତି ପ୍ରକାଶ ସାହୁ ମାଟ୍ରିକ ପରୀକ୍ଷାରେ ୫୬୦ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ତାଙ୍କୁ ଏ -୧ ଗ୍ରେଡ ମିଳିଛି। ଜ୍ୟୋତିଙ୍କ ଘର ଚାରିଛକ ଥାନା ଅନ୍ତର୍ଗତ ସୁଧବାରିମୂଳ ଗ୍ରାମରେ। ଉକ୍ତ ଗ୍ରାମର ଜୟରାମ ସାହୁ ଓ ସବିତା ସାହୁଙ୍କ ପୁଅ ଅଟନ୍ତି ଜ୍ୟୋତି ପ୍ରକାଶ। ତାଙ୍କର ଏହି କୃତିତ୍ୱ ଓ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ମାଟ୍ରିକ ଏ-୧ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ନୟାଗଡ଼, (ପିପିଏସ୍): ଚଳିତ ମାଟ୍ରିକ ପରୀକ୍ଷାରେ ଏନଏସି ହାଇସ୍କୁଲର ୫୬୦ ନମ୍ବର ରଖି ଏ-୧ ପାଇଥିବା ଛାତ୍ରୀ ପିଙ୍କି କୁମାରୀ ସିଂଙ୍କୁ ବିଦ୍ୟାଳୟ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥି ସହିତ ଏ-୨ ପାଇଥିବା ଅନ୍ୟ ୫ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରଛାତ୍ରୀମାନେ ହେଲେ ଐଶ୍ୱର୍ଯ୍ୟା ପ୍ରଧାନ, ଶୁଭମ ମୁଦୁଲି, ପ୍ଲାଜା ରାଣୀ ପାତ୍ର, ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ର ଏବଂ ଆୟୁଷ କୁମାର। ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ସେମାନଙ୍କୁ ଫୁଲତୋଡ଼ା ଏବଂ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ଡାକୁଆ, ପୂର୍ଣ୍ଣିମା ତ୍ରିପାଠୀ, ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, ଜ୍ୟୋତିର୍ମୟୀ ରଥ, ଉମାକାନ୍ତ ମିଶ୍ର, କାଦମ୍ବିନୀ କରଣ, ସୌଦାମିନୀ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଯୋଗ୍ୟ ଯେ ଏନଏସି ହାଇସ୍କୁଲର ମୋଟ ୧୧୪ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରି ବିଦ୍ୟାଳୟ ପାଇଁ ଶତ ପ୍ରତିଶତ ସଫଳତା ଆଣିଛନ୍ତି।

# ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ: ବଢ଼ିଲା ପାସ୍ ହାର, ଏ-୧ ଗ୍ରେଡ୍

ବ୍ରହ୍ମପୁର, (ପିପିଏସ): ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଅପରାହ୍ଣରେ ବୋର୍ଡ କାର୍ଯ୍ୟାଳୟରେ ଫଳ ପ୍ରକାଶ ପାଇବାର କିଛି ଘଣ୍ଟା ପରେ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଥିଲା। ଏଥର ଛାତ୍ରଛାତ୍ରୀଙ୍କ ପାସ୍‌ହାର ବେଶ ଉତ୍ସାହଜନକ ରହିଛି। ଗଞ୍ଜାମ ଜିଲ୍ଲାରେ କୃତକାର୍ଯ୍ୟ ହାର ରାଜ୍ୟ ତୁଳନାରେ ଅଧିକ ହୋଇଛି। ରାଜ୍ୟସ୍ତରରେ ଉତ୍ତୀର୍ଣ୍ଣ ହାର ୯୬.୦୭ ପ୍ରତିଶତ ରହିଥିବା ବେଳେ ଗଞ୍ଜାମ ଜିଲ୍ଲାର ପାସ୍ ହାର ଏଥର ବୃଦ୍ଧି ପାଇ ୯୮.୧୦ ପ୍ରତିଶତରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଗତ ବର୍ଷ ନଅ ନମ୍ବର ସ୍ଥାନରେ ରହିଥିବା ଗଞ୍ଜାମ ଜିଲ୍ଲା ପାସ୍ ହାର ଅନୁସାରେ ଏଥର ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର କହିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ତତ୍ତ୍ୱାବଧାନରେ ପୂର୍ବ ଜିଲ୍ଲା ଶିକ୍ଷାଧିକାରୀ ମାଟ୍ରିକ୍ ପାସ୍ ହାର ଓ ଏ-୧ ଗ୍ରେଡ୍ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନେଇଥିଲେ । ଏ-୧ ଗ୍ରେଡ୍ ବୃଦ୍ଧି ପାଇଁ 'ମାଟ୍ରିକ୍ ମନ୍ତ୍ର' କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଫଳରେ ଏଥର ଏ-୧ ଗ୍ରେଡ୍ ସଂଖ୍ୟା ଏବଂ ପାସ୍‌ହାର ଉଭୟ ବୃଦ୍ଧି ପାଇଛି। ୨୦୨୪-୨୫ ଶିକ୍ଷା ବର୍ଷରେ ଗଞ୍ଜାମ ଜିଲ୍ଲାର ୬୩୭ଟି ହାଇସ୍କୁଲର ୪୨୮୩୭ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ ଓ ସେଥିରୁ ପରୀକ୍ଷାରେ ୬୦୩ ଜଣ ଅନୁପସ୍ଥିତ ରହିଥିଲେ ଏବଂ ୨ ଜଣ ମାଲ୍‌ପ୍ରାକ୍ଟିସ୍‌ରେ ବୁକ୍ ହୋଇଥିଲେ। ମୋଟ ୪୧୪୩୦ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଯେଉଁଥିରେ ଛାତ୍ରଙ୍କ ସଂଖ୍ୟା ୨୦୬୮୩ ଏବଂ ଛାତ୍ରୀଙ୍କ ସଂଖ୍ୟା ୨୦୭୪୭ ରହିଛି। ମୋଟ ୮୦୧ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ମୋଟ ପାସ୍ ହାର ୯୮.୧୦ ପ୍ରତିଶତ ରହିଛି। ପାସ୍ ହାର ବୃଦ୍ଧି ପାଇବା ସହ ଏ-୧ ଓ ଏ-୨ ଗ୍ରେଡ୍‌ଧାରୀ ମଧ୍ୟ ବଢ଼ିଛି। ଗତ ବର୍ଷ ଏ-୧ ଗ୍ରେଡ୍ ସଂଖ୍ୟା ୨୧୩ ରହିଥିଲା। ଏହି ସଂଖ୍ୟା ବଢ଼ାଇବା ଲକ୍ଷ୍ୟରେ ବିଷୟ ବଛା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ଶିକ୍ଷାଦାନ ଏବଂ ଡାଉଟ୍ କ୍ଲିୟରିଂ ସେସନ୍ କରାଯାଇଥିଲା। ଫଳରେ ଜିଲ୍ଲାରେ ଏଥର ଏ-୧ ଗ୍ରେଡ୍ ୨୨୩ରେ ପହଞ୍ଚିଛି।

ସେହିପରି ଏ-୨ ଗ୍ରେଡ୍?ଧାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟି ୧୨୧୪ ହୋଇଛି। ଏଥିସହିତ ବି-୧ରେ ୩୪୦୪, ବି-୨ରେ ୭୬୩୭, ସି' ଗ୍ରେଡ଼ରେ ୧୨୦୪୭, ଡି' ଗ୍ରେଡ୍‌ରେ ୧୨୨୮୭ ଏବଂ ଇ'ଗ୍ରେଡ୍‌ରେ ୪୬୧୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପଟେ ଏକ୍‌-ରେଗୁଲାର୍, ପତ୍ର ବିନିମୟ ରେଗୁଲାର, ପତ୍ର ବିନିମୟ ଏକ୍‌-ରେଗୁଲାରରେ କୃତକାର୍ଯ୍ୟ ହାର ଉତ୍ସାହଜନକ ନାହିଁ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ, ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଓ ସର୍ବସାଧାରଣମାନେ ଖୁସି ମନାଇଥିଲେ। ପରସ୍ପରକୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଆଦର୍ଶ ବିଦ୍ୟାଳୟ, ବ୍ଲକ ଗ୍ରାଣ୍ଟ ସ୍କୁଲକୁ ମିଶାଇ ମୋଟ ୬୩୭ ହାଇସ୍କୁଲ ରହିଛି। ରେଗୁଲାର ପରୀକ୍ଷାର୍ଥୀ ସଂଖ୍ୟା ୪୨୮୩୭, ଏକ୍‌-ରେଗୁଲାରରେ ୬୧, ସିଇ ରେଗୁଲାରରେ ୮୬, ସିଇ ଏକ୍‌-ରେଗୁଲାରରେ ୧୪, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର (ଏସ୍‌ଓଏସ୍‌ସି) ରେଗୁଲାର ୨୮୩, ଏଓଏସ୍‌ସି ଏକ୍ସ-ରେଗୁଲାରରେ ୯୯, ମଧ୍ୟମା ରେଗୁଲାର ୫୬ ଜଣ ଛାତ୍ରଛାତ୍ରୀ ରହିଥିଲେ। ଏହି ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାର ୨୨ ବ୍ଲକ୍‌ରେ ୨୧୭( ପତ୍ରବିନିମୟ ପାଇଁ ୩) ପରୀକ୍ଷା କେନ୍ଦ୍ର କରାଯାଇଥିଲା।

# ସନ୍ଧ୍ୟାରାଣୀ ଶଙ୍ଖଚିଲା ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ଟପ୍ପର



କୋରେଇ,(ପିପିଏସ) ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶଙ୍ଖଚିଲା ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସାନ୍ଧ୍ୟରାଣୀ ସାହୁ ସର୍ବାଧିକ ୫୩୭ ନମ୍ବର୍ ରଖି ସ୍କୁଲରେ ଟପ୍ପର ହୋଇଛନ୍ତି। ସୂଚନା ମୁତାବକ ଖମଣ ପଞ୍ଚାୟତର ଠାକୁର ପାଟଣା ଗ୍ରାମର ବୋଧିରାମ ସାହୁ, ମାତା ଆରତୀ ସାହୁଙ୍କ ଝିଅ ସନ୍ଧ୍ୟାରାଣୀ ନିଜ ଗାଁ ଠାକୁର ପାଟଣା ସ୍କୁଲରେ ପାଠ ପଢୁଥିବା ସମୟରେ ଏନ୍‌ଏମେଏମଏସ ପରୀକ୍ଷାରେ ସ୍କଲାରସିପ, ଏନଆରଟିଏସ ପରୀକ୍ଷାରେ ସ୍କଲାର ସିପି ପାଇ ସ୍କୁଲର ସୁନାମ ଅର୍ଜନ କରିଥିବା ବେଳେ ଦଶମ ଶ୍ରେଣୀ ପରୀକ୍ଷାରେ ସନ୍ଧ୍ୟାରାଣୀ ସ୍କୁଲରେ ସର୍ବୋଚ୍ଚ ନମ୍ବର୍ ରଖି ଟପ୍ପର ହୋଇଥିବା ବେଳେ ପ୍ରତୀକ କୁମାର ଦାସ (୫୦୩) ପୂର୍ଣ୍ଣିମା ନାୟକ, (୫୦୨) ପାୟଲ ପ୍ରାମାଣିକ, (୪୭୮) ଆଶାଲତା ସାହୁ, (୪୭୬) ସ୍ମୃତିରେଖା ସ୍ୱାଇଁ (୪୭୫)ଆୟୁଷ୍ମାନ ଗୁରୁ , (୪୫୬) ବିଶ୍ୱଜିତ୍ ସାହୁ, (୪୪୫) ପଦ୍ମାବତୀ ସାହୁ, (୪୪୫) ସ୍ମୃତି ରଞ୍ଜନ ସାହୁ, (୪୩୯) ଏହି ଖବର ପ୍ରକାଶ ପାଇବା ପରେ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପଞ୍ଚସଖା ଶିକ୍ଷା ସେତୁର ଅଧକ୍ଷ ଦିଲୀପ କୁମାର ସାହୁ, ବିଦ୍ୟାଳୟର କାର୍ଯ୍ୟକାରୀ କମିଟି, ଖମଣ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ରାଉତ, କୋରାଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ଶଙ୍ଖଚିଲା ର ବିଭିନ୍ନ ଅନୁଷ୍ଠାନ ଓ ପଞ୍ଚାୟତର ମାନ୍ୟଗଣ ବ୍ୟକ୍ତି ସନ୍ଧ୍ୟାରାଣୀଙ୍କ ବାସ ଭବନଙ୍କୁ ଯାଇ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ସନ୍ଧ୍ୟାରଣୀଙ୍କୁ ଆଶୀର୍ବାଦ କରିଥିଲେ।

# ଧାମନଗର ବ୍ଲକ୍‌ର ମାଟ୍ରିକ ପରୀକ୍ଷା ପାସ୍ ହାର କମ୍

ଧାମନଗର (ପିପିଏସ): ଗତବର୍ଷ ତୁଳନାରେ ମାଟ୍ରିକ ପରୀକ୍ଷା ପାସ ଓ ମେଧା ହାର ଭଦ୍ରକ ଜିଲ୍ଲାରେ କମ ଥିବା ବେଳେ ଧାମନଗର ବ୍ଲକରେ ମଧ୍ୟ କମ ଥିବା ଜଣା ଯାଇଛି। ଗତ ବର୍ଷ ଧାମନଗର ବ୍ଲକର ୯ ଜଣ ଏ-୧ ଗ୍ରେଡ଼ ପାଇଥିବା ବେଳେ ଚଳିତ ବର୍ଷ ଧାମନଗର ବ୍ଲକ ଅଧିନ ୪ ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜଣିଏ ଲେଖାଏଁ ପରୀକ୍ଷାର୍ଥୀ ମିଶି ମୋଟ ୫ ଜଣ ଶତକଡ଼ା ୯୦ ରୁ ଅଧିକ ନମ୍ବର ରଖି ଏ -୧ ପାଇଥିବା ଜଣାଯାଇଛି। ପରୀକ୍ଷା ଫଳ ବାହାରିବାକୁ ୨୫ ଘଣ୍ଟା ବିତିଯାଇଥିଲେ ମଧ ଜିଲ୍ଲାରୁ ବ୍ଲକ ଟପ୍ପର ତାଲିକା ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ମିଳି ପାରି ନାହିଁ। ତେବେ ଜିଲ୍ଲା ତାଲିକା ଅନୁସାରେ ଧାମନଗର ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗୀରର ଛାତ୍ର ଅନୁଭବ ବେହେରା ୬୦୦ ନମ୍ବରରୁ ୫୬୦ ରଖି ଏ- ୧ ପାଇବା ସହ ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ବି. ବି. ହାଇସ୍କୁଲ ବ୍ରାହ୍ମଣୀପାଳର ଛାତ୍ର ସନ୍ଦୀପ କୁମାର ରାଉତ ୫୫୩ ନମ୍ବର ରଖି ଦ୍ୱିତୀୟ, ମୁରଲୀଧର ଉଚ୍ଚ ବିଦ୍ୟାଳୟ ଧୂଷୁରୀର ଛାତ୍ର ଆଦ୍ୟ ଓଁକାର ଦାଶ ୫୫୦ ରଖି ତୃତୀୟ, ଶ୍ରିବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଲକ୍ଷ୍ୟ ପ୍ରିୟଦର୍ଶିନୀ ସାହୁ ୫୪୮ ନମ୍ବର ରଖି ଚତୁର୍ଥ ଏବଂ ସାହାସପୁର ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ରତୁପର୍ଣ୍ଣା ସାଏନ୍ତ ୬୦୦ ନମ୍ବରରୁ ୫୪୪ ନମ୍ବର ରଖି ଏ- ୧ ଗ୍ରେଡ ପାଇବା ସହ ବ୍ଲକର ମେଧା ତାଲିକାରେ ୫ ମ ସ୍ଥାନ ଅଧିକାର କରିଥିବା ଜଣା ଯାଇଛି।

# ନିଶାମୁକ୍ତି କେନ୍ଦ୍ରର ୩୫ ଡ୍ରପ୍‌ଆଉଟ ବିଦ୍ୟାଳୟରେ ସାମିଲ

ଚୌଦ୍ୱାର,(ପିପିଏସ୍): କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନର ୩୫ଜଣ ବିଦ୍ୟାଳୟ ଡ୍ରପଆଉଟ ଛାତ୍ରଙ୍କୁ ପୁଣିଥରେ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଛି ଏହାର ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ । ଏହି କେନ୍ଦ୍ରରେ ରହୁଥିବା ୪୦ରୁ ଉର୍ଦ୍ଧ ଅନ୍ତେବାସୀ ନିଶାମୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ୩୫ଜଣ ନାବାଳକଙ୍କୁ କେନ୍ଦ୍ର ତରଫରୁ ସ୍ଥାନୀୟ ଜନ୍ମେଜୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଳିଙ୍ଗ ପବ୍ଲିକ ସ୍କୁଲରେ ନାମ ଲେଖାଯାଇ ପୁନର୍ବାର ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି । ପବ୍ଲିକ ସ୍କୁଲର ପଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁ, ସାହିସ୍ତା ସୁଲତାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରହିମ ଖାନ,ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଏହି ଅସହାୟ ଓ ଦୁର୍ବଳ ଅର୍ଥିକ ପରିସ୍ଥିତିରେ ଥିବା ଛାତ୍ର ମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ କରିବେବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟରେ ସହଯୋଗ କରିଥିବା ବିଇଓ କୁନ୍ତଳା ଖଟୁଆ,ସିଆରସିସି ରାଜେଶ କୁମାର ନାୟକ, ସୁକାନ୍ତ କୁମାର ମହାନ୍ତି ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କେନ୍ଦ୍ରାପଡ଼ାରେ ବିଭିନ୍ନ ସ୍ଥାନରେ ଶନିଶ୍ଚରଙ୍କ ଜଳାଭିଷେକ ଓ ମହାଯଜ୍ଞ

କେନ୍ଦ୍ରାପଡ଼ା (ପିପିଏସ୍): କେନ୍ଦ୍ରାପଡା ସହର ସ୍ଥିତ ମହିପାଳସ୍ଥିତ ବାୟାବଜାରର ନ୍ୟାୟ ଦେବତା ପୂଜା କମିଟି ଦ୍ୱାରା ଆୟୋଜିତ ଚର୍ତୁଦଶତମ ଜନ୍ମ ବାର୍ଷିକ ଉପଲକ୍ଷେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି ଓ ସେହିପରି ସହରସ୍ଥ ଗଣାମାହାଲ ସ୍ଥିତ ବାଲାବାବା ମନ୍ଦିର ପ୍ରାଙ୍ଗଣରେ ଶନୈଶ୍ଚରାୟ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୂଲ୍ୟରେ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଶୁଭାଧିବାସ କରାଯାଇ ଆଙ୍କାମାଳ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା । ଶନିବାର ଦିନ ପ୍ରାତଃ ୬ଟା ୩୦ମିନିଟ୍‌ରେ ଘଟ ନିମଜ୍ଜନ କରାଯିବା ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆବସ୍‌ଷ୍ଟାଣ୍ଡ ଶନିଘାଟରୁ ପାଣି ଆଣି ଘଟସ୍ଥାପନ କରିଥିଲେ । ପ୍ରାତ ୮ଟା ୩୦ମିନିଟ୍‌ରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହିତ ରାତ୍ର ୧୦ଟା ୩୦ମିନିଟ୍‌ରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା । ସେହିପରି ତିନିମୂହାଣୀ ଶନି ମନ୍ଦିର, ନୂଆ ବସଷ୍ଟାଣ୍ଡ ଶନି ମନ୍ଦିର, କୋର୍ଟ ଛକ ଶନିମନ୍ଦିର, ଗରାପୁର କାଳିମନ୍ଦିର ସ୍ଥିତ ଶନି ମନ୍ଦିରରେ କେନ୍ଦ୍ରାପଡା ସହର ଓ ସହରଆଖପାଖ ଅଞ୍ଚଳରୁ ବହୁ ମାନସିକଧାରୀ ଓ ଶ୍ରଦ୍ଧାଳୁମାନେ ଆସି ଶନିଙ୍କ ନିକଟରେ ଜଳାଭିଷେକ କରିବା ପରେ ଯଜ୍ଞରେ ସାମିଲ ହେଇଥିଲେ । ଏହି ଉପଲକ୍ଷେ ରାଜନୈତିକ ଦଳର ବହୁ ନେତାମାନେ ଆସି ଶନି ଦେବତାଙ୍କ ଆର୍ଶୀବାଦ ନେଇଥିଲେ ।

# ଦେଉଳବେଢ଼ା ଶନିଦେବଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

ତାଳଚେର, (ପିପିଏସ୍): ମଣିଷ ନିଜ ଜୀବନ ସହିତ ପାରିବାରିକ ସୁଖଶାନ୍ତି କ୍ଲେଶ ମୋଚନ ,ଦୁଃଖ କଷ୍ଟ ନିବାରଣ, ପାରିବାରିକ ଶାନ୍ତି , ବିଶୃଙ୍ଖଳା ରହିତ , ସାମାଜିକ ଶାନ୍ତି ଓ ଶୃଙ୍ଖଳ ସହିତ ଉତ୍ତମ ସ୍ୱାସ୍ଥ୍ୟ , ବିବାଦ ଶୂନ୍ୟ ପାରିବାରିକ ଜୀବନଶୈଳୀ ନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ଦୈନ ଦିନ ଜୀବନରେ ଉଷା ,ବାର୍ତ୍ତା , ପୂଜା ପ୍ରାଣ ପାଳନ କରିଥାଏ , ପ୍ରତେକ ବର୍ଷ ପରି ଚଳିତ ବର୍ଷ ପ୍ରଭୁ ଶନିଦେବଙ୍କ ବ୍ରତ ପୂଜା ତାଳଚେର ପୌର ପରିଷଦ ଅନ୍ତର୍ଗତ ଦେଉଳବେଢ଼ା ଏମ୍ ସି ଏଲ ଲୋକୋନି ମଧ୍ୟ ଭାଗରେ ବାର୍ଷିକ ପୂଜା ସମାପନ ହୋଇଯାଇଛି , ସହସ୍ରାଧିକ ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଉପସ୍ଥିତ ରହି ଶନି ପୂଜାପାଳନ କରିଥିଲେ, ନାନାଦି ଭୋଗ ମଧ୍ୟରେ , କୁସୁମ ,ଖଜୁରୀ ,ତଭୂଜ, ଆମ୍ବ ,ସପୁରୀ ,ନଡ଼ିଆ ,କଦଳୀ ଧୂପ ଦୀପ ପ୍ରଭୁତି ଅର୍ପଣ କରି ଶନି ଦେବଙ୍କ ଠାରେ ନିଜ ନିଜ ମନ କାମନା ପୂରଣ ନିମିତ୍ତ ପ୍ରଥାନା କରିଥିଲେ, ଏହି ଅବସରରେ ତାଳଚେର ପ୍ରାକ୍ତନ ଲୋକପ୍ରିୟ ବିଧାୟକ ମହେଶ ସାହୁ ଶ୍ରଦ୍ଧାଳୁଙ୍କ ସହିତ ଶନି ଦେବଙ୍କ ଦର୍ଶନ କରିଥିଲେ, ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁ ଙ୍କ ଶୃଙ୍ଖଳିତ ଦର୍ଶନରେ ସହଯୋଗ କରିଥିଲେ ।

# ରାଛିପୁର ଓ ଝାଟିଆସାହିରେ ବାବା ଶନିଦେବଙ୍କ ଜନ୍ମୋତ୍ସବ

ଯାଜପୁର (ପିପିଏସ) ରାଛିପୁର ଓ ଝାଟିଆସାହି ଗାଁରେ ଧୁମଧାମରେ ପାଳିତ ହୋଇଛି ଗ୍ରହରାଜ ଶନିଦେବଙ୍କର ପବିତ୍ର ଜନ୍ମୋତ୍ସବ। ଗ୍ରହରାଜଙ୍କର ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ଶୁକ୍ରବାର ବିଳମ୍ବ ରାତି ଠୁଁ ବିଭିନ୍ନ ଆଡୁ ଛୁଟିଛି ଲୋକଙ୍କ ସୁଅ। ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଶନିଶ୍ଚରଙ୍କ ଠାରେ ଜଳଲାଗି କରି ଗ୍ରହରାଜଙ୍କୁ ସନ୍ତୁଷ୍ଟ କରୁଛନ୍ତି। ସେପଟେ ମେଳାକୁ ଶୃଙ୍ଖଳିତ କରିବାପାଇଁ ସମସ୍ତ ବନ୍ଦବୋସ୍ତ କରାଯାଇଛି। ବ୍ୟାସନଗର ସହର ଠାରୁ ପୀଠ ପର୍ଯ୍ୟନ୍ତ ରାସ୍ତାଘାଟ ଜାମ ହୋଇଯାଇଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ବସ ସେବା ମଧ୍ୟ ଯୋଗାଇ ଦିଆଯାଇଛି। ଚୋରୀ ପକେଟମାର ରୋକିବା ପାଇଁ ସିସିଟିଭି ଲଗାଯିବା ସହିତ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ପ୍ରତିବର୍ଷ ଅକ୍ଷୟ ତୃତୀୟା ପର ଶନିବାର ପାଳିତ ହୁଏ ଗ୍ରହରାଜ ଶନିଦେବଙ୍କ ପବିତ୍ର ଜନ୍ମୋତ୍ସବ। ବ୍ୟାସନଗର ସହର ଉପକଣ୍ଠରେ ଥିବା ଦାନଗଦୀ ବ୍ଲକ ରାଛିପୁର ଗାଁର ଶନିଶ୍ଚର ଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ମନ୍ଦିର ପରିସରରେ ଭଜନ କିର୍ତ୍ତନ ସାଙ୍ଗକୁ ଚାଲିଛି ବିଶ୍ୱଶାନ୍ତି ମହାଯଜ୍ଞ। ପୂଜା ଏବଂ ଯଜ୍ଞ କାର୍ଯ୍ୟରେ ନିୟୋଜିତ ଅଛନ୍ତି ପୂଜକ ପୁରୋହିତ। ଆଜି ଦିନରେ ଭକ୍ତିର ସହିତ ଶନିଶ୍ଚରଙ୍କୁ ପୂଜାର୍ଚ୍ଚନା କଲେ ସକଳ ଗ୍ରହପୀଡା ଖଣ୍ଡନ ହେବା ସହ ପରିବାରର ସକଳ ଦୁଃଖଦୁର୍ଦ୍ଦଶା ଦୂର ହୁଏ ବୋଲି ବିଶ୍ୱାସ ରହିଆସିଛି। ଏହି ପୀଠରେ ଠାକୁରଙ୍କ ପଛପଟେ ଥିବା ଆମ୍ବଗଛରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଧାଡିରେ ଆସି ଜଳାଭିଷେକ କରିଛନ୍ତି। ଦିଅଁ ଦର୍ଶନ ସାଙ୍ଗକୁ ଠାକୁରଙ୍କ ନିକଟରେ ଭୋଗ ଲଗାଇଛନ୍ତି। ତେବେ ଏଠାକୁ ବହୁଳ ମାତ୍ରାରେ ଯାନବାହାନ ଚଳାଚଳ ଯୋଗୁଁ ରାସ୍ତାଘାଟ ଜାମ ହୋଇଯାଇଥିଲା। ସେପଟେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ବସ୍‌ସେବା ମଧ୍ୟ ଯୋଗାଇ ଦିଆଯାଇଛି। ଚୋରୀ ପକେଟମାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ମାନ ଲଗାଯାଇଛି। ସେହିପରି ଝାଟିଆସାହିରେ ଗ୍ରହ ରାଜ ଶନି ଦେବଙ୍କ ମନ୍ଦିର ରେ ହଜାର ହଜାର ସଂଖ୍ୟାରେ ଭକ୍ତ ଶନି ଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଭକ୍ତ ମାନଙ୍କ ପାଇଁ ଦହି ସର୍ବତ ସହ ସନ୍ଧ୍ୟା ରେ ପ୍ରସାଦ ଖାଇବା ର ବ୍ୟବସ୍ଥା କରାଯାଇଛି।

# ଗୋପ ବ୍ଲକ ଟପ୍ପର ଅରମାନ, ଦ୍ୱିତୀୟ ଲକି, ତୃତୀୟ ସୋମପ୍ରସାଦ



ଗୋପ (ପିପିଏସ): ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଗୋପ ବ୍ଲକର ଟପର ହୋଇଛନ୍ତି ଅରମାନ ମହାନ୍ତି। ଅରମାନ ଗୋପ ବ୍ଲକ ଅନ୍ତର୍ଗତ ଇଶାଣପୁର ଅରେଇ ରାଧାନାଥ ବିଦ୍ୟାପୀଠ ପଢୁଥିବା ବଳେ ୫୭୨ ନମ୍ବର ରଖି ଗୋପ ବ୍ଲକ ଟପ୍ପର ହୋଇଛନ୍ତି। ଅରମାନ ଇଂଜିନିୟର ହେବାକୁ ଆଶା ରଖିଥିବା ବେଳେ ତାଙ୍କ ସଫଳତା ପଛରେ ମା ଲିପିକା ମହାନ୍ତି ଏବଂ ସ୍କୁଲ ଶିକ୍ଷକଙ୍କ ଶ୍ରେୟ ରହିଛି ବୋଲି ଅରମାନ କହିଛନ୍ତି। ଗୋପ ବ୍ଲକରେ ୫୬୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଗଣେଶ୍ୱରପୁର ହାଇସ୍କୁଲର ଛାତ୍ର ସୋମପ୍ରସାଦ ବେହରା। ସୁବର୍ଣ୍ଣପୁର ଗ୍ରାମର ସସ୍ମିତା ବେହେରାଙ୍କ ପୁତ୍ର ସୋମପ୍ରସାଦ ଅକ୍ଳାନ୍ତ ପରିଶ୍ରମ ମୋ ମା'ର ଆଶ୍ରିବାଦ ପରିବାରଙ୍କ ସହଯୋଗ ଏବଂ ଶିକ୍ଷକ ମାନଙ୍କ ଶିକ୍ଷାଦାନ ପ୍ରଣାଳୀ ମତେ ସଫଳତାର ସ୍ୱାଦ ଦେଇପାରିଛି। ମୁଁ ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକମାନଙ୍କ ସେବା କରିବା ପାଇଁ ଲକ୍ଷ ରଖିଛି ବୋଲି ସୋମପ୍ରସାଦ କହିଛନ୍ତି। ସେହିପରି ଗୋପ ବ୍ଲକରେ ୫୫୨ ନମ୍ବର ରଖି ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି ବଣିସାହି ପଞ୍ଚାୟତ ରକ୍ଷିପଡା ନୋଡାଲ ହାଇସ୍କୁଲର ଛାତ୍ରୀ ଲକି ସ୍ୱାଇଁ, କଠିନ ପରିଶ୍ରମ ଓ ମୋ ପରିବାର ଏବଂ ଶିକ୍ଷକ ମାନଙ୍କ ଆଶ୍ରିବାଦ ଯୋଗୁ ମୁଁ ସଫଳତା ପାଇଛି ଡାକ୍ତର ହୋଇ ସେବା କରିବା ମୋର ଲକ୍ଷ ରଖିଛି ବୋଲି ଲକି ସ୍ୱାଇଁ କହିଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ବିଦ୍ୟାମନ୍ଦିର ନୀଳକଣ୍ଠ ନଗରର କ୍ରମାଗତ ୩୩ ବର୍ଷ ଧରି ଶତପ୍ରତିଶତ ସଫଳତା

ବ୍ରହ୍ମପୁର (ପିପିଏସ୍): ପ୍ରକାଶିତ ହୋଇଥିବା ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ

## ରାଜ୍ୟସ୍ତରରେ ଏ-୧ ଗ୍ରେଡ୍‌ରେ ପ୍ରଥମ ସ୍ଥାନ



ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଗତ ୩୩ ବର୍ଷ ଧରି ୧୦୦% ସଫଳତା ହାସଲ କରିଆସୁଥିବା ଏହି ବିଦ୍ୟାଳୟର ଚଳିତ ବର୍ଷ ମୋଟ ୩୬୩ ଜଣ ଛାତ୍ର/ଛାତ୍ରୀମାନେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ମୋଟ ୩୬୩ ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ ଇ୧ ଏକ୍ସବୟର ଅର୍ଥାତ୍ ୯୦%ରୁ ଉର୍ଦ୍ଧ୍ୱରେ ୭୬ ଜଣ, ଇ୨ ଏକ୍ସବୟର ଅର୍ଥାତ୍ ୮୦%ରୁ ଉର୍ଦ୍ଧ୍ୱରେ ୧୩୩ ଜଣ, ଏବଂ ଇ୧ ଏକ୍ସବୟର ଅର୍ଥାତ୍ ୭୦%ରୁ ଉର୍ଦ୍ଧ୍ୱରେ ୯୪ ଜଣ, ଉତ୍ତୀର୍ଣ୍ଣ ହୋଇ ସାରା ରାଜ୍ୟରେ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ମିଳିତ ଭାବରେ ଅର୍ପିତା ଆଚାର୍ଯ୍ୟ ଓ ଆଶୁତୋଷ ସେଠୀ ମୋଟ ୫୮୨ ମାର୍କ (୯୭%), ଦ୍ୱିତୀୟ ସ୍ଥାନରେ ପ୍ରତ୍ୟୁଷ କୁମାର ନାୟକ ୫୭୬ ମାର୍କ (୯୬%), ତୃତୀୟ ସ୍ଥାନରେ ପ୍ରୀୟ ରଞ୍ଜନ ପଣ୍ଡା ୫୭୫ ମାର୍କ (୯୫.୮୩%). ଚତୁର୍ଥ ସ୍ଥାନରେ ଆକାଂକ୍ଷା ଜେନା ମୋଟ ୫୭୧ ମାର୍କ (୯୫.୧୭%), ପଞ୍ଚମ ସ୍ଥାନରେ ମିଳିତ ଭାବେ ପ୍ରୀତିରାଣି ଭୁୟାଁ ଓ ବିଶ୍ୱଜିତ ପାତ୍ର ମୋଟ ୫୭୦ ମାର୍କ (୯୫%), ଷଷ୍ଠ ସ୍ଥାନରେ ଆୟୁଶକାନ୍ତ ରଥ ମୋଟ ୫୬୯ ମାର୍କ (୯୪.୮୩%), ସପ୍ତମ ସ୍ଥାନରେ ମିଳିତ ଭାବେ ରାକେଶ କୁମାର ସେଠୀ ଓ ଖୁସୁବୁ ରାଣୀ ସାହୁ ମୋଟ ୫୬୮ ମାର୍କ (୯୪.୬୭%), ଅଷ୍ଟମ ସ୍ଥାନରେ ମିଳିତ ଭାବେ ଶୁଭମ ସାହୁ, ଆଶୁତୋଷ ପାତ୍ର, ପ୍ରଜାପତି ସାହୁ, ଶୁଭ୍ରଜିତ ପୃଷ୍ଟି, ଶୌମ୍ୟ ରଞ୍ଜନ ପାଣିଗ୍ରହୀ, ଶୁଭଙ୍କର ଦାସ ଓ ଆଶୁତୋଷ ପାତ୍ର ମୋଟ ୫୬୫ ମାର୍କ (୯୪.୧୭%), ନବମ ସ୍ଥାନରେ ବିଶ୍ୱ ରଞ୍ଜନ ସାମନ୍ତରାୟ ମୋଟ ୫୬୪ ମାର୍କ (୯୪%) ଓ ଦଶମ ସ୍ଥାନରେ ପ୍ରତିକ୍ଷା ମହାରଣା ମୋଟ ୫୬୩ ମାର୍କ (୯୩.୮୩%) ରଖି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ ସହ ରାଜ୍ୟସ୍ତରରେ ବିରଳ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଶିଶୁମାନଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ ପରିଚାଳନା ସମିତିର ସଭାପତି ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ ଓ ବାସନ୍ତି ବେହେରା ଉପଦେଷ୍ଟା ଡ.ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ଶ୍ରୀ ସୁଦର୍ଶନ ପାଢ଼ୀ, ବି.ଗଜପତି ରାଓ ଓ ହରିକୃଷ୍ଣ ପାଢ଼ୀ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ଏ-୧ ଗ୍ରେଡ଼ରେ ଛାତ୍ରୀମାନେ ଆଗୁଆ

ଚୌଦ୍ୱାର,(ପିପିଏସ୍): ଚଳିତ ମ୍ୟାଟ୍ରିକ୍ ପରୀକ୍ଷା ଫଳାଫଳ ଶୁକ୍ରବାର ସଂଧ୍ୟାରେ ପ୍ରକାଶ ପାଇଛି। ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୭ଟି ବିଦ୍ୟାଳୟର ୮ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡ଼ରେ ପାସ କରିଥିବା ଜଣା ପଡ଼ିଛି ।କଖଡ଼ି ହାଇସ୍କୁଲର ଅମିତ୍ କୁମାର ସାହୁ ୫୬୦ ନମ୍ବର ରଖିଥିବାବେଳେ ଓଟିଏମ୍ ହାଇସ୍କୁଲର ରୁଷା ଜେନା ମଧ ୫୬୦ ନମ୍ବର ରଖିଛନ୍ତି। ସେହିପରି ମ୍ୟୁନିସିପାଲ ହାଇସ୍କୁଲର ଦିବ୍ୟ ପ୍ରତୀକ ମହାପାତ୍ର-୫୫୪, ଟାଙ୍ଗୀ ବିଦ୍ୟାପୀଠର ଜିଜ୍ଞାସା ନାୟକ-୫୫୨,କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠର ରଶ୍ମୀ ପ୍ରଜୋଜିତା ସାହୁ-୫୪୮, ଟାଙ୍ଗୀ ବାଳିକା ହାଇସ୍କୁଲର ସୁକନ୍ୟା ପ୍ରତିମା ସ୍ୱାଇଁ-୫୫୨, କନ୍ହେଇପୁର ହାଇସ୍କୁଲର ସାଇସ୍ମିତା ସାହୁ-୫୪୦ ଏବଂ ଓଟିଏମ୍ ହାଇସ୍କୁଲର ଅଭିପ୍ସା ପ୍ରିୟଦର୍ଶିନୀ ନାଥ ୫୫୭ ନମ୍ବର ରଖି ଏ-୧ ଗ୍ରେଡ଼ରେ ପାସ୍ କରିଥିବା ଖବର ମିଳିଛି। ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଓମ୍ ପ୍ରକାଶ କର-୫୬୯ ଏବଂ ସୋନାକ୍ଷୀ ଜେନା-୫୬୪ ନମ୍ବର ରଖିଛନ୍ତି।

# କୋରାପୁଟ ଗସ୍ତରେ ସଚିବ
## ବିଭିନ୍ନ ପ୍ରକଳ୍ପ ଓ ଯୋଜନାର କଲେ ତଦାରଖ

ଜୟପୁର: କୋରାପୁଟ ଜିଲ୍ଲାର ଦୁଇ ଦିନିଆ ଗସ୍ତରେ ନୋଡାଲ ସେକ୍ରେଟାରୀ, କମିଶନର ତଥା ଶାସନସଚିବ ସମବାୟ ବିଭାଗ ଓଡ଼ିଶା ରାଜେଶ ପ୍ରଭାକର ପାଟିଲ । ଏହି ଅବସରରେ ସଚିବ ଶ୍ରୀ ପାଟିଲ କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣଧୀନ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ମାଣଧୀନ ନୂତନ କୋଠା ବୁଲି ଦେଖିଥିଲେ । କୋରାପୁଟ ଜିଲ୍ଲାରେ ମେଗା ପାନୀୟଜଳ ପ୍ରକଳ୍ପ ଲାଣ୍ଡିଗୁଡାସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି । ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟେକ ଗ୍ରାମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଯୋଜନା ସଫଳ ହେବ ସେନେଇ ଆଲୋଚନା କରିଛନ୍ତି । ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗୀୟ ଉଚ୍ଚ ବିଭାଗୀୟ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସହ ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନା ତଦାରଖ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସ୍ମାର୍ଟ କ୍ଲାସରୁମ ସହ ଲାଇବ୍ରେରୀ ବୁଲି ଖୁସିବ୍ୟକ୍ତ କରିଥିଲେ । ଦେଶର ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ କିଭଳି ଦିଆଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ସେମିଳିଗୁଡା ବ୍ଲକ ସ୍ଥିତ ରାଜୁପୁଟ ପଂଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିବା ସହ ମିଲେଟ୍ ପ୍ରସ୍ତୁତି ଖାଦ୍ୟ ଦେଖିବା ସହ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କୁ ମିଲେଟ୍ ଖାଦ୍ୟ ଦିଆଯିବ ସହ ମିଲେଟ ଖାଦ୍ୟକୁ କିଭଳି ପ୍ରଚାର୍ ପ୍ରସାର କରାଯିବ ସେନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମିଲେଟ୍ ପ୍ରକ୍ରିୟାକରଣ ୟୁନିଟଠାରେ ମାଣ୍ଡିଆ ଲଡୁ, ବିସ୍କୁଟ ଖାଇ ମାଣ୍ଡିଆରେ ଏଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ । ତାହାପରେ ପଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ଠାରେ ଓରମାସ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ । ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଭିନବ ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ସହ ଗୋଟିଏ ସ୍ଥାନରେ ସିଲେଇ, ମକା ଚୁନା,ମାଣ୍ଡିଆ ଚୁନା, ପେପର ପ୍ଲେଟ,ଚପଲ ନିର୍ମାଣ ସହ ଧୂପକାଠି ୟୁନିଟ ବୁଲି ଦେଖିଥିଲେ । ଆସନ୍ତା ଦିନରେ ପୋଟେରୁ ଶିଳ୍ପ ୟୁନିଟରେ ପ୍ରସ୍ତୁତି ସାମଗ୍ରୀ କିଭଳି ବଜାରିକରଣ କରାଯିବ ସେନେଇ ଓରମାସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବିଜନେସ କରିଡ଼ର ରାୟପୁର ଠାରୁ ବିଶାଖାପାଟଣା ଭାରତ ମାଳା ପରିଯୋଜନାର ସମୀକ୍ଷା କରିଥିଲେ । ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ଟନେଲ ବୁଲି ଦେଖିଥିଲେ । ନିର୍ଦ୍ଧାରିତ ସମୟରେ କିଭଳି ଭାରତ ମାଳା ଏକ୍ସପ୍ରେସ ହାଇଓ୍ୱେ ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାର ଅଗ୍ରଗତି ଓ ଉନ୍ନୟନମୂଳକ ପ୍ରକଳ୍ପକୁ ନେଇ ଆଲୋଚନା କରିଥିଲେ । ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନିଯୁକ୍ତି, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଉଦ୍ୟୋଗୀ ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜୟପୁର ଉପ ଜିଲ୍ଲାପାଳ ଆକାଭରମ ଶସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ, ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବରଦା କାନ୍ତ ମିଶ୍ର, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧିକ୍ଷକ ଓ ଡିନ ପ୍ରଫେସର ସୁଶାନ୍ତ କୁମାର ସାହୁ, ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ପିଡି ତପନ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ନେହ ପ୍ରଭା ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସହ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିସ୍ରା ତହସିଲ୍ କାର୍ଯ୍ୟାଳୟ ଘେରାଉ



ରାଉରକେଲା,(ପିପିଏସ୍): ବିସ୍ରା ବ୍ଲକ୍ ଅଧିକାର ଆଇନ୍‌କୁ ବିଶ୍ରା ତହସିଲ ଅଧିନରେ କାର୍ଯ୍ୟକାରୀ କରିବା ସହ ଜମିପଟ୍ଟା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ଫର୍ମ 'କ', 'ଖ', 'ଗ'ରେ ତୁରନ୍ତ ଜମିପଟ୍ଟା ପ୍ରଦାନ, ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଜଙ୍ଗଲ ଅଧିକାର କମିଟିଗୁଡିକୁ ସକ୍ରିୟ କରିବା ଓ ଚଳଚଞ୍ଚଳ କରିବା, ଭୂମିହୀନଙ୍କୁ ୪ ଡିସିମିଲ ଘରଡିହ ଜମି ଯୋଗାଇ ଦେବା, ତହସିଲ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତିକୁ ବନ୍ଦ କରିବା ପ୍ରମୁଖ ଦାବି ନେଇ ଅଖିଳ ଭାରତ କୃଷକ ସଭା ବିସ୍ରା ବ୍ଲକ୍ କମିଟି ପକ୍ଷରୁ ବିସ୍ରା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ପ୍ରାରମ୍ଭରେ ଶତାଧିକ ଆଦିବାସୀ, ଚାଷି ମୁଲିଆ ଏକ ଶୋଭାଯାତ୍ରାରେ ବାହାରି ବିସ୍ରା ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଚାଷି ନେତା ତଥା ଏଆଇକେଏସ୍‌ର ଜିଲ୍ଲା ନେତା ଦଶରୁ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସିର ରାଜ୍ୟ ଉପସଭାପତି ପ୍ରଦୋଶ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ, କୃଷକସଭା ନେତା ଜୋନ୍ ଆୟୁବ ଜୋଜ, ରେମିଜ ମୁଣ୍ଡା, ଅନୁପମ ଦତ୍ତ, ରୁବେନ୍ ଟପ୍ପୋ, ଅଦିବାସୀ ନେତା ନିଶା ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ୨୦୦୬ରେ ଜଙ୍ଗଲ ଜମି ଅଧିକାର ଆଇନ୍ ପ୍ରଣୟନ ହୋଇଥାଇ ମଧ ଏହି ଅଧିକାର ଆଇନ୍ ? ବିସ୍ରା ତହସିଲ କାର୍ଯ୍ୟାଳରେ କାର୍ଯ୍ୟକାରୀ ନହେବା ଦୁଃଖର ବିଷୟ । ବହୁ ହିତାଧିକାରୀ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ ସେମାନେ ଜମିପଟ୍ଟା ପାଇବାରୁ ବଞ୍ଚିତ । ତେଣୁ ଏହି ଆଇନ୍ ବଳରେ ତୁରନ୍ତ ହିତଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାନଗଲେ ଆଗାମୀ ଦିନରେ କାର୍ଯ୍ୟାଳୟ ଅଚଳ କରି ଦିଆଯିବ ବୋଲି ବକ୍ତାମାନେ କହିଛନ୍ତି । ଆନ୍ଦୋଳନ ସ୍ଥଳକୁ ତହସିଲଦାର ପହଞ୍ଚି ଦାବିପତ୍ର ପୂରଣ କରିବା ସହ ଦାବି ପୂରଣ ପାଇଁ ପ୍ରତିଶୃତି ଦେଇଥିଲେ । ପରେ ଏକ ପ୍ରତିନିଧି ଦଳ ବିସ୍ରା ବିଡିଓଙ୍କୁ ଭେଟି ବ୍ଲକ୍‌ରେ ଏକ ଶୀତଳଭଣ୍ଡାର ନିର୍ମାଣ କାଇଁ ଦାବିପତ୍ର ପ୍ରଦାନ କରିଥିଲେ ।

## ବାଇକ୍ ଚୋରି ମାମଲା
# ୩୧ ବାଇକ୍ ଜବତ, ୪ ଗିରଫ

ଜୟପୁର: ବାଇକ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ବୋରିଗୁମ୍ମା ଥାନା ବଡଦୁବୁଲି ଗ୍ରାମର ଅନିଲ ହରିଜନ, ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନରସିଂହ ଏଲିୟସ ନରେଶ ଦୁଆରୁ , ନବରଙ୍ଗପୁର ଜିଲା ମଇଦଲପୁର ଲକ୍ଷ୍ମଣ ହରିଜନ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଦନାପୁଟ ଗ୍ରାମର ଭିମ ଖିଲ । ଗିରଫ ଅଭିଯୁକ୍ତଠାରୁ ୩୧ଟି ବାଇକ୍ ଓ ସ୍କୁଟି ଜବତ କରଯାଇଛି । ଏନେଇ ଜୟପୁର ଟାଉନ ଥାନାରେ ଏସ୍‌ପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନି କରି ସୂଚନା ଦେଇଛନ୍ତି । ଏହି ସମ୍ବାଦିକ ସମ୍ମାଳନିରେ ଏସପି ରୋହିତ ବର୍ମା, ଏସଡିପିଓ ପାର୍ଥ ଜଗଦିଶ କଶ୍ୟପ, ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ବୈପାରିଗୁଡା ଥାନା ଅଧିକାରି ଅଶ୍ୱିନି ପଟ୍ଟନାୟକ,ଏସଆଇ ମନିସା ସାହୁ, ଏସଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ, ଜୟପୁର ସୌରା ସାହିର ସନ୍ତୋଷ କୁମାର ମହାପାତ୍ର ଗତ ୨୭.୪.୨୫ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଘର ଆଗରୁ ବାଇକ ଚୋରି ହୋଇଥିବା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ନିଳାଗୁଡାର ନରସିଂହକୁ କାବୁ କରିଥିଲା । ନରସିଂହର ବୟାନ ଆଧାରରେ ବଡ ଦୁବୁଲି ଗ୍ରାମର ଅନିଲ ହରିଜନ ସହ ମିଶି ଚୋରି କରି ମଇଦଲପୁରର ଲକ୍ଷ୍ମଣ ହରିଜନ ଓ ଚିତ୍ରକୋଣ୍ଡାର ଭିମ ଖିଲକୁ ବିକ୍ରି କରିବାକୁ ଦେଉଥିଲେ । ଅଭିଯୁକ୍ତ ଅନିଲ ବୟାନ ଆଧାରରେ ଲକ୍ଷ୍ମଣ ହରିଜନଙ୍କ ମଇଦଲପୁରରେ ସମସ୍ତ ଚୋରି ବାଇକ ରହିଛି । ଅଭିଯୁକ୍ତ ଭିମ ଓ ଲକ୍ଷ୍ମଣ ଉକ୍ତ ଚୋରି ବାଇକକୁ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ବିନା କାଗଜପତ୍ରରେ ୧୦ରୁ ୧୫ ହଜାର ଟଙ୍କା ଉପାନ୍ତ ଅଂଚଳରେ ବିକ୍ରି କରୁଥିଲେ । ଅଭିଯୁକ୍ତ ବାଇକ ଚୋରିର ମୁଖ୍ୟ ଅଭିଯୁକ୍ତ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇ ୨ ମାସ ହେବ ଜାମିନରେ ଆସି ଏପରି ଚୋରି କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଦୁର୍ବୃତ ମାନେ ମାଲକାନଗିରି, ବୈପାରିଗୁଡା, ଜୟପୁର, ଜୟପୁର ସଦର, କଳାହାଣ୍ଡି, ବୋରିଗୁମ୍ମା, ରାଇଘର, ନବରଙ୍ଗପୁର, ଖଇରପୁଟ, ସୁନାବେଡାରେ ବାଇକ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ବାଇଛି । ଗତ ୪ ମାସରେ ଜୟପୁର ଟାଉନ ଓ ସଦର ଥାନାରେ ୫ଟି ବାଇକ ଚୋରି ମାମଲା ହୋଇଥିଲା । ଚୋରି ବାଇକ ବିକ୍ରି ପାଇଁ ରଖାଯାଇଥିବା ୩୧ଟି ବାଇକ, ସ୍କୁଟିକୁ ଜବତ କରିଥିଲା ପୋଲିସ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଏସପି ସୂଚନା ଦେଇଛନ୍ତି ।

# ଏଆଇଟିୟୁସି ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ




ରାଉରକେଲା(ପିପିଏସ୍) : ଅଖିଳ ଭାରତ ଟ୍ରେଡ ୟୁନିଅନ୍ କଂଗ୍ରେସ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ମହାନ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ଶ୍ରମିକ ଶ୍ରେଣୀର ଲାଲ୍ ପତକାକୁ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ଉତ୍ତୋଳନ କରିଥିଲେ । ରାଜ୍ୟ ଉପସଭାପତି ପ୍ରଦୋଷ କୁମାର ମହାନ୍ତି ଅତିଥି ଓ ସଦାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ମହାନ ଆନ୍ତର୍ଜାତିକ ଶ୍ରମିକ ଦିବସର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ଦେବା ସହ ସମାଜର ବିକାଶ ପାଇଁ ଶ୍ରମିକ ଶ୍ରେଣୀର ଅବଦାନ ଅତୁଳନୀୟ ଅବଦାନ ବୋଲି କହିଥିଲେ । ବ୍ରିଟିଶ ଶାସନ କାଳରୁ ଲଢ଼େଇ କରି ଶ୍ରମିକ ଶ୍ରେଣୀ ହାସଲ କରିଥିବା ୪୪ଟି ଆଇନ୍‌କୁ ବର୍ତ୍ତମାନର ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ୪ଟି କୋର୍ଡରେ ପରିବର୍ତ୍ତନ କରି ମାଲିକ ସପକ୍ଷ ବାଦୀ ଆଇନ୍ ଆଣିଛନ୍ତି । ଯଦି ଏହି ଆଇନ୍‌କୁ କାର୍ଯ୍ୟକାରୀ କରନ୍ତି ତେବେ ଶ୍ରମିକ ଶ୍ରେଣୀ ଶୋଷିତ ଓ ନିର୍ଜାତିତ ହେବେ ବୋଲି ବକ୍ତବ୍ୟ ଦେଇଥିଲେ । ଖଣି ଖାଦାନ କଳକାରଖାନା ଭରା ସୁନ୍ଦରଗଡ଼ ଜିଲ୍ଲାର ଶ୍ରମିକ ଶ୍ରେଣୀଙ୍କୁ ଶୋଷଣ କରାଯାଉଛି । ଶ୍ରମ ଅଧିକାରୀମାନେ ଏ ଦିଗରେ ଧ୍ୟାନ ଦେବାକୁ ସେମାନେ ନିବେଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁବାଷ ପଟ୍ଟନାୟକ, ଦୁର୍ଗାମାଧବ ତନ୍ତୀ, ଶୁସାନ୍ତ ଲେଙ୍କା, ମହେଶ୍ୱର ଦୀପ, ପଞ୍ଚାନନ ସୁନା, ଦଲବୀର ସିଂ ପ୍ରମୂଖ ପରିଚାଳନା କରିଥିଲେ ।

# ୩ ମଦବେପାରୀ ଗିରଫ

ଜୟପୁର (ହି.ସ.) - ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ତରଫରୁ ଚଢଉବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଧଡରିଗୁଡାରେ ଚଢଉ କରି ୨ ମହିଳା ଠାରୁ ୨୫ ଲିଟର ଦେଶୀମଦ ଓ କୁମୁଲିପୁଟ ରାସ୍ତାରେ ଚଢଉ କରି ଅଭିଯୁକ୍ତ କେନ୍ଦୁଗୁଡାର ସୁଶାନ୍ତ ସନ୍ତୋଷକୁ ଗିରଫ କରି ତା'ଠାରୁ ୮ ଲିଟର ଜବତ କରିଛି । ୩ ଅଭିଯୁକ୍ତଙ୍କୁ ଗିରଫ କରି ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜୟପୁର ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ରାଜଗାଙ୍ଗପୁର ଟପ୍ପର ସଞ୍ଚିତ ଅଗ୍ରୱାଲ



ରାଉରକେଲା,(ପିପିଏସ୍): ରାଜଗାଙ୍ଗପୁର ଚଳିତ ବର୍ଷ ଆଇସିଏସଇ ବୋର୍ଡ଼ ଅନ୍ତର୍ଗତ ରାଜଗାଙ୍ଗପୁର ସ୍ଥିତ ନିର୍ମଳା ଇଂରାଜୀ ସ୍କୁଲରେ ଅନୁଷ୍ଠିତ ଦଶମ ଶ୍ରେଣୀ ପରୀକ୍ଷାରେ ସଞ୍ଚିତ ଅଗ୍ରୱାଲ ୯୫.୮ ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନ ବଜାୟ ରଖିଥିବା ଜଣାଯାଇଛି । ସେ ସ୍କୁଲରେ ପାଠ ପଢିବାବେଳେ ସମସ୍ତ କ୍ଷେତ୍ରରେ ଉଚ୍ଚମାନର ପ୍ରଦର୍ଶନ କରିଆସୁଥିବା ନେଇ ସ୍କୁଲର ଶିକ୍ଷୟିତ୍ରୀ ରେଣୁ ଜୟସାଲ ପ୍ରକାଶ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସମସ୍ତ ଶିକ୍ଷକ ତଥା ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭବିଷ୍ୟତରେ ସେ ସଫ୍ଟୱାର ଇଞ୍ଜିନିଅର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ତେବେ ପୁଅର ଏହି ସଫଳତା ପାଇଁ ସଞ୍ଚିତଙ୍କ ମା' ପିଙ୍କି ଅଗ୍ରୱାଲ ସ୍କୁଲ କର୍ତ୍ତୃପକ୍ଷ ତଥା ଶିକ୍ଷକଗଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସଞ୍ଚିତ ଶିକ୍ଷିକା ରେଣୁ ଜୟଶ୍ୱାଲଙ୍କ ପୁତୁରା ଅଟନ୍ତି ।

# କୋଶଳି କ୍ଷୁଦ୍ର ସିନେମା 'କୋକୁଆ'କୁ ଶ୍ରେଷ୍ଠ ସଙ୍ଗୀତ ଓ ପ୍ରଚ୍ଛଦ ସଙ୍ଗୀତ ପୁରସ୍କାର

ବଲାଙ୍ଗିର: ରାଜଧାନୀ ଦିଲ୍ଲୀଠାରେ ଅନୁଷ୍ଠିତ ୧୫ ତମ ଦାଦା ସାହେବ ଫାଲକେ ଚଳଚ୍ଚିତ୍ର ଉତ୍ସବ ୨୦୨୫ରେ ଭାଗନେଇ ଶ୍ରେଷ୍ଠ ସଙ୍ଗୀତ ଓ ପ୍ରଚ୍ଛଦ ସଙ୍ଗୀତ ପୁରସ୍କାରରେ ଯୋଗ୍ୟ ବିବେଚିତ ହେବାର ସୌଭାଗ୍ୟ ଲାଭ କରିଛି ଏ ନିୟୁ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ କୋଶଲି ସର୍ଟ ଫିଲ୍ମ 'କୋକୁଆ' । ପ୍ରୋଯୋଜକ ସମୀରରଞ୍ଜନ ରଣାଙ୍କ କାହାଣୀ ଓ ଚିତ୍ରନାଟ୍ୟକୁ ନିର୍ଦ୍ଦେଶନା, ସମ୍ପାଦନା ତଥା ଯୁଗ୍ମ ପ୍ରୋଯୋଜନା କରିଛନ୍ତି ଯୁବ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ରଣା । ଲଳିତ ପୂଜାରୀ ଓ ଶ୍ରୀନିବାସ ମିଶ୍ର ଅଭିନୀତ ଏହି ଚଳଚିତ୍ରରେ କୃଷ୍ଣ ଚନ୍ଦ୍ର ସେନ୍ଦରିଆ ଓ ସାଇ ଚରଣଙ୍କ ଗୀତକୁ ସଂଗୀତରେ ସଜାଇଛନ୍ତି ନିଜେ ଏ. ସାଇ ଚରଣ । କ୍ୟାମେରା ପରିଚାଳନା କରିଛନ୍ତି ସଂଗ୍ରାମ ମହାପାତ୍ର । ସେହିପରି ସଂଳାପ ପରିଚାଳନାରେ ଦୟା ସାଗର ଧରୁଆ । ଗତକାଲି ନୂଆଦିଲ୍ଲୀ ରେ ଏକ ବର୍ଣାଢ୍ୟ ଉତ୍ସବରେ ଏହାକୁ ଶ୍ରେଷ୍ଠ ସଙ୍ଗୀତ ଓ ପ୍ରଚ୍ଛଦ ସଙ୍ଗୀତ ବିଭାଗରେ ପୁରସ୍କୃତ କରାଯାଇଛି । ସୂଚନା ଯୋଗ୍ୟ ଯେ, ପଶ୍ଚିମ ଓଡିଶାର ବରିଷ୍ଠ କଣ୍ଠଶିଳ୍ପୀ ମୁରଲି ଧାରି ପତିଙ୍କ କଣ୍ଠଦାନରେ ଫୁଲେ ଫଲେ ପତର ଡାଲେ ସବୁ ଠାନେ ରହିଛୁ ଗୀତ ଅତ୍ୟନ୍ତ ହୃଦୟ ସ୍ପର୍ଶ ହେବା ସହ ଦର୍ଶକଙ୍କର ପ୍ରଶଂସା ସାଉଁଟିବାରେ ସଫଳତା ଲାଭ କରିଛି । ପଶ୍ଚିମ ଓଡିଶାର ଗ୍ରାମ୍ୟ ପୃଷ୍ଠଭୂମି ଉପରେ ଆଧାରିତ ଏହି ଚଳଚିତ୍ର ଖୁବ ଶୀଘ୍ର ଏକ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବ ବୋଲି ପ୍ରୋଯାଜନା ସଂସ୍ଥା ସୂତ୍ରରୁ ପ୍ରକାଶ ।

# ବିଜେପି କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ

ମାଲକାନଗିରି,(ପିପିଏସ୍): ମାଲକାନଗିରି ଜିଲ୍ଲା ବିଜେପି ତରଫରୁ ଗତକାଲି ମାଲକାନଗିରି ସଦର ମହକୁମା ଦଳୀୟ କାର୍ଯ୍ୟାଳୟ ଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡା, ପୂର୍ବତନ ସଭାପତି ନିମାଇଁ ଚନ୍ଦ୍ର ପାଲ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ସଂଯୋଜକ କେଶବ ଚନ୍ଦ୍ର ନାୟକ ଓ କୁନାଲ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ସଂଯୋଜକ କୁନାଲ ମିଶ୍ର ଉପସ୍ଥିତ ବିଜେପି କର୍ମକର୍ତାମାନଙ୍କୁ ଓ୍ୱାକଫ ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହା କାର୍ଯ୍ୟକାରୀ ହେଲେ ଗରିବ ମୁସଲମାନ ଲୋକମାନେ କିପରି ଲାଭାନ୍ୱିତ ହୋଇ ପାରିବେ ସମସ୍ତଙ୍କୁ ବୁଝାଇ ଥିଲେ । ଅନ୍ୟତମ ବିଜେପି ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ନାୟକ 'ଏକ ଦେଶ ଏକ ନିର୍ବାଚନ' ସଂପର୍କରେ ବିଜେପି କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେ କହିଲେ ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଯୁଗାନ୍ତକାରୀ ବିଲ୍ । ଭାରତୀୟ ସମ୍ବିଧାନ ଅନୁଛେଦ ୩୬୮ ଅନୁସାରେ ୧୨୯ତମ ସମ୍ବିଧାନ ସଂଶୋଧନ କରାଯାଇ ଉଭୟ ସଦନରେ ପାରିତ କରାଯାଇଛି । ଏହା ୨୦୨୯ ନିର୍ବାଚନରେ କାର୍ଯ୍ୟକାରୀ ହେବ । ଏହା କାର୍ଯ୍ୟକାରୀ ହେଲେ ୫ ବର୍ଷ ମଧ୍ୟରେ ବାରମ୍ବାର ନିର୍ବାଚନକୁ ଏଡାଇ ହେବ । ଏବଂ ଏକା ସମୟରେ ସମଗ୍ର ଭାରତବର୍ଷରେ ଥରେ ମାତ୍ର ମତଦାନ ଦେବାକୁ ପଡିବ । ଫଳରେ ନିର୍ବାଚନୀ ଖର୍ଚ୍ଚକୁ ବହୁ ମାତ୍ରାରେ ହ୍ରାସ କରାଯାଇ ପାରିବ । ଏହା ଛଡା ପ୍ରତ୍ୟେକ ନିର୍ବାଚନ ପାଇଁ ଯେଉଁ ଆଚରଣ ବିଧି ଲାଗୁ କରାଯାଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ସ୍ଥଗିତ କରାଯାଉଥିଲା, ତାହା ବାଧକ ହେବ ନାହିଁ । ତେବେ ଭାରତ ବର୍ଷରେ ୧୯୫୨,୧୯୫୭,୧୯୬୨ ଏବଂ ୧୯୬୭ ରେ ୪ ଥର ଏକ ଦେଶ ଏକ ନିର୍ବାଚନ ହୋଇଥିଲା । ୧୯୭୨ ନିର୍ବାଚନ ପରେ ଏହି ପ୍ରକ୍ରିୟାକୁ ତତ୍କାଳୀନ କେନ୍ଦ୍ର ସରକାର ଭଙ୍ଗ କରିଥିଲେ । ଫଳରେ ଦେଶରେ ନିର୍ବାଚନ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ଏହାକୁ ଜନ ସାଧାରଣଙ୍କୁ ବୁଝାଇବାକୁ ପଡ଼ିବ ବୋଲି ସେ ବିଶଦ ଭାବରେ ଆଲୋଚନା କରିଥିଲେ । ବିଜେପି ଜିଲ୍ଲା ସଭାପତି ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛିଣ୍ଡାନଇ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ଜୟପୁର: ଛିଣ୍ଡାନଇ ସାହିତ୍ୟ ସଂସଦ କଟକ ଓ ଜୟପୁର ଶାଖାର ବାର୍ଷିକ ଉତ୍ସବ କବି କୃଷ୍ଣଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଜୟପୁର ଲୋକେଶ୍ୱରୀ କମୁନିଟି ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବରିଷ୍ଠ ସାହିତ୍ୟିକ ଡ. ସୁରେଶ ଦାଶ ମୁଖ୍ୟଅତିଥି, ଆଦିବାସୀ ଭାଷାର ଗବେଷକ ଡଃ. ରାଜେନ୍ଦ୍ର ପାଢ଼ି ମୁଖ୍ୟବକ୍ତା ଏବଂ ଅଧ୍ୟାପକ ଡଃ. ସୁଧାଂଶୁ ଶେଖର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଂଚାସୀନ ହୋଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସଂସଦର ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ ବିବରଣୀ ପାଠ କରିଥିଲେ । ଏହି ଉପଲକ୍ଷେ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଦୁଇ ମିନିଟ୍ ଶୋକ ପ୍ରାର୍ଥନା କରାଯାଇଥିଲା । ସଂସଦର ସହ ସମ୍ପାଦକ ତଥା କବି ଓ ପ୍ରକାଶକ ପ୍ରକାଶ ମହାନନ୍ଦିଆ ଅତିଥିମାନଙ୍କୁ ଆହ୍ୱାନ କରିଥିବା ବେଳେ କବୟିତ୍ରୀ ସୌଭାଗିନୀ ନନ୍ଦ ଅତିଥି ପରିଚୟ କରିଥିଲେ । ଏହି ଅବସରରେ ସଂସଦ ର ମୁଖପତ୍ର ଶୁଭାଶ୍ରି ପତ୍ରିକା ଉନ୍ମୋଚନ ହୋଇଥିଲା । ଅନୁଷ୍ଠିତ ସଭାରେ ବକ୍ତା ମାନେ ସାଂପ୍ରତିକ ସ୍ଥିତି ରେ ସାହିତ୍ୟର ଭୂମିକା ଉପରେ ଆଲୋଚନା କରିଥଲେ । ବୈରାଗୀ ଚରଣ ସାହୁ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ପ୍ରମୋଦ ରାଉଳ, ଅଶୋକ ପଲେଇ, ଭାବ ଚନ୍ଦ୍ରିକା ଦେବୀ, ଶୁଭଶ୍ରୀ ହୋତା, ସଂଘମିତ୍ରା ଭୁକ୍ତା ପ୍ରମୁଖ କବି ଓ କବୟିତ୍ରୀ କବିତା ପାଠୋତ୍ସବରେ କବିତା ପାଠ କରିଥିଲେ । କବି ଆଲୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରମିକ ସଚେତନତା କାର୍ଯ୍ୟକ୍ରମ




ଟିଟିଲାଗଡ଼,(ପିପିଏସ୍): ତାଲୁକ ଆଇନ ସେବା ସମିତି, ଟିଟିଲାଗଡ଼ ପକ୍ଷରୁ ବ୍ଲକ ଅନ୍ତର୍ଗତ ନାରେନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ସଭାରେ ଉପସ୍ଥିତ ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ନ୍ୟାୟ ପାଇଁ ଆଇନଗତ ସହାୟତା ଆଦି ନେଇ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସବ୍‌ଜଜ୍ କୃଷ୍ଣଚନ୍ଦ୍ର ନାୟକ, ଏସଡ଼ିଜେଏମ୍ ସୁମିତ କୁମାର ପାଣିଗ୍ରାହୀ, ପେନାଲ ଲୟର ସନ୍ଧ୍ୟା ଥାପା ପ୍ରମୁଖ ଯୋଗଦେଇ ବିଭିନ୍ନବର୍ଗର ଶ୍ରମିକ କଲ୍ୟାଣ ଆଇନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ । ଫ୍ରଣ୍ଟ ଅଫିସ ରିଟେନର ଟିକେରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସରପଞ୍ଚ ଯମୁନା ମହାନନ୍ଦ, ପିଇଓ ରାଜେଶ ଭତରିଆ, ଏନଆରଇଜିଏ ସହାୟକ ଶେଖ ତୌଫିକ, ଡବ୍ଲୁଇଓ ଦେବାଶିଷ ମିଶ୍ର, ସବ୍‌ଇନ୍ସପେକ୍ଟର ହୀରା ଖାଲକୋ, ଅହଲ୍ୟା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣୁପୁରରେ ସର୍ବାଧିକ ୧୦୬.୦ମି.ମି. ବର୍ଷା ରେକର୍ଡ଼

ରାୟଗଡ଼ା : କାଳବୈଶାଖୀ ପ୍ରଭାବରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ରାୟଗଡ଼ା ଜିଲ୍ଲାର ଗୁଣୁପୁରରେ ସର୍ବାଧିକ ୧୦୬.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ନବରଙ୍ଗପୁର ଜିଲ୍ଲାର ଡାବୁଗାଁରେ ୬୬.୦ ମି.ମି., ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ୫୨.୦ ମି.ମି., କନ୍ଧମାଳ ଜିଲ୍ଲାର କୋଟଗଡ଼ରେ ୫୦.୦ ମି.ମି., ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ୪୬.୦ ମି.ମି., କେନ୍ଦୁଝର ଜିଲ୍ଲାର ଘସିପୁରାରେ ୪୦.୨ ମି.ମି., ନୂଆପଡ଼ା ଜିଲ୍ଲାର ନୂଆପଡ଼ାରେ ୩୬.୫ ମି.ମି., ନୟାଗଡ଼ ଜିଲ୍ଲାର ନୟାଗଡ଼ରେ ୩୬.୦ ମି.ମି. ଏବଂ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳରେ ୩୫.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ
## 'ଶ୍ରମିକମାନେ ହିଁ ସମାଜ ଗଠନର ଆଧାର'

ସୁବର୍ଣ୍ଣପୁର, (ହି.ସ.)- ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି । ବିଭିନ୍ନ ଶ୍ରମ ସଂଗଠନ ପକ୍ଷରୁ ଉଭୟ ଶ୍ରମଜୀବୀ ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ କ୍ଷେତ୍ରରେ ସୁସ୍ଥତା ଓ ନିରାପତା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଆଲୋଚନା ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଟାଉନହଲ୍ ଠାରେ ଆଂଚଳିକ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖାଙ୍କ ପରିଚାଳନାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହରେ ମାନନୀୟା ସାଂସଦ ବଲାଙ୍ଗୀର ସଂଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନେ ହିଁ ସମାଜ ଗଠନର ଆଧାର ବୋଲି କହିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ କଲ୍ୟାଣ ପାଇଁ କରାଯାଉଥିବା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେ ଏହି ଅବସରରେ ଯୋଜନା ସବୁର ବିଶେଷ ଲାଭ ନେବାକୁ ଜିଲ୍ଲାର ସମସ୍ତ ଶ୍ରମଜୀବୀ ତଥା ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛନ୍ତି । ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୌର ପରିଷଦ ଅଧକ୍ଷା ସୋନପୁର ତାମସୀ ତମସ୍ୱିତା ନାଏକ, ସୋନପୁର ଟ୍ରେଡ଼ ୟୁନିଅନ ସମନ୍ୱୟ ସମିତି ଅଧକ୍ଷ ତଥା ଶ୍ରମିକ ନେତା ଗୋବିନ୍ଦ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଶ୍ରମ ଅଧିକାରୀ ସ୍ୱିନିତା କୁମାରୀ ଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେଶ ନିର୍ମାଣ ଏବଂ ବିକାଶରେ ନିୟୋଜିତ ଶ୍ରମିକଙ୍କ ନିରବଚ୍ଛିନ୍ନ ଭୂମିକା ଉପରେ ଆଲୋକପାତ କରି କୌଣସି ଜଣେ ମଧ ଯୋଗ୍ୟ ଶ୍ରମ ହିତାଧିକାରୀ ଯେପରି ଯୋଜନାରୁ ବାଦ ନ ରହିବେ ତା' ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଅତିଥିବୃନ୍ଦ ଜିଲ୍ଲାର ୬୦୬ଜଣ ବିଭିନ୍ନ ପଞ୍ଜିକୃତ ଅଣସଂଗଠିତ ତଥା

### ୬୦୬ ପଞ୍ଜିକୃତ ଶ୍ରମିକ ହିତାଧିକାରୀଙ୍କୁ ଆର୍ଥିକ ସହାୟତା

ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା, ବିବାହ ଓ ମୃତ୍ୟକାଳୀନ ସହାୟତା ଯୋଜନାରେ ୩ କୋଟି ୪ ଲକ୍ଷ ୭ ହଜାର ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସହାୟତା ଓ ନିର୍ମାଣ ଉପକରଣ ବଂଟନ କରିଥିଲେ । ସମାରୋହରେ ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲ୍ଲା ଶ୍ରମ ବିଭାଗ କର୍ମଚାରୀ, ସାମ୍ବାଦିକ, ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ପ୍ରମୁଖ ଯୋଗ ଦେଇ ନିର୍ମାଣ ଶ୍ରମିକ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର କୋଣ ଅନୁକୋଣରୁ ଶ୍ରମିକ ଏବଂ ବିଭିନ୍ନ ଶ୍ରମିକ ସଂଘର କର୍ମକର୍ତା ଯୋଗଦାନ କରିଥିଲେ । ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମଜୀବୀ ମାନେ ବେଶ ଉତ୍ସାହିତ ଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୪।୫।୨୦୨୫ ■ ରବିବାର

# ଇସ୍ତଫାରୁ ଶିକ୍ଷା

ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେଉଛି ସାଧାରଣ ପ୍ରକ୍ରିୟା, କିନ୍ତୁ ତାମିଲନାଡୁର ଡିଏମକେ ସରକାରକୁ ଯେଉଁ ପରିସ୍ଥିତିରେ ନିଜର ଦୁଇ ମନ୍ତ୍ରୀ ଭି.ସେନ୍ଥିଲ ବାଲାଜୀ ଓ କେ. ପୋନମୁଡ଼ୀଙ୍କ ଇସ୍ତଫାପତ୍ର ନେବାକୁ ପଡ଼ିଲା, ତାହାକୁ ଆଦୌ ସ୍ୱାଭାବିକ ବୋଲି କୁହାଯାଇ ପାରିବ ନାହିଁ । ସୁପ୍ରିମକୋର୍ଟ ଓ ମାଡ୍ରାସ ହାଇକୋର୍ଟଙ୍କ କଠୋର ମନୋଭାବ ଓ ବିରୋଧୀ ପକ୍ଷର ଚାପ ଯୋଗୁଁ ଗତ କିଛିଦିନ ଭିତରେ ରାଜ୍ୟ ସରକାର ଅତ୍ୟନ୍ତ ଅସହଜ ସ୍ଥିତି ମଧ୍ୟରେ ଅଛନ୍ତି । ଏ ଅବସ୍ଥାରେ ଷ୍ଟାଲିନ ସରକାରକୁ ମନ୍ତ୍ରୀ ଦ୍ୱୟଙ୍କ ଇସ୍ତଫା ଦ୍ୱାରା ଅଳ୍ପ ଆଶ୍ୱସ୍ତି ଯଦିଓ ମିଳିଥାଇପାରେ, କିନ୍ତୁ ନିଜର ଉତ୍ତରଦାୟିତ୍ୱରୁ ତାହା କଦାପି ମୁକୁଳି ପାରିବ ନାହିଁ । ସେନ୍ଥିଲ ବାଲାଜୀ ମନି ଲଣ୍ଡରିଙ୍ଗର ଏକ ମାମଲାରେ ଛନ୍ଦି ହୋଇଛନ୍ତି, ୧୫ମାସ ଜେଲରେ ବିତାଇଛନ୍ତି । ତାଙ୍କ ବିରୁଦ୍ଧରେ ଆରୋପ ଯେବେ ଲାଗିଥିଲା, ସେତେବେଳେ ସେ ମନ୍ତ୍ରୀ ଥିଲେ । ଗିରଫ ହେଲେ ଓ ଜେଲ୍ ଗଲେ । ସେବେ ବି ମନ୍ତ୍ରୀ ରହିଥିଲେ । ଏପରିକି ବିନା ବିଭାଗ ଦାୟିତ୍ୱରେ ତାଙ୍କୁ ମନ୍ତ୍ରୀପଦରେ ରଖାଯାଇଥିଲା । ପରେ ସେ ଇସ୍ତଫା ଅବଶ୍ୟ ଦେଲେ, କିନ୍ତୁ ସୁପ୍ରିମକୋର୍ଟରୁ ଜାମିନରେ ବାହାରିବା ପରେ, ଚାରିଦିନ ଭିତରେ ତାଙ୍କୁ ପୁଣି ମନ୍ତ୍ରିମଣ୍ଡଳରେ ସାମିଲ କରିଦିଆଗଲା । ଏହି କଥାକୁ ନେଇ ସର୍ବୋଚ୍ଚ ଅଦାଲତ ତାଙ୍କୁ ସମାଲୋଚନା କରିଥିଲେ ।

ସେନ୍ଥିଲ ବାଲାଜୀଙ୍କ ମାମଲା ରାଜନେତାମାନଙ୍କର ପଦପଦବୀକୁ ମାଡ଼ିବସିରହିବାର ଏକ ପ୍ରକୃଷ୍ଟ ଉଦାହରଣ । ଏପ୍ରକାର ନେତାମାନଙ୍କର ସୂଚିତା ଓ ସ୍ୱଚ୍ଛତା କେବଳ ବହିର ବିଷୟ, ତାକୁ ନିଜ ଆଚରଣରେ ପ୍ରଦର୍ଶନ କରିବା କେବେ ସେମାନଙ୍କ ମନମସ୍ତିଷ୍କକୁ ଆସେନାହିଁ । ତେଣୁ ଦାୟିତ୍ୱ ଷ୍ଟାଲିନ୍ ସରକାରଙ୍କର ମଧ୍ୟ, ଯାହାକି ତଦନ୍ତ ପରିସରଭୁକ୍ତ ଆରୋପୀକୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବାକୁ ପଛାଇଲା ନାହିଁ । ମନ୍ତ୍ରୀ ଯେପରି ପ୍ରଭାବଶାଳୀ ଓ ଶକ୍ତିଶାଳୀ ପଦରେ ବସି ଯେ କୌଣସି କେଶ୍‌କୁ ମଧ୍ୟ ପ୍ରଭାବିତ କରିପାରିବ । ତାହା ଏପରି କଥା ନୁହେଁ ଯେ, ଯାହାକୁ ବୁଝାଇବା ଲାଗି ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଲା । ଜଣେ ମନ୍ତ୍ରୀ ଥାଇ ଅର୍ଥନୈତିକ ଅପରାଧରେ ଆରୋପୀ ହୋଇ ଜେଲ୍‌ଯିବା, ଜେଲ୍‌ରେ ଥିବାବେଳେ ମନ୍ତ୍ରୀପଦ ବଜାୟ ରଖିବା ଏବଂ ଜାମିନରେ ଜେଲରୁ ମୁକୁଳିବା ପରେ ପୁନର୍ବାର ମନ୍ତ୍ରୀପଦରେ ଆସୀନ ହେବା ତ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ନିଷ୍ପତ୍ତି ବୋଲି କୁହାଯିବ । ଏପ୍ରକାର ଆଚରଣ ଯେ ସାଧାରଣ ଜୀବନରେ ସ୍ୱଚ୍ଛତା ପ୍ରତି ଅବମାନନା, ଏଥିରେ ଦ୍ୱିମତ ନାହିଁ । ଯାହାଙ୍କ ବିରୋଧରେ ମାମଲା ଚାଲିଛି ସିଏ କୌଣସି ମନ୍ତ୍ରୀପଦରେ ନ ରହିବା ଉଚିତ । ଏହା ନିଜେ ମୁଖ୍ୟମନ୍ତ୍ରୀ ଦେଖିବା ଉଚିତ ଥିଲା ।

ପୋନମୁଡ଼ୀଙ୍କ ମାମଲା ମଧ୍ୟ ସେଇପରି । ତାଙ୍କର ଆପତ୍ତିଜନକ ଟିପ୍ପଣୀକୁ ନେଇ ଲଗାତାର ବିବାଦ ସୃଷ୍ଟି ହୋଇଚାଲିଛି । ତା' ସତ୍ତ୍ୱେ ମଧ୍ୟ ସିଏ କେବିନେଟ୍‌ରେ ଥିଲେ, ଯେପର୍ଯ୍ୟନ୍ତ ମାଡ୍ରାସ ହାଇକୋର୍ଟ ଏକ ଜନସ୍ୱାର୍ଥ ଆବେଦନ ଉପରେ ତାଙ୍କଠାରୁ ଜବାବ ତଲବ କରିନଥିଲେ । ଉପରୋକ୍ତ ଦୁଇଟିଯାକ ମାମଲା ଲୋକପ୍ରତିନିଧିଙ୍କ ପ୍ରତି ଜନତାଙ୍କ ଭରସା ଉପରେ ଚୋଟ ପକାଇଲା ଭଳି ଘଟଣା । କ'ଣ ପ୍ରତ୍ୟେକ ଛୋଟବଡ଼ ଘଟଣାରେ ନ୍ୟାୟପାଳିକାର ହସ୍ତକ୍ଷେପ ପରେ ସଠିକ୍ ପଦକ୍ଷେପ ଗ୍ରହଣ କରାଯିବ ? ଯଦି ଏପରି ହୁଏ, ତେବେ ସରକାରଙ୍କର ଦାୟିତ୍ୱ ତେବେ କ'ଣ ? ଦେଶରେ ଏବେ ନ୍ୟାୟପାଳିକା ବନାମ ବ୍ୟବସ୍ଥାପିକାକୁ ନେଇ ଅତ୍ୟନ୍ତ ଉତ୍କଟ ବିତର୍କ ଆରମ୍ଭ ହୋଇଯାଇଛି । କେତେକ ଆପତ୍ତି କରୁଛନ୍ତି ଯେ ଅଦାଲତକୁ ବ୍ୟବସ୍ଥାପିକାଙ୍କର ପ୍ରତ୍ୟେକ ମାମଲାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । କିନ୍ତୁ ତାମିଲନାଡୁ ଘଟଣାରୁ ସ୍ପଷ୍ଟ ଯେ ଅନେକ ସମୟରେ ସରକାର ରାଜନୀତିକ ଚାପରେ ଥାଆନ୍ତି ଓ କ୍ଷମତା ରାଜନୀତି ଆଗରେ ନୈତିକତା ଦୁର୍ବଳ ପଡ଼ିଯାଇଥାଏ । ତେଣୁ ପ୍ରତ୍ୟେକ ସରକାରଙ୍କୁ ଉପରୋକ୍ତ ଘଟଣା ଦ୍ୱୟରୁ ଶିକ୍ଷା ଗ୍ରହଣ କରିନେବା ଦରକାର ଯାହା ଫଳରେ ପରେ କେହି ଲଜ୍ଜିତ ହେବେ ନାହିଁ । ❒❒

# ଜନ୍ମର ସାର୍ଥକତା

ଆମ୍ଭେମାନେ ଶାନ୍ତି କିପରି ଲାଭ କରି ପାରିବା ? ଶାନ୍ତି କେବଳ ଶାନ୍ତି ମାଧ୍ୟମରେ ହିଁ ମିଳି ପାରିବ । ପାଦରୁ କଣ୍ଟାଟିଏ କାଢିବା ପାଇଁ ଆଉ ଗୋଟିଏ କଣ୍ଟା ବ୍ୟବହାର କରିବାକୁ ପଡିଥାଏ । ହୀରାକୁ କାଟିବା ପାଇଁ ହୀରା କେବଳ ଆବଶ୍ୟକ ହୋଇଥାଏ । କେବଳ ଶାନ୍ତି ମାଧ୍ୟମରେ ହିଁ ଶାନ୍ତି ଲାଭ କରିହେବ । ଏ ପୃଥିବୀରେ ଅନେକ ଲୋକ ଅଛନ୍ତି ଯେଉଁ ମାନଙ୍କର ସମସ୍ତ ପ୍ରକାର ର ସୁଖ ସୁବିଧା ଅଛି । ତଥାପି ସେମାନଙ୍କର ଶାନ୍ତି ନାହିଁ ଏବଂ ପ୍ରତି ମୂହୁର୍ତ୍ତରେ କିଛି ନା କିଛି ଭୟ ରହିଛି । ସବୁ ପ୍ରକାର ସୁଖ ଓ ସୁବିଧା ସତ୍ତ୍ୱେ ମନୁଷ୍ୟ ଆଜି ଶାନ୍ତି ଅନୁଭବ କରିବାକୁ ଅସମର୍ଥ, କାରଣ ସେ ଅସତ୍ ଚିନ୍ତାରେ ପୁରି ରହିଛି । ସାପଟିଏ ଘର ଭିତରକୁ ପଶିଲେ ଜଣେ ଭୟ ଉଦ୍‌ବେଗରେ ବ୍ୟସ୍ତ ହୋଇପିଡବ । ଏ ପରିସ୍ଥଳେ ରାଗ ଓ ଦ୍ୱେଷର ବିଷାକ୍ତ ସର୍ପମାନେ ମନୁଷ୍ୟ ଭିତରେ ପ୍ରବେଶ କରିଥିବା ବେଳେ ମନୁଷ୍ୟ କିପରି ଶାନ୍ତିଲାଭ କରିପାରିବ । ତେଣୁ ମନୁଷ୍ୟ ପ୍ରଥମେ ଏକଥା ଦେଖିବା ଉଚିତ, ଯେପରି ଅସଦଗୁଣ,ଅସଚିନ୍ତ ତା ହୃଦୟଭିତରେ ପ୍ରବେଶ ନ କରେ । ତା ହୃଦୟରେ ଅନ୍ତରତମ ପ୍ରଦେଶରେ ଶାନ୍ତିର ସ୍ଥାୟୀ ନିଝର ରହିଛି । ଭୂତଳରେ ଜଳ ସର୍ବତ୍ର ପ୍ରବାହିତ ହେଉଅଛି । ଭୂପୃଷ୍ଠକୁ ଖୋଳିଲେ ଜଳକୁ ଆବୃତ କରି ରଖିଥିବା ମୃତ୍ତିକାକୁ ବାହାର କରିବାକୁ ହେବ । ରାଗ ଓ ଦ୍ୱେଷର ମୃତ୍ତିକା ଆମ ଭିତରୁ ବାହାର କରିଦେଲେ ଜଳ ରୂପକ ଶାନ୍ତି ଲାଭ କରିପାରିବ । ଭଗବାନ ସତ୍ୟସାଇ ବାବା ଅନେକ ସମୟରେ କହିଥାନ୍ତି - ଖଳ ଚିନ୍ତାତୁମ ମନଭିତରେ ପ୍ରବେଶ କରିବା ବେଳେ ତୁମେ ନିଜକୁ ବାରମ୍ବାରସ୍ମରଣ କରାଇବା ଉଚିତ୍ ମୁଁ ପଶୁ ନୁହେଁ ମନୁଷ୍ୟ । ତେବେ ତୁମର ଖରାପ ଚିନ୍ତା ଦୂରେଇଯିବ ଏବଂ ମହତ ଚିନ୍ତା ବିକଶିତ ହେବ । ତୁମର କ୍ରୋଧ ଆସିଲାବେଳେ ନିଜକୁ ସ୍ମରଣ କରାଇଦିଅ "ମୁଁ କୁକୁର ନୁହେଁ ମୁଁ ମନୁଷ୍ୟ"। କ୍ରୋଧ ହେଉଛି କୁକୁର ଗୁଣ ମଣିଷର ଗୁଣ ନୁହେଁ । ତୁମେ କୁକୁର ନୁହେଁ ବୋଲି ବାରମ୍ବାର ନିଜକୁ ସ୍ମରଣ କରାଇଲେ କୁକୁର ଗୁଣ ତୁମଠାରୁ ଅପସରି ଯିବ । ମନର ଚଞ୍ଚଳ ସ୍ୱଭାବ ଯୋଗୁଁ ସମୟେ ସମୟେ ତୁମଠାରୁ ଅବାଞ୍ଛନୀୟ ଚିନ୍ତା ଉଦ୍ରେକ ହୋଇଥାଏ । ସେ ସମୟରେ ନିଜକୁ ବାରମ୍ବାର ସ୍ମରଣ କରାଇଦିଅ "ମୁଁ ମାଙ୍କଡ ନୁହେଁ,ମୁଁ ମଣିଷ" ।

ତୁମେ ଏପରି କରିବା ବେଳେ ମାଙ୍କଡର ଗୁଣ, କ୍ରୋଧ,ଚଞ୍ଚଳତା ପ୍ରଭୃତି ତୁମଠାରୁଦୁରେଇ ଯିବ । ଫଳରେ ତୁମ ଭିତରେ ଶାନ୍ତି, କରୁଣା ପ୍ରେମ ସହିଷ୍ଣୁତା ଆଦି ମାନବୀୟ ମୂଲ୍ୟବୋଧର ଗୁଣ ବିକାଶିତ ହେଲେ ତୁମେ ଶାନ୍ତି ଓ ଆନନ୍ଦ ପାଇପାରିବେ । ଶାନ୍ତି ହେଉଛି ପ୍ରତ୍ୟେକ ମନୁଷ୍ୟର ଆନ୍ତରିକ ସମ୍ପଦ । ଶାନ୍ତି ଆମ ଭିତରେ ଅଛି । ଆମ ଘର ଭିତରେ ଜଳନ୍ତା ଦ୍ୱୀପଟିଏ ଥିଲେ ଆମେ କାହିଁକି ଅନ୍ୟ ଘରକୁ ଦ୍ୱୀପ ଲଗାଇବାକୁ ଯିବା । ଯାହାର ଯଥେଷ୍ଟ ସନ୍ତୋଷ ଅଛି ସେହିଁ ଶାନ୍ତି ଲାଭ କରିପାରିବ । କେବଳ ଭଗବାନଙ୍କନାମ ଆମକୁ ବନ୍ଧନରୁ ରକ୍ଷାକରିବ ଏବଂ ସବୁବେଳେ ଆମ ସାଥିରେ ରହିବେ ।

ଗୋପୀନାଥ ଦାଶ, କେନ୍ଦ୍ରାପଡ଼ା

# ଜାତିଗତ ଜନଗଣନାର କ୍ଷତି କେତେ, ଲାଭ କେତେ

## ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ



ପହଲଗାମ ଆକ୍ରମଣ ଓ ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତି ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରିମଣ୍ଡଳ ଦ୍ୱାରା ଜନଗଣନା ସହ ଜାତି ଜନଗଣନା କରାଇନେବାର ନିର୍ଣ୍ଣୟ ରାଷ୍ଟ୍ରୀୟ ସ୍ତରରେ ଚାଲିଥିବା ବିମର୍ଶକୁ କିଛି ସମୟ ଲାଗି ଆଉ ଏକ ମୋଡ଼ ଦେଇଦେଇଛି । ଭାରତର ଏକତା-ଅଖଣ୍ଡତା, ସାମାଜିକ ସଦ୍‌ଭାବ ଦୃଷ୍ଟିରୁ ଏହା ଏପରି ଏକ ପଦକ୍ଷେପ ଯେ ତାହାର ସଦୁପଯୋଗ ଓ ଦୁରୁପଯୋଗ ଉଭୟର ପ୍ରଭାବ ପଡ଼ିବ । ୧୯୭୭ରେ ମଣ୍ଡଳ କମିଶନ ଗଠନ, ତାହାର ରିପୋର୍ଟ ଓ ରାଷ୍ଟ୍ରୀୟ ସ୍ତରରେ ତାହାର ପ୍ରସ୍ତାବକୁ ୧୯୯୦ରେ ଲାଗୁ କରାଯିବା ପଛରେ ନିରୋଳା ରାଜନୀତି ଥିଲା । ଏହା ଫଳରେ ଯେଉଁ ସାମାଜିକ-ରାଜନୈତିକ-ସାଂସ୍କୃତିକ ଭୂକମ୍ପନର ଯୁଗ ଆରମ୍ଭ ହେଲା, ତାହା ଆଜି ମଧ୍ୟ ଜାରି ରହିଛି । ତାହାକୁ ନେଇ ବାସ୍ତବରେ ସାମାଜିକ ନ୍ୟାୟର ସଙ୍କୋଚ-ଦାୟିତ୍ୱବାନ ଅଙ୍ଗ ସୃଷ୍ଟି ହେଲା ନାହିଁ ଓ ମଣ୍ଡଳବାଦୀ ନେତାମାନଙ୍କର ଅଦୂରଦର୍ଶିତା କାରଣରୁ ତାହାର ଘୋର ଦୁରୁପଯୋଗ କରାଗଲା ।

ଜାତି ଜନଗଣନା ନେଇ ସରକାରଙ୍କ ନିର୍ଣ୍ଣୟକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳମାନେ ନିଜର ବିଜୟ ବୋଲି କହିପାରନ୍ତି, କାରଣ ସେମାନେ ଗତ ତିନି କି ସାଢ଼େ ତିନିବର୍ଷ ଧରି ଏଥିପାଇଁ ଦାବି କରିଆସୁଥିଲେ । ୨୦୨୪ ଲୋକସଭା ନିର୍ବାଚନରେ ବିରୋଧୀ ପକ୍ଷ ଏହାକୁ ଏକ ପ୍ରସଙ୍ଗ କରିଥିଲେ । ସେତେବେଳେ ଭାଜପା କହୁଥିଲା ଯେ ଏହା ବ୍ୟବହାରିକ ନୁହେଁ । ତେବେ ଗତବର୍ଷ ଉତ୍ତରାର୍ଦ୍ଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତିଗତ ଜନଗଣନା ଲାଗି ସଂକେତ ମିଳିବାକୁ ଲାଗି । ତେଣୁ ଅପ୍ରତ୍ୟାଶିତ ଭାବେ ଏ ଘୋଷଣା କରାଯାଇଛି ବୋଲି କହିବା ଭୁଲ ହେବ । ପ୍ରାୟ ଶହେବର୍ଷ ପରେ ପୂରାମାତ୍ରାରେ ଜାତି ଜନଗଣନା ହେବ । ୧୯୩୧ ବେଳକୁ ସମ୍ଭବତଃ ଆମ ସମସ୍ତଙ୍କୁ ଜାତିମାନଙ୍କର ପ୍ରମାଣିତ ତଥ୍ୟ ମିଳିପାରିବ । ଅନ୍ତିମ ଜାତି ଜନଗଣନା ଏକସଙ୍ଗରେ ୧୯୩୧ରେ ହୋଇଥିଲା । ଭାଜପା ଓ କଂଗ୍ରେସ ଉଭୟଙ୍କର ଏ ପ୍ରସଙ୍ଗରେ ନିଜ ନିଜର ଦୃଷ୍ଟିକୋଣ ବଦଳିଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏହା ଉପରେ ନିଜର ମନୋଭାବ ବଦଳାଇଛନ୍ତି । ଏବେ ବିରୋଧୀଦଳମାନଙ୍କ ମଧ୍ୟରେ ନିର୍ଣ୍ଣୟର ଶ୍ରେୟ ନେବା ଲାଗି ଦୌଡ଼ ଚାଲିଛି । ମୋଦୀ ସରକାର ଏ ନିର୍ଣ୍ଣୟ ସେତେବେଳେ ନେଲେ ଯେତେବେଳେ ବିରୋଧୀଦଳର ଧ୍ୟାନ ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଥିଲା ଓ ବିପକ୍ଷ ପୂର୍ଣ୍ଣମାତ୍ରାରେ ସରକାରଙ୍କ ସହ ଛିଡ଼ା ହୋଇଥିଲା । ଏହି ନିର୍ଣ୍ଣୟକୁ ବିହାରର ଆଗାମୀ ବିଧାନସଭା ନିର୍ବାଚନକୁ ମଧ୍ୟ ଯୋଡ଼ି କରି ଦେଖାଯାଉଛି ଯେଉଁଠି ତେଜସ୍ୱୀ ଯାଦବ ଓ ରାହୁଳ ଗାନ୍ଧୀ ଜାତିଗତ ଜନଗଣନାକୁ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ କରି ମୋଦୀ-ନୀତିଶଙ୍କୁ ପରାଜିତ କରିବା ଲାଗି ଅନେଇ ବସିଥିଲେ ।

ବ୍ରିଟିଶ ଶାସନ କାଳରେ ଯେବେ ୧୮୮୧ରୁ ୧୯୩୧ ଯାଏ ଜାତିଗତ ଜନଗଣନା ହୋଇଥିଲା, ତେବେ ତାହାକୁ କାହିଁକି ବନ୍ଦ କରିଦିଆଗଲା ଓ ଏବେ ପ୍ରାୟ ଶହେବର୍ଷ ପରେ ତାହାକୁ କାହିଁକି କରାଯାଉଛି ? ୧୯୪୧ରେ ମଧ୍ୟ ଜାତିଗତ ଜନଗଣନା ହୋଇଥିଲା କିନ୍ତୁ ତାହା ପ୍ରକାଶିତ ହୋଇନଥିଲା । ଦେଶ ସ୍ୱାଧୀନ ହେବା ପରେ ୧୯୫୧ରୁ ୨୦୧୧ ଯାଏ ଆଂଶିକ ଜାତିଗତ ଜନଗଣନା ହେଉଥିଲା, ଯହିଁରେ ଅନୁସୂଚିତ ଜାତି ଓ ଜନଜାତିଙ୍କର ଜନଗଣନା ହୋଇଥିଲା । ୧୯୪୧ର ଜନଗଣନା କମିଶନର ଏମଡବ୍ଲୁଏମ୍ ୟିଟସ ଜାତି ଜନଗଣନାକୁ ବ୍ୟୟବହୁଳ, ସମୟର ଅପଚୟ, ସାମାଜିକ ବିଦ୍ୱେଷ ସୃଷ୍ଟିକାରୀ ଓ ଜାତିବିହୀନ ସମାଜ ଗଠନମାର୍ଗରେ ଅବରୋଧ ବୋଲି ଦର୍ଶାଇଥିଲେ । ତତ୍‌କାଳୀନ କଂଗ୍ରେସ ଜାତିବିହୀନ ସମାଜଗଠନ କାର୍ଯ୍ୟରେ ଲାଗିଥିବାବେଳେ ଡକ୍ଟର ଆମ୍ବେଦକର ମଧ୍ୟ ଜାତିବିହୀନ ସମାଜ ଗଠନ ହେଲେ ଦେଶର ପ୍ରଗତି ସମ୍ଭବ ବୋଲି କହୁଥିଲେ । ଏବେ ଜାତିଗତ ଜନଗଣନା ହେବାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପକ୍ଷେ କୌଣସି ଫରକ ପଡ଼ିବ ନାହିଁ, କାରଣ ସେମାନଙ୍କର ଗଣନା ତ ସବୁବେଳେ ହୋଇଆସୁଛି, କିନ୍ତୁ ପଛୁଆବର୍ଗ (ଓବିସି)ଙ୍କୁ ଲାଗୁଛି ଏବେ ତାଙ୍କର ଫାଇଦା ହେବ, କିନ୍ତୁ କାହାକୁ ଜଣାନାହିଁ ଏହା କିପରି ହେବ ? କ'ଣ ଜାତିଗତ ଜନଗଣନା କେବଳ ଏକ ନିର୍ବାଚନୀ ପ୍ରସଙ୍ଗ ଓ ରାଜନୈତିକ ଦଳମାନଙ୍କ ଦ୍ୱାରା ସମାଜର ଏକ ବଡ଼ବର୍ଗକୁ ପ୍ରଭାବିତ କରିବାର କୌଶଳ ? ଅବଶ୍ୟ ଜାତିଗତ ଜନଗଣନା ଦ୍ୱାରା ଓବିସି ଜାତିମାନଙ୍କର ପ୍ରକୃତ ସଂଖ୍ୟା ମିଳିବ ଓ ସ୍ଥାନ ସଂରକ୍ଷଣ ନେଇ ଉପବର୍ଗୀକରଣ ଦ୍ୱାରା କେତେକଙ୍କୁ କିଛି ଫାଇଦା ମିଳିପାରେ, କିନ୍ତୁ ଭବିଷ୍ୟତ କହିବ ଜାତିଗତ ଜନଗଣନା ଫଳରେ ସାମାଜିକ ନ୍ୟାୟ ବାସ୍ତବରେ ସମନ୍ୱୟ ସ୍ଥାପନରେ ସହାୟକ ହେଲା କି ନା । ଯଦି ଜାତିଗତ ଜନଗଣନା ଦ୍ୱାରା ବାସ୍ତବରେ ସାମାଜିକ ନ୍ୟାୟ ସ୍ଥାପନ ହୁଅନ୍ତା, ତେବେ କ'ଣ ଏସି-ଏସଟି ସମାଜକୁ ଆବଶ୍ୟକ ସାମାଜିକ ନ୍ୟାୟ ମିଳି ପାରିଛି ? କେବଳ ଦୁଇ, ତିନୋଟି ଅନୁସୂଚିତ ଜାତିର ସ୍ଥିତିରେ ଉନ୍ନତି ହୋଇଛି, କିନ୍ତୁ ଅନେକ ଜାତି ପଛରେ ରହିଯାଇଛନ୍ତି । ଏହି ସ୍ଥିତି ଆଦିବାସୀମାନଙ୍କ କ୍ଷେତ୍ରରେ ମଧ୍ୟ ।

ସମ୍ବିଧାନ ଅନୁସାରେ ଜନଗଣନାର ଏକାଧିକାର କେନ୍ଦ୍ର ସରକାରଙ୍କର ରହିଛି । ତଥାପି ବିହାର, କର୍ଣ୍ଣାଟକ, ତେଲେଙ୍ଗାନା ଆଦି ରାଜ୍ୟ ନିଜନିଜ ତରଫରୁ ଜାତିଗତ ସର୍ଭେ କଲେ । ଯେଉଁ ରାଜ୍ୟମାନେ ଜାତିଗତ ସର୍ଭେ କରି ବିଭିନ୍ନ ଜାତିମାନଙ୍କର ସଂଖ୍ୟା ବାହାର କଲେ, ସେମାନେ ଏପରି କି ପଦକ୍ଷେପ ଓବିସିଙ୍କର ଉନ୍ନତି ପାଇଁ ନେଲେ ଯାହା ବିନା ଜାତିଗତ ପରିସଂଖ୍ୟାନରେ ସମ୍ଭବ ହୋଇପାରିନଥାନ୍ତା ?

୨୦୧୧ରେ ମନମୋହନ ସିଂହ ସରକାରଙ୍କ ସମୟରେ ସାମାଜିକ-ଆର୍ଥିକ ସର୍ଭେ କରାଯାଇଥିଲା କିନ୍ତୁ ଜାତିଗତ ସଂଖ୍ୟା ପ୍ରକାଶ କରିପାରି ନଥିଲା । ସେତେବେଳର ଗୃହମନ୍ତ୍ରୀ ପି.ଚିଦାମ୍ବରମ୍ ଜାତିଗତ ଜନଗଣନାର ପରିସଂଖ୍ୟାନ ପ୍ରକାଶ ନ କରିବାର କାରଣ ଦର୍ଶାଇ କହିଥିଲେ, କେନ୍ଦ୍ର ଓ ରାଜ୍ୟମାନଙ୍କରେ ଭିନ୍ନଭିନ୍ନ ଓବିସି ସୂଚୀ ରହିଛି, କେତେକ ରାଜ୍ୟରେ ଓବିସି ତାଲିକା ନାହିଁ, କେତେକ ଜାତି ଅନୁସୂଚିତ ଜାତି ଓ ଓବିସି, ଉଭୟରେ ରହିବା, ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ଓ ମୁସଲମାନ ହୋଇଥିବା ଲୋକଙ୍କୁ ବିଭିନ୍ନ ରାଜ୍ୟରେ ଅଲଗା ଅଲଗା ସ୍ଥିତି ସୃଷ୍ଟି ହେବା, ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଇ ଭିନ୍ନ ସ୍ଥିତିରେ ଦୁଇ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିବାହରୁ ଉତ୍ପନ୍ନ ପିଲାଙ୍କୁ ନେଇ ସ୍ପଷ୍ଟତା ନ ହେବା ଆଦି ସମସ୍ୟା । ଏବେ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ପରେ ଜନଗଣନା ଆୟୋଗଙ୍କୁ ଏସବୁ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ଏହା କଷ୍ଟକର ବ୍ୟାପାର ସତ କିନ୍ତୁ ଅସମ୍ଭବ ନୁହେଁ ।

ଆଉ ଏକ ବଡ଼ ପ୍ରଶ୍ନ ହେଉଛି କ'ଣ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କୁ ମଧ୍ୟ ଜାତିଗତ ଜନଗଣନାଭୁକ୍ତ କରାଯିବ ? ଏବେ ପସମାଳା (ଅଜଲାଫ ଓ ଅରଜାଲ) ମୁସଲମାନ ନିଜ ହକ୍ ପାଇଁ ଲଢ଼େଇ କରୁଛନ୍ତି । ଖ୍ରୀଷ୍ଟିଆନଙ୍କ ଭିତରେ ମଧ୍ୟ ଦଳିତ ଖ୍ରୀଷ୍ଟିଆନଙ୍କର ଦାବି ଯେ ସେମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦିଆଯାଉ । ତେବେ ହିନ୍ଦୁ ସମାଜରେ ଜାତିପ୍ରଥା ଥିବା କାରଣରୁ ସମ୍ବିଧାନରେ ଅନୁସୂଚିତ ଜାତିଙ୍କର ଚିହ୍ନଟ କେବଳ ହିନ୍ଦୁ ସମାଜରେ ହୋଇଆସୁଛି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଥିବା ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ଏସଟି ଭାବେ ଚିହ୍ନିତ କରାହେଉଛି, ଅନ୍ୟ ରାଜ୍ୟମାନଙ୍କରେ ନୁହେଁ । ହିନ୍ଦୁ ସମାଜକୁ ବିଭାଜିତ କରି ଦେଶକୁ ଦୁର୍ବଳ କରିବା ପାଇଁ ଅନେକ ଶକ୍ତି ଭିତରେ ଓ ବାହାରେ ସକ୍ରିୟ ଅଛନ୍ତି । ସରକାର, ଭାଜପା, ସଂଘ ଓ ସାମାଜିକ-ସାଂସ୍କୃତିକ ପୁନର୍ଜାଗରଣରେ ଲାଗିଥିବା ଅନ୍ୟ ସବୁ ସଂଗଠନଗୁଡ଼ିକ ସଂପୂର୍ଣ୍ଣ ପରିସ୍ଥିତି ସଂପର୍କରେ ଅବହିତ ଅଛନ୍ତି । ତେଣୁ ଜାତିଗତ ପରିସଂଖ୍ୟାନ ସମାଜରେ ବିଭାଜନ ଓ ବିଦ୍ୱେଷ, ଈର୍ଷା ଓ ଘୃଣାର କାରଣ ଯେପରି ନ ହେବ ତାହା ଦେଖିବାକୁ ପଡ଼ିବ । ❒❒

# ନୀତିନିଷ୍ଠ ଦେଶସେବକ ନିତ୍ୟାନନ୍ଦ

ଡାକ୍ତର ରବି ରଞ୍ଜନ ସାହୁ

ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ପୂର୍ବତନ ରାଜ୍ୟପାଳ, ଜନସେବୀ, ଦେଶସେବକ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ଜୀବନ ଏବଂ କର୍ମ ନୀତି ନୈତିକତାକୁ ଆଧାର କରି ପର୍ଯ୍ୟବେସିତ ଥିଲା । ଜଣେ ନୀତିନିଷ୍ଠ ସାଧକ ଭାବରେ ସେ ଓଡ଼ିଶା ତଥା ଦେଶରେ ଗୌରବ ଅର୍ଜନ କରିଛନ୍ତି । ଗୋଟିଏ ଜମିଦାର ପରିବାରରେ ଜନ୍ମଗ୍ରହଣ କରି ଧନ ସମ୍ପ❒ ଓ ସୁଖ ସୌଭାଗ୍ୟ ଲାଭ କରିଥିବା ନିତ୍ୟାନନ୍ଦ ସେ ସବୁକୁ ଛାଡ଼ି ଦେଶପାଇଁ ନିଜକୁ ସ୍ୱାଧୀନତା ସଂଗ୍ରାମରେ ଲଗାଇ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କ ଡ଼ାକରା, ଗୋପବନ୍ଧୁଙ୍କ ଆତ୍ମବଳିଦାନ ଓଡ଼ିଶାର ପୁରପଲ୍ଲୀରେ ସୃଷ୍ଟି ହେଉଥିବା ସ୍ୱାଧୀନଚେତା ବାର୍ତ୍ତାକୁ ଅବଲୋକନ କରି ସେ ଓକିଲାତି ପେସାକୁ ପାଦରେ ଏଡ଼ାଇ ଦେଇଥିଲେ ।

ଗାନ୍ଧୀ, ଗୋପବନ୍ଧୁଙ୍କ ବିଚାର ତଥା ବିଦେଶୀ ଶାସନର ପରିଣତି ଉପରେ ତାଙ୍କର ସ୍ପଷ୍ଟ ଧାରଣା ସୃଷ୍ଟି ହୋଇଥିଲା । ଆଇନରେ ଡ଼ିଗ୍ରୀ ହାସଲ ପରେ ନିତ୍ୟାନନ୍ଦ ଉତ୍କଳ ଗୌରବ ମଧୁସୂଦନଙ୍କ ସହଯୋଗୀ ଭାବରେ ଆଇନ ପେଶାରେ ଯୋଗ ଦେଲେ । ଏହାଦ୍ୱାରା ତାଙ୍କର ଖ୍ୟାତି ଓ ଦକ୍ଷତା ପ୍ରକାଶ ପାଇଲା । ମାତ୍ର ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ତାଙ୍କୁ ଆଇନ ପେଶାରେ ବାନ୍ଧି ରଖି ପାରିଲା ନାହିଁ । ୧୯୩୦ ଆଇନ ଅମାନ୍ୟ ଆନ୍ଦୋଳନ ଡ଼ାକରା ଦେଇ ଗାନ୍ଧିଜୀ ଦେଶବାସୀଙ୍କୁ କଳା ଲୁଣମରା ଆଇନକୁ ବିରୋଧ କରିବାକୁ କହିଥାନ୍ତି ଓ ନିଜେ ମଧ୍ୟ ସାବରମତୀରୁ ଦାଣ୍ଡି ଗ୍ରାମକୁ ଯାଇ ସରକାରଙ୍କ ଲୁଣ ଆଇନର ବିରୋଧ କରି ସମୁଦ୍ରରୁ ଲୁଣ ମାରିଥାନ୍ତି । ଏହାର ପ୍ରଭାବ ସାରା ଦେଶରେ ପଡ଼ିଥିଲା । ସ୍ୱାଧୀନତାର ଆହ୍ୱାନରେ ନିତ୍ୟାନନ୍ଦ କାନୁନ୍‌ଗୋ ଓକିଲାତି ଛାଡ଼ି ଏହି ଆନ୍ଦୋଳନରେ ସାମିଲ ହୋଇଗଲେ ଓ ପରେ ପରେ ଭାରତ ଛାଡ଼ ଆନ୍ଦୋଳନରେ ମଧ୍ୟ ଭୂମିକା ନିଭାଇ ଦେଇଗଲେ । ଜଣେ ସଚ୍ଚା ସ୍ୱାଧୀନଚେତା ନାଗରିକ ଭାବେ ଦେଶ ମାତୃକାର ସେବକରେ ସେ ନିଜକୁ ସମର୍ପଣ କରିଦେଲେ । ସଂଗ୍ରାମ ପରେ ଆରମ୍ଭ ହେଲା ନବ ନିର୍ମାଣର ଯୁଗ । ସ୍ୱାଧୀନ ଭାରତରେ ମଧ୍ୟ ପରାଧୀନ ଭାରତରେ ଯେପରି ଭୂମିକା ନିଭାଇ ଥିଲେ ଠିକ୍ ସେହିପରି ଭୂମିକାରେ ରହି ନିତ୍ୟାନନ୍ଦ ଭାରତକୁ ନୂଆ କରି ଗଢ଼ିବାରେ ଗାନ୍ଧି ମହାତ୍ମାଙ୍କ ସ୍ୱପ୍ନକୁ ସାକାର କରିବାରେ ମନୋନିବେଶ କଲେ । ଇଂରେଜ ଶାସନ ସମୟରେ ଓଡ଼ିଶାରେ ପ୍ରାଦେଶିକ ସରକାର ଗଠନ ହୋଇଥିଲା ଓ ନିତ୍ୟାନନ୍ଦ ସେଥିରେ ଅଂଶଗ୍ରହଣ କରିଥିଲେ । ୧୯୩୭ ନିର୍ବାଚନରେ ଭାଗ ନେଇ ସେ ବାଲିକୁଦାରୁ ବିଧାନସଭାକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ମନ୍ତ୍ରୀମଣ୍ଡଳରେ କାର୍ଯ୍ୟ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ସେ ବାଲିକୁଦାରୁ ବିଧାୟକ ହୋଇ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ଓ ପରେ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ କାର୍ଯ୍ୟ କରିଥିଲେ । ଏହି ସମୟରେ ସରକାର ଓଡ଼ିଶାର ଉନ୍ନତି ପାଇଁ ଯେଉଁ ଅଭିନବ ପ୍ରୟାସ



କରିଥିଲେ ସେଥିରେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କର ସହଯୋଗ ରହିଥିଲା । ଭାଗ ଚାଷୀଙ୍କ ସମସ୍ୟା, ଚାଷୀଙ୍କ ଅଧିକାରର ସୁରକ୍ଷା ତଥା ପ୍ରଜାସ❒ ଆଇନ ପ୍ରଣୟନରେ ନିତ୍ୟାନନ୍ଦ କାନୁନ୍‌ଗୋ ଉଦ୍ୟମ କରିଥିଲେ ।

ପ୍ରଥମ ସାଧାରଣ ନିର୍ବାଚନରେ ନିତ୍ୟାନନ୍ଦ କାନୁନ୍‌ଗୋ କଂଗ୍ରେସରୁ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭ କରି ପଣ୍ଡିତ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ । ପ୍ରଥମେ ବାଣିଜ୍ୟ ମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଭାବେ ବାଣିଜ୍ୟ, ଶିଳ୍ପ ଓ ଜାହାଜ ଚଳାଚଳ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଏହି ସମୟରେ ଦେଶରେ କୁଟୀର ଶିଳ୍ପର ବିକାଶ ସହିତ ବୃହତ ଇସ୍ପାତ ଶିଳ୍ପ ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା । ନିତ୍ୟାନନ୍ଦଙ୍କ ପ୍ରଚେଷ୍ଟାରୁ ରାଉରକେଲା ଓ ଭିଲ୍ଲାଇଠାରେ ଇସ୍ପାତ କାରଖାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଲା । ସେହିପରି ଦେଶରେ ଲୁଗାକଳଗୁଡ଼ିକର ବିକାଶ ଏବଂ ନୂତନ ଲୁଗାକଳ ପ୍ରତିଷ୍ଠା କରାଗଲା ବୋଲି ଦେଶୀୟ ବାଣିଜ୍ୟ କାରବାର ବୃଦ୍ଧି ହେଲା । ରସାୟନ ଶିଳ୍ପ କାରଖାନା, ସାର ଆଦି ପ୍ରସ୍ତୁତ ପାଇଁ ଉଦ୍ୟମ ଓ କୃଷିର ବିକାଶ ପାଇଁ ନିତ୍ୟାନନ୍ଦ କାନୁନ୍‌ଗୋ ଚେଷ୍ଟା କରିଥିଲେ । ଏଥି ସହିତ ସେ ଅଖିଳ ଭାରତ ବୁଣାକାର ସଂଘର ପ୍ରାଦେଶିକ ସଂପାଦକ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ମଧ୍ୟ ରହିଥିଲେ । ପୂର୍ବରୁ ଏହି ସଂଘରେ ଗାନ୍ଧିଜୀ ସଭାପତି ଥିଲାବେଳେ ସାରା ଦେଶରେ ଖଦୀ ଶିଳ୍ପର ବିକାଶ ତଥା ବୁଣାକାରମାନଙ୍କର ଜୀବନ ଜୀବିକାର ଉନ୍ନତି ପାଇଁ ନିତ୍ୟାନନ୍ଦ କାନୁନ୍‌ଗୋ ଉଦ୍ୟମ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ପ୍ରତିନିଧି ଭାବେ ସେ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ, ଆଫ୍ରିକା, ଜାପାନ, ମଧ୍ୟପ୍ରାଚ୍ୟର ଅନେକ ଦେଶକୁ ଗସ୍ତରେ ଯାଇ ସେଠାରେ ଭାରତର ଗୌରବ ବଢ଼ାଇବା ସହିତ ସେହି ସେହି ଦେଶଗୁଡ଼ିକ ସହିତ ଭାରତର ଦ୍ୱିପାକ୍ଷୀକ ସଂପର୍କକୁ ଅଧିକ ମଜବୁତ୍ କରିବା ଦିଗରେ ଚେଷ୍ଟା କରିଥିଲେ । ନୀତି ଆଦର୍ଶରେ ଅଟଳ ତଥା ଗାନ୍ଧୀ ବିଚାର ମୂଲ୍ୟବୋଧର ପ୍ରସାରରେ ସେ ସାରା ଜୀବନ ଅତିବାହିତ କରିଥିଲେ । ରାଜନୀତି ଉଚ୍ଚ ପଦପଦବୀ ଲାଭଠାରୁ ସାଧାରଣଙ୍କ ଜୀବନରେ ଜଣେ ଆଦର୍ଶ ନେତା ଭାବରେ ସେ ସ୍ମରଣୀୟ । ଏପରି ଜଣେ ଯୋଗଜନ୍ମା ଗାନ୍ଧିବାଦୀ, କଂଗ୍ରେସ ନେତା ଦେଶସେବକ ନିତ୍ୟାନନ୍ଦଙ୍କର ଜନ୍ମ ୧୯୦୦ ଖ୍ରୀଷ୍ଟାବ୍ଦରେ ମଇ ମାସ ୪ ତାରିଖରେ କଟକ ସହରରେ ହୋଇଥିଲା ।

ଚାନ୍ଦିନୀଚୌକ, କଟକ-୨

ମୋ: ୯୪୩୭୩-୧୦୧୭୧

## ସଂପାଦକଙ୍କୁ ପତ୍ର

### ଦିନକୁ ଦିନ ବଦଳୁଛି ପାଣିପାଗ

ମହାଶୟ,

ପାଣିପାଗ ପରିବର୍ତ୍ତନର ପ୍ରଭାବ ଏବେ ଅନୁଭୂତ ହେବାରେ ଲାଗିଚି । ବିଶେଷ କରି ଜଳ ଓ ବାୟୁମଣ୍ଡଳ ଉପରେ ଏହାର ସର୍ବାଧିକ ପ୍ରଭାବ ପଡ଼ିଛି । ପରିବେଶବିତମାନଙ୍କ ଆକଳନ ଅନୁସାରେ ଯଦି ଅଙ୍ଗାରକାମ୍ଳ ନିର୍ଗମନର ମାତ୍ରାକୁ ରୋକା ନଯାଏ ତାହେଲେ ବିଶ୍ୱରୁ ଅର୍ଦ୍ଧାଧିକ ସ୍ଥଳଚର ଓ ଜଳଚର ଜୀବ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଲୋପ ପାଇଯିବେ । ଜୀବବିଜ୍ଞାନୀଙ୍କ ଗଣନା ଅନୁସାରେ ଧରାପୃଷ୍ଠରେ ଏବେ ଷଷ୍ଠ ମହାବିଲୁପ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଏବଂ ମଣିଷ ସମେତ ସଂସାରର ସମସ୍ତ ପ୍ରାଣୀ ସେହି ବିଲୁପ୍ତିର କୃଷ୍ଣ ଗର୍ତ୍ତ ଆଡ଼କୁ ନିରବରେ ଧାବମାନ ହେଉଛନ୍ତି । ବିଶ୍ୱରେ ଜଳବାୟୁ ସନ୍ତୁଳନ ରକ୍ଷା ଦିଗରେ ଦୁଇ ମେରୁକ୍ଷେତ୍ରର ବିଶେଷ ଭୂମିକା ରହିଛି । ଆର୍କଟିକ୍ ଏବଂ ଆଣ୍ଟାର୍କଟିକା କ୍ଷେତ୍ରରେ ଯୁଗ ଯୁଗ ଧରି ଜମି ରହିଥିବା ବରଫ ହିଁ ପୃଥିବୀର ବିଭିନ୍ନ ଭାଗରେ ତାପମାତ୍ରାକୁ ସ୍ଥିର ରଖିବାରେ ସହାୟକ ହୋଇଛି । କିନ୍ତୁ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ଓ ସର୍ବାଧିକ ପ୍ରଭାବ ଏବେ ପଡ଼ିଛି ଏହି ମେରୁ କ୍ଷେତ୍ର ଉପରେ । ତେଣୁ ସେଠାରେ ଏହି ଆଦିମ ଯୁଗର ବରଫ ମାତ୍ର କେଇଟା ମାସରେ ତରଳି ଜଳରେ ପରିଣତ ହୋଇଯାଉଛି ।

ପ୍ରଫୁଲ୍ଲ କୁମାର ସାହୁ

ଢେଙ୍କାନାଳ

# ପଡକାଷ୍ଟ ଓ ନିର୍ବାଚନ

ଡ଼ଃ. ମନ୍ଦାକିନୀ ଦାସ

ଗତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପଡକାଷ୍ଟର ଭୂମିକାକୁ ଅନୁଧ୍ୟାନ କରି ଏହାକୁ ପଡକାଷ୍ଟ ନିର୍ବାଚନ ରୂପେ ବିଚାର କରାଯାଉଛି । ପଡକାଷ୍ଟ ପଡ ଓ ବ୍ରଡକାଷ୍ଟର ଏକ ମିଶ୍ରିତ ଶବ୍ଦ । ବିଭିନ୍ନ ତଥ୍ୟ ବା ବାର୍ତ୍ତାର ରେକର୍ଡ ହୋଇଥିବା ଅଂଶ ପଡ ଓ ଏହାର ବୈଦ୍ୟୁତିକ ପ୍ରସାରଣକୁ ବ୍ରଡକାଷ୍ଟ କୁହାଯାଏ । କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଉଭୟ ଦୃଶ୍ୟ ଓ ଶ୍ରାବ୍ୟର ଏକ ଦୀର୍ଘ ପ୍ରସାରଣକୁ ପଡକାଷ୍ଟ ରୂପେ ଚିତ୍ରଣ କରାଯାଉଛି । ଏହାକୁ ଦେଖିବା ବା ଶୁଣିବା ନିମନ୍ତେ ଇଣ୍ଟରନେଟ୍‌ର ସାହାଯ୍ୟ ନିଆଯାଏ । କୋଭିଡ୍ ମହାମାରୀ ସମୟରେ ସୃଷ୍ଟ ସାମାଜିକ ନିଃସଙ୍ଗତାରୁ ସାମୟିକ ବିରାମ ହାସଲ କରିବା ନିମନ୍ତେ, ୟୁଟ୍ୟୁବ୍, ଫେସବୁକ୍, ଟ୍ୱିଟର (ବର୍ତ୍ତମାନ ଏକ୍ସ), ହ୍ୱାଟସ ଆପ୍ ପରି ସଂଚାର ମାଧ୍ୟମ ଗୁଡ଼ିକ ମୁଖ୍ୟ ଅସ୍ତ୍ର ଥିଲା । ଏହି ସାଧନମାନ ବର୍ତ୍ତମାନ ଅଧିକାଂଶ ବ୍ୟକ୍ତିର ଜୀବନଶୈଳୀର ଏକ ମୁଖ୍ୟ ବିଭାବ ହୋଇପଡିଛି । କେବଳ ମନୋରଞ୍ଜନ ନୁହେଁ, ରାଜନୈତିକ କ୍ଷେତ୍ରରେ ଜନସାଧାରଣଙ୍କୁ ସୂଚୀତ, ସଚେତନ ଓ ପ୍ରଭାବିତ କରିପାରୁଥିବାରୁ, ନିର୍ବାଚନ ସମୟରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ଘଟିଥାଏ । ଜଣେ ମତଦାତା ଅଜ୍ଞତା ବଶତଃ ନୁହେଁ ବରଂ ସୂଚନା ପ୍ରାପ୍ତ ହୋଇ ପୋଖତ ନିଷ୍ପତ୍ତିମାନ ଗ୍ରହଣ କରିଥାଏ । ସୂକ୍ଷ୍ମସ୍ତରରେ ପ୍ରତିଟି ମତଦାତାଙ୍କୁ ଲକ୍ଷ୍ୟକରି ନିର୍ବାଚନୀ କୌଶଳମାନ ପ୍ରସ୍ତୁତ ହେଉଥିବାରୁ, ସେମାନଙ୍କ ନିକଟରେ ଶୀଘ୍ର ଓ ଆକର୍ଷଣୀୟ ଢଙ୍ଗରେ ପହଞ୍ଚିବାର ଦୌଡରେ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ମୁଦ୍ରିତ ଗଣମାଧ୍ୟମ ଢେର ପଛରେ ପଡିଯାଇଛି । ବିଭିନ୍ନ ରାଜନୈତିକ ଦଳ, ମନୋନୀତ ପ୍ରାର୍ଥୀ, ସେମାନଙ୍କ ରାଜନୈତିକ ବିଚାର ଓ ସଂକଳ୍ପ ଆଦିକୁ ମତଦାତାଙ୍କ ନିକଟରେ ପହଞ୍ଚାଇବାର ଗୁରୁଦାୟିତ୍ୱ ବୈଦ୍ୟୁତିକ ଗଣମାଧ୍ୟମ କାନ୍ଧେଇ ନେଇଛି । ଦୃଶ୍ୟ ଓ ଶ୍ରାବ୍ୟର ଲମ୍ବା କଥୋପକଥନ ଧର୍ମୀ କାର୍ଯ୍ୟକ୍ରମ ବା ପଡକାଷ୍ଟ ଜନସାଧାରଣଙ୍କ ନିକଟରେ ଏକ ପ୍ରଭାବଶାଳୀ ଗଣମାଧ୍ୟମ ରୂପେ ଆଦୃତି ଲାଭ କରିଛି ।

୧୯୬୦ ମସିହାରେ ଆମେରିକାର ପ୍ରଥମ ଟେଲିଭିଜନ ପ୍ରସାରିତ ବିତର୍କରେ ଭାଗନେଇ ଜନ ଏଫ୍. କେନେଡି ଜନମତକୁ ପ୍ରଭାବିତ କରିପାରିଥିଲେ ଓ ଆମେରିକାର ୩୫ତମ ରାଷ୍ଟ୍ରପତିରୂପେ ନିର୍ବାଚିତ ହେବାର ସୁଯୋଗ ଲାଭ କରିଥିଲେ । ଟ୍ୱିଟର ପରି ସାମାଜିକ ଗଣମାଧ୍ୟମ ୮ ବର୍ଷ ପୂର୍ବେ ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମତାସୀନ ହେବାର ସହାୟତା କରିଥିଲା । 'ବ୍ରାଟ ସମର' ଆଲବମ୍‌ର ପ୍ରସିଦ୍ଧ ପପ୍ ଗାୟିକା ❒ରଲି ଏକ୍ସି ଏକ୍ସ, କମଳା ହାରିସ୍‌ଙ୍କୁ ଜଣେ 'ବ୍ରାଟ୍' ବୋଲି ବୈଦ୍ୟୁତିକ ଗଣମାଧ୍ୟମରେ ଅଭିହିତ କରିଥିଲେ । ଗତାନୁଗତିକତା ଓ ପରମ୍ପରାର ପରିପନ୍ଥୀ ରୂପେ କମଳା ହାରିସ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ ଅଧିଷ୍ଠିତ ହେବାର ସମ୍ଭାବନା ଦେଖି, ଚାର୍ଲି ତାଙ୍କୁ ବ୍ରାଟ ରୂପେ ଦର୍ଶାଇଥିଲେ । ଏହି ଗୋଟିକ ଟ୍ୱିଟ ବା ମତ ବ୍ୟାପକ ପ୍ରଚାରିତ ଓ ପ୍ରସାରୀତ ହୋଇ ପପସଂସ୍କୃତି ସହ ରାଜନୀତିକୁ ସଂଯୋଜିତ କରିବାର ସେତୁ ନିର୍ମିତ କରିଦେଇଥିଲା ଏବଂ ଯୁବବର୍ଗ ସେହି ସେତୁକୁ ଅତିକ୍ରମ କରି କମଳାଙ୍କର ବଡ ସମର୍ଥକ ପାଲଟି ଯାଇଥିଲେ । ଆମେରିକାର ଦର୍ଶକମାନଙ୍କୁ ଯେଉଁ ତିନିଗୋଟି ପଡକାଷ୍ଟ ସବୁଠାରୁ ଅଧିକ ଆକୃଷ୍ଟ କରିପାରୁଥିଲା, ସେ ସବୁଥିରେ ଟ୍ରମ୍ପ ହିଁ ଛାଇ ଯାଇଥିଲେ । ଜୋ ରୋଗାନ, ଶାୟନ ର୍ୟାନ ଓ ଥିଓ ଭନ୍‌ଙ୍କ ପ୍ରସ୍ତୁତ ବ୍ରଡକାଷ୍ଟ ଟ୍ରମ୍ପଙ୍କୁ ଅତି ପ୍ରଭାବଶାଳୀ ଢଙ୍ଗରେ ଦେଶବାସୀଙ୍କ ନିକଟରେ ଉପସ୍ଥାପିତ କରିପାରିଥିଲା । ଜଣେ ବଳାତ୍କାରୀ, ମହିଳା ବିରୋଧି, ଜାତିଆଣବାଦୀ ପରି ନକରାତ୍ମକ ପରିଚିତିକୁ ବଦଳାଇ, ପୁନର୍ବାର ଆମେରିକାକୁ ମହାନ୍ କରି ଗଢିତୋଳିବାର ସାମର୍ଥ୍ୟ ରଖିଥିବା ଜଣେ ମସୀହା ବା ତ୍ରାଣକର୍ତ୍ତା ରୂପେ ଟ୍ରମ୍ପଙ୍କୁ ପ୍ରତିଷ୍ଠିତ କରାଇବାରେ, ଏହି ପଡକାଷ୍ଟ ହିଁ ଦାୟୀ । କୁପର ଓ ଫ୍ରାଙ୍କଲିନ୍‌ଙ୍କ 'କଲ ହର ଡାଡି', ବର୍ଣ୍ଣେ ଓ ଜ୍ୟାକ୍‌ସନଙ୍କ 'ଅଲ ଦି ସ୍ମୋକ' ପଡକାଷ୍ଟରେ ପ୍ରସାରିତ କମଳାଙ୍କ ରାଜନୈତିକ, ସାମାଜିକ ଓ ଅର୍ଥକ ଦୃଷ୍ଟିକୋଣ ମଧ୍ୟ ବେଶ ପ୍ରଭାବଶାଳୀ ଥିଲା । ପଡକାଷ୍ଟର ଉପସ୍ଥାପକ/ ଉପସ୍ଥାପିକା ନିଜ କାର୍ଯ୍ୟକ୍ରମରେ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ତଥ୍ୟ ସହ ଅନେକ ପ୍ରସଙ୍ଗମାନ ସରଳ ଭାବରେ ଦୀର୍ଘ ଆଲୋଚନା ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ନିଜ ନିଜ ଆଭିମୁଖ୍ୟର ସକରାତ୍ମକ ଦିଗକୁ ପ୍ରଭାବନୀୟ ଢଙ୍ଗରେ ଉପସ୍ଥାପିତ କରିବା ସହିତ ଅପରର ଦୁର୍ବଳ ଓ ନକରାତ୍ମକ ଦିଗକୁ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରୁଥିଲେ । ନିର୍ଦ୍ଦିଷ୍ଟ ଭୋଟଦାତାଙ୍କ ନିକଟରେ ପହଞ୍ଚିବାର ଏକ ଶକ୍ତିଶାଳୀ ରଣକୌଶଳ ରୂପେ ପଡକାଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏହି ମଂଚ ଶ୍ରୋତାମାନଙ୍କ ସହ ସୃଷ୍ଟି କରିଥିବା ବିଶ୍ୱାସ, ସମଭାଗିଦାରିତା ଓ ସମ୍ବେଦନଶୀଳତା, ନିର୍ବାଚନୀ ଅଙ୍କକୁ ଓଲଟ ପାଲଟ କରିଦେଇଥିଲା । ଟ୍ରମ୍ପଙ୍କ ପଡକାଷ୍ଟ ଯୁବବର୍ଗ ଓ ରକ୍ଷଣଶୀଳ ବର୍ଗଙ୍କୁ ଆକର୍ଷିତ କରିଥିଲାବେଳେ, କମଳାଙ୍କ ପଡକାଷ୍ଟ ମହିଳା ଓ ନିଗ୍ରୋମାନଙ୍କୁ ବିଶେଷରୂପେ ପ୍ରଭାବିତ କରିଥିଲା । ଯେଉଁ ଗୋଷ୍ଠୀ କୌଣସି ରାଜନୈତିକ ଦଳ ସହ ଅନୁବନ୍ଧିତ ନଥାନ୍ତି, ସେହିମାନେ ପଡକାଷ୍ଟର ବାର୍ତ୍ତାଦ୍ୱାରା ବିଶେଷରୂପେ ପ୍ରଭାବିତ ହୋଇପାରନ୍ତି ବୋଲି ଗତ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ସାବ୍ୟସ୍ତ କରିପାରିଛି । ।

ପଡକାଷ୍ଟରେ ଦେଶ ବିଦେଶର ଅନେକ ସମସ୍ୟା ସଂପର୍କରେ ପ୍ରାର୍ଥୀଙ୍କ ପ୍ରତିକ୍ରିୟା ଓ ନିର୍ବାଚିତ ହେଲେ ତାହାର ସଫଳ ମୁକାବିଲା କିପରି ସେ କରିପାରିବେ, ତା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେଉଥିଲା । ଜୋ ରୋଗାନଙ୍କ ଏକ ପଡକାଷ୍ଟ କାର୍ଯ୍ୟକ୍ରମରେ ଟ୍ରମ୍ପ ଦୀର୍ଘ ତିନିଘଣ୍ଟା ଧରି ଭାଗନେଇଥିଲେ । ପାରମ୍ପରିକ ଗଣମାଧ୍ୟମରେ ପ୍ରସାରିତ ସାକ୍ଷାତକାର ପରି ସମୟର ଚାପଦ୍ୱାରା ପଡକାଷ୍ଟ ନିୟନ୍ତ୍ରିତ ହୋଇନଥାଏ । ପଡକାଷ୍ଟର ରେକଡିଂ କୌଣସି ଷ୍ଟୁଡିଓର ଯାନ୍ତ୍ରିକ ଓ ନିୟନ୍ତ୍ରିତ ପରିବେଶରେ ପ୍ରସ୍ତୁତ ହୋଇନଥାଏ । ଆମେରିକାର ରାଷ୍ଟ୍ରପତି ନିର୍ବାଚନର ପ୍ରତିଦ୍ୱନ୍ଦ୍ୱୀଦ୍ୱୟଙ୍କ ପଡକାଷ୍ଟ ବାର୍ତ୍ତାଳାପ ନିହାତି ସରଳ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ସଂପାଦିତ ହୋଇପାରୁଥିଲା । ପାରମ୍ପରିକ ଗଣମାଧ୍ୟମ ପରି ଗମ୍ଭୀର ପରିବେଶ, ଉପସ୍ଥାପକଙ୍କ କଠୋର ଚାହାଣୀ, ଶାଣୀତ ସ୍ୱର ଆଦି ଏଥିରେ ଦୃଶ୍ୟମାନ ନଥିଲା । କାହାକୁ କାଠଗଡାରେ ଠିଆକରି ଜେରାକଲା ପରି ଅଥବା କାହାକୁ ଉତ୍ତରଦାୟୀ କରିବା ଲକ୍ଷ୍ୟରେ ପଡକାଷ୍ଟ ବ୍ୟବହୃତ ହେଉନଥିଲା ।

ଆମେରିକାରେ ପଡକାଷ୍ଟ ଦର୍ଶକ ସର୍ବଦା ଗମ୍ଭୀର ଓ ମହତ୍ତ୍ୱପୂର୍ଣ୍ଣ ଆଲୋଚନାର ଅପେକ୍ଷା ରଖୁଥିଲେ । ଦୀର୍ଘ ପ୍ରସାରିତ କାର୍ଯ୍ୟକ୍ରମକୁ ସିଧାସଳଖ ଦେଖିବା ନିମନ୍ତେ ସମୟ ବାହାର କରି ନପାରି, ପରେ ୟୁଟ୍ୟୁବ୍‌ରେ ଅନେକ ଏହାକୁ ଦେଖି ପାରୁଥିଲେ । ଅନେକ ସମୟରେ ଟ୍ରମ୍ପ ନିଜର ଅପରିପକ୍ୱ ତଥା ଅଯୌକ୍ତିକ ବ୍ୟବହାର ପ୍ରଦର୍ଶନ କରୁଥିଲେ ମଧ୍ୟ, ପଡକାଷ୍ଟ ଦ୍ୱାରା ତାଙ୍କର ପ୍ର❒ର କୌଶଳ ବେଶ ଶକ୍ତିଶାଳୀ ଥିଲା ଓ ଫଳପ୍ରଦ ରୂପେ କାର୍ଯ୍ୟକାରୀ ହୋଇପାରିଥିଲା । ବିଭିନ୍ନ ବିଷୟ ଉପରେ ଉପସ୍ଥାପକଙ୍କର ଥିବା ଗଭୀର ଜ୍ଞାନ ଯୋଗୁ ଏହା ସମ୍ଭବପର ହୋଇଥିଲା ଓ ସେ କାର୍ଯ୍ୟକ୍ରମକୁ ଆଗକୁ ବଢେଇ ନେବାରେ ସକ୍ଷମ ହୋଇପାରୁଥିଲେ । ବିଭିନ୍ନ ପଡକାଷ୍ଟରେ ଟ୍ରମ୍ପ ଦଳୀୟ ବିଚାର, ବ୍ୟକ୍ତିଗତ ମତ ସହିତ ଡେମୋକ୍ରାଟ ଦଳ କ୍ଷମତାକୁ ଆସିଲେ କିପରି ଅର୍ଥନୈତିକ ବିପର୍ଯ୍ୟୟ ଘଟି ଆମେରିକାବାସୀଙ୍କ ପ୍ରଗତିର ସ୍ୱପ୍ନ ଧୂଳିସାତ ହୋଇଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଆଫଗାନସ୍ଥାନରୁ ଆମେରିକାର ସୈନ୍ୟ ଅପସାରଣ, ଜଳବାୟୁ ପରିବର୍ତ୍ତନ, ଚୀନ ଆମେରିକା ସମ୍ପର୍କ, ଋଷିଆ-ୟୁକ୍ରେନ ଯୁଦ୍ଧ, ନାଟୋର ଭବିଷ୍ୟତ ଆଦି ବିଭିନ୍ନ ପ୍ରସଙ୍ଗରେ ସେ ନିଜର ମତକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ କରୁଥିଲେ । ଗର୍ଭପାତ ନିଷେଧ ଆଇନ ମହିଳାମାନଙ୍କ ଉପରେ ପକାଉଥିବା ନକରାତ୍ମକ ପ୍ରଭାବ ଉପରେ କମଳା ହାରିସ୍ ଦୀର୍ଘ ବକ୍ତବ୍ୟ ରଖୁଥିଲେ । କିନ୍ତୁ ଲୋକପ୍ରିୟତା ହରେଇଥିବା ଜୋ ବାଇଡେନଙ୍କ ଅନେକ ନୀତିକୁ ତାଙ୍କର ସମର୍ଥନ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ପଡକାଷ୍ଟର ସଫଳ ରାଜନୈତିକ ଭୂମିକା ଏବେ ବିଶ୍ୱବ୍ୟାପି ସ୍ୱୀକୃତି ଲାଭ କରିସାରିଛି । ପାରମ୍ପରିକ ଗଣମାଧ୍ୟମ ପରି ଦ୍ୱାରପାଳ ନିୟନ୍ତ୍ରଣରୁ ମୁକ୍ତ, ଏହି ମାଧ୍ୟମ ପ୍ରାର୍ଥୀମାନଙ୍କ ସହିତ ଦର୍ଶକ / ଶ୍ରୋତାମାନଙ୍କର ଏକ ବିଶ୍ୱାସନୀୟ ଘନିଷ୍ଠ ସମ୍ପର୍କର ସେତୁଟିଏ ବାନ୍ଧିଦେବାରେ ସକ୍ଷମ ହୋଇପାରୁଛି । ବାର୍ତ୍ତା ପ୍ରଦାନକାରୀ ବ୍ୟକ୍ତିବିଶେଷଙ୍କ ଠାରୁ ନିର୍ବାଚନୀ ବାର୍ତ୍ତା ନେଇ, ବାର୍ତ୍ତା ଗ୍ରହଣକାରୀଙ୍କ ନିକଟରେ ପହଞ୍ଚାଇବାରେ ଏହା ଏକ ଫଳପ୍ରଦ ବାର୍ତ୍ତା ବାହକ ରୂପେ ସାବ୍ୟସ୍ତ ହୋଇପାରିଛି ।

ରିଗାଲ ଭିଲ୍ଲା, ପ୍ରଶାନ୍ତି ବିହାର,

ପଟିଆ, ଭୁବନେଶ୍ୱର

# ଧୋକା ଦେଉଛି ୨୦୧ କୋଟିର ପାନୀୟଜଳ ପ୍ରକଳ୍ପ: ୬ ବର୍ଷ ପରେ ବି କାମ ସରୁନି




ବଣାଇ: ଗ୍ରାମାଞ୍ଚଳକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେବଳ ଘୋଷଣାରେ ସୀମିତ ରହିଛି। ବର୍ଷ ବର୍ଷ ଧରି ଚାଲିଥିବା ମେଗାପାନୀୟ ଜଳ ପ୍ରକଳ୍ପ କାମ ସରୁନି। ନିର୍ମାଣ ଅବଧିକୁ ତିନି ବର୍ଷ ବିତିଯାଇଛି। ହେଲେ କାମ ସେମିତି କଚ୍ଛପ ଗତିରେ ଚାଲିଛି। ଏମିତି ବ୍ୟତିକ୍ରମ ଦେଖିବାକୁ ମିଳିଛି ବଣାଇ ଉପଖଣ୍ଡ ଲହୁଣିପଡା ବ୍ଲକ ଅନ୍ତର୍ଗତ ଲଲେଇ ବିଜୁଛକ ରାସ୍ତାପାର୍ଶ୍ୱ ମେଗା ପାନୀୟ ଜଳ ପ୍ରକଳ୍ପରେ। ପ୍ରକଳ୍ପ ବାବଦରେ ଖର୍ଚ୍ଚ ହୋଇଛି ୨୦୧ କୋଟି ୫ ଲକ୍ଷ। ଠିକା ସଂସ୍ଥା ଗତ ୨୦୧୮ ମାର୍ଚ୍ଚ ୭ରେ କାମ ଆରମ୍ଭ କରିଥିଲା।୨୦୨୦ ମାର୍ଚ୍ଚ ୭ ତାରିଖ ଅର୍ଥାତ୍ ଦୁଇ ବର୍ଷରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଇତି ମଧ୍ୟରେ ମଧ୍ୟରେ ୬ ବର୍ଷ ବିତିଗଲା। ତଥାପି କାମ କରୁନି। କେବେ ସରିବ? ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ? କାହାରି ପାଖରେ ସଠିକ୍ ଉତ୍ତର ନାହିଁ। ବଣାଇ, କୋଇଡା, ଲହୁଣିପଡ଼ା ଓ ଗୁରୁଣ୍ଡିଆ ବ୍ଲକର ପ୍ରତ୍ୟେକ ଗ୍ରାମକୁ କିପରି ଗ୍ରାମୀଣ ଜଳ ଯୋଗାଣ ସୁବିଧା ପାଇବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲଲେଇ ଗ୍ରାମ ବ୍ରାହ୍ମଣୀ ନଦୀକୂଳରେ ଏହି ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ଓମ୍‌ବାଡ଼ସି ପାଣ୍ଡିରୁ ହେଉଥିବା ପ୍ରକଳ୍ପ ଅଦ୍ୟାବଧି ଲୋକଙ୍କ କାମରେ ଆସିନି। ପ୍ରତି ଗାଁରେ ଗୋଟାଏ କରି ବଣାଇଁ ଉପଖଣ୍ଡରେ ୩୯ଟି ଓଭରହେଡ୍ ଟାଙ୍କି ନିର୍ମାଣ ସରିଲାଣି। ଠିକାସଂସ୍ଥା ପକ୍ଷରୁ ବଣାଇଁ ଅଞ୍ଚଳ ସମେତ କୋଇଡା, ଟେନସା, ବାରସୁଆଁ ଅଞ୍ଚଳରେ ୬୮ ଟି ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। ଲହୁଣିପଡା ବ୍ଲକରେ ଥିବା ୪୫ଟି ଗ୍ରାମ ଓ ଗୁରୁଣ୍ଡିଆ ବ୍ଲକର ଦୁଇଟି ଗ୍ରାମବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି କୁହାଯାଉଛି। ପାଇପ ବିଛା କାମ ଚାଲିଛି। କିଛି ଗ୍ରାମରେ ବିଛା ସରିଲାଣି। ଆଉ କିଛି ଗ୍ରାମରେ ବିଛା ଚାଲିଛି। ହେଲେ ସେମିତି କାମ ଚାଲିଛି ଏ ଗ୍ରୀଷ୍ମ ଋତୁରେ ସରିବ କି ନାହିଁ, ସନ୍ଦେହ। ଏମିତି ଭାବେ ଚାରି ବ୍ଲକର ପାଖାପାଖି ୨୦୦ରୁ ଅଧିକ ଗ୍ରାମବାସୀ ସରକାରଙ୍କ ଘୋଷଣା ଅନୁଯାୟୀ ବିଶୁଦ୍ଧ ପାଇପ ପାଣିକୁ ଚାହିଁ ବସିଛନ୍ତି। ୨୦୦ ଗ୍ରାମରୁ ଅଳ୍ପ କିଛି ଗାଁକୁ ଛାଡିଦେଲେ, ଆଜିପର୍ଯ୍ୟନ୍ତ ଅନ୍ୟ କୌଣସି ପାଇପ ପାଣି ଆସିନି। ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ହଇରାଣ ହରକତ ହେଉଥବା ଲୋକମାନଙ୍କୁ ଚଳିତ ଖରାରେ ସେହି ସମାନ ଅବସ୍ଥା ଭୋଗିବାକୁ ପଡ଼ିବ। ଠିକାସଂସ୍ଥାର ଅବହେଳା ଓ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତାରୁ ଚାରି ବ୍ଲକର ଗ୍ରାମବାସୀଙ୍କ ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



# ବିଲୁପ୍ତ ପ୍ରାୟ ଘୋଡ଼ାହାଡ

## ଦିନରାତି ବାଲି ଲୁଟ୍ ଯୋଗୁ ନଦୀର ଦିଗ ପରିବର୍ତ୍ତନ

ପାଟପୁର: ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍‌ର ଜୀବନରେଖା ଭାବେ ପରିଚିତ ଘୋଡ଼ାହାଡ଼ ନଦୀ ବିପଦରେ। ଗୋଟିଏ ପଟେ ଅହରହ ବାଲି ଉତ୍ତୋଳନ ଯୋଗୁ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ବେଳେ ଅନ୍ୟପଟେ ବର୍ଷାଭାବ ଯୋଗୁ ଡ୍ୟାମ୍ ଶୁଖିଲା।ମାର୍ଚ୍ଚ ପହିଲାରୁ ହିଁ ଘୋଡ଼ାହାଡ଼ ନଦୀଶଯ୍ୟାରେ ଜଳଧାର ଶୁଖି କାଶତଣ୍ଡି ସମେତ ଅନ୍ୟାନ୍ୟ ଅନାବନା ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ସାରିଛି। ଫଳରେ ନଦୀ ପାର୍ଶ୍ୱବର୍ତ୍ତୀ ୫ରୁ ୭ କିଲୋମିଟର ମଧ୍ୟରେ ଅବସ୍ଥିତ ଗାଁ ଗୁଡ଼ିକରେ ପିଇବା ପାଣି ସମସ୍ୟା ଏବେଠୁ ଉତ୍କଟ ରୂପ ଧାରଣ କରିଛି। କେବଳ ଏତିକି ନୁହେଁ, ଭୂତଳ ଜଳସ୍ତର କମିଚାଲିବା କାରଣରୁ ପୋଖରୀ ଓ ଗାଡ଼ିଆ ସବୁ ଶୁଖିଲା ପଡ଼ିଛି, ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ବନ୍ୟଜନ୍ତୁ ମଧ୍ୟ ସଂକଟରେ। ସାନଖେମୁଣ୍ଡି ବ୍ଲକ୍ ?ର ଶତାଧିକ ଗ୍ରାମବାସୀ ଘୋଡ଼ାହାଡ଼ ନଦୀ ଉପରେ ନିର୍ଭରଶୀଳ। ବିଭିନ୍ନ ଜଳଯୋଗାଣ ପ୍ରକଳ୍ପ ଜରିଆରେ ଏହି ନଦୀରୁ ପିଇବା ପାଣି ଯୋଗାଣ ହେଉଛି। ଏହାସହ ଜମିକୁ ଜଳସେଚନ ଦିଗରେ ମଧ୍ୟ ଏହି ନଦୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ବର୍ତ୍ତମାନ ନଦୀ ଶୁଖିଯିବାରୁ ସ୍ଥିତି ଚିନ୍ତାଜନକ ପାଲଟିଛି। ସେହିପରି ବର୍ଷା ଅଭାବରୁ ଗଲା ଖରିଫ୍ ଋତୁରେ ଚାଷୀ ବିକଳ୍ପ ଭାବେ ପୋଖରୀ ଓ ଗାଡ଼ିଆର ପାଣିକୁ ଧାନଚାଷ ପାଇଁ ବ୍ୟବହାର କରିଥିଲା। କିନ୍ତୁ ତାହା ବି ଶୁଖିଲା ପଡ଼ିଥିବାରୁ ବନ୍ୟଜନ୍ତୁଙ୍କ ସମେତ ଗୃହପାଳିତ ପଶୁଙ୍କ ପାଇଁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଘୋଡ଼ାହାଡ଼ ନଦୀ ନିକଟସ୍ଥ ଗୁମ୍ଫା, ମୌଳାଭଞ୍ଜା, ତିଳେଶ୍ୱର, ସୁମନ୍ତପୁର, ପଳାସପୁର, ଆମ୍ବଗାଁ, ଭାଲିଆଝୋଳା, ପାଟପୁର, ଏରେଣ୍ଡ୍ରା, ଖଲିଙ୍ଗି, ଜଳମରା ଓ ସାହାସପୁର ଗ୍ରାମ ହେଉଛି କୃଷ୍ଣସାର ମୃଗ ଏବଂ ବା ?ହାଙ୍କ ସମେତ ବିଭିନ୍ନ ପଶୁଙ୍କ ବାସସ୍ଥଳୀ। ପାଣି ପାଇଁ ସେମାନେ ନଦୀ, ପୋଖରୀ ଓ ଗାଡ଼ିଆ ଉପରେ ନିର୍ଭରଶୀଳ। ବର୍ତ୍ତମାନ ଜଳାଶୟରେ ପାଣିର ଅଭାବ ଓ ଘୋଡ଼ାହାଡ ନଦୀରେ ଜଳର ଧାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହିପରି ସୁମନ୍ତପୁର ଓ ହରିଣା ନିକଟ ପାହାଡ଼ରେ ବହୁ ସଂଖ୍ୟାରେ ବାର୍ହା ଓ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ରହିଥିବାରୁ ସେମାନେ ଘୋଡ଼ାହାଡ଼ ନଦୀକୁ ଆସିଥା’ନ୍ତି। ବର୍ତ୍ତମାନ ଏମାନଙ୍କ ଜୀବନ ବିପଦରେ ବିପଦରେ ପଡ଼ିଛି। ଅନ୍ୟପଟେ ସାନଖେମୁଣ୍ଡି ବ୍ଲକ୍ ?ର କ୍ଷୁଦ୍ର ଜଳଭଣ୍ଡାର ଖଇରବାଙ୍କ, ଗୋପାଳଗଣ୍ଡ ଏବଂ ରଘୁନାଥସାଗରର ପାଣିକୁ ଧାନଚାଷ ପୂର୍ବରୁ ମରାମତି ନାମରେ ଶୁଖାଇ ଦିଆଯାଇଥିଲା। ସେହିପରି ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବାରୁ ଉଠା ଜଳସେଚନ ବ୍ୟବସ୍ଥା ସଫଳ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଆଗକୁ ସ୍ଥିତି ସଙ୍ଗିନ ହେବା ଆଶଙ୍କା ଦେଖାଦେଇଛି।




# ପୋତି ହୋଇଗଲା ବ୍ରିଟିଶ୍ ଅମଳର ପାୱାରହାଉସ୍ ପୋଖରୀ

କେନ୍ଦୁଝର: କେନ୍ଦୁଝର ସହରରେ ଥିବା ଅନେକ ପୋଖରୀ ମଧ୍ୟରୁ ପାୱାର ହାଉସ୍ ପୋଖରୀ ବା କେଲିଟ୍ୟାଙ୍କର ସ୍ୱତନ୍ତ୍ରତା ରହିଥିଲା। ଦିନେ କେନ୍ଦୁଝର ସହରକୁ ପାନୀୟଜଳ ଯୋଗାଉଥିବା ଏହି ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ବ୍ରିଟିଶ ଶାସନ ସମୟରେ କେନ୍ଦୁଝରଗଡ଼ ରାଜ୍ୟର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ କେଲି ସାହେବ।
ତାଙ୍କ ସମୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଥିଲା। ସେଥିରୁ କେଲି ଟ୍ୟାଙ୍କ ବା ବର୍ତ୍ତମାନର ପାୱାର୍ର ହାଉସ୍‌ର ପୋଖରୀ ଅନ୍ୟତମ। ସେତେବେଳେ କେନ୍ଦୁଝରଗଡ଼ରେ ବିଦ୍ୟୁତ୍ ନଥିଲା କି ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ନ ଥିଲା। କେଲି ସାହେବଙ୍କ ନେତୃତ୍ୱରେ ମୋଚିବନ୍ଧଠାରେ ଏକ ବୃହତ୍ ପୋଖରୀ ଖୋଳା ହୋଇଥିଲା। ଏହି ପୋଖରୀ ମଝିରେ ଏକ କୂଅ ଖୋଳାଯାଇ ସହରବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ଉକ୍ତ କୂଅ ଭିତରେ ବିଭିନ୍ନ ଯନ୍ତ୍ରାଂଶ ଲଗାଯାଇ ବିଜୁଳି ଉତ୍ପାଦନ କରାଯାଇଥିଲା। ରାଜାଙ୍କ ଦରବାର ହଲ୍‌କୁ ବିଦ୍ୟୁତ୍ ସଂଯୋଗ ଦିଆଯିବା ସହ ସହରରେ କାଠଖୁଣ୍ଟ ପୋତି ବିଜୁଳିବତି ଲଗାଯାଇଥିଲା। ସେହି ସମୟରେ କେଲି ସାହେବ ଲଣ୍ଡନରୁ ଲାଟ୍ ଓ ପଙ୍ଖା ଆଣି ଲଗାଇଥିଲେ। ସେତେବେଳେ ଏହି ପୋଖରୀକୁ କେଲି ଟ୍ୟାଙ୍କ ବୋଲି କହୁଥିଲେ। ପରବର୍ତ୍ତୀ ସମୟରେ ଏହା ପାୱାର ହାଉସ୍ ପୋଖରୀ ନାମରେ ପରିଚୟ ହାସଲ କରିଥିଲା।ଦିନେ ସହରକୁ ପାନୀୟଜଳ ଯୋଗାଉଥିବା ଏହି ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଠାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବା କୂଅରେ ଆଉ ଯନ୍ତ୍ରାଂଶ ନାହିଁ। ପଙ୍କ ଓ ଦଳରେ ଭର୍ତ୍ତି ହୋଇ ପୋଖରୀ ପୋତି ହେବାକୁ ବସିଲାଣି। କିଛିବର୍ଷ ତଳେ ତତ୍କାଳୀନ ଜିଲ୍ଲାପାଳ ଏନ୍. ତିରୁମାଲା ନାୟକଙ୍କ ସମୟରେ ଏହି ପୋଖରୀରୁ ପଙ୍କ ଉଦ୍ଧାର ଓ ସଫେଇ ପାଇଁ ୩୧ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଏହାପରେ ପୁଣି ପୋଖରୀଟି ପୂର୍ବାବସ୍ଥାକୁ ଫେରି ଆସିଥିଲା। ଏହି ଐତିହ୍ୟସଂପନ୍ନ ପୋଖରୀକୁ ଯେଉଁଳି ସୁରକ୍ଷା ଦିଆଯିବା କଥା ତାହା ହୋଇପାରୁ ନହିଁ। ସହର ଚାରିପାଖରେ ପୌରପାଳିକା ଭେଣ୍ଡିଂ ଜୋନ୍ କରିଦେବାରୁ ପୋଖରୀଟି ଆଉ ଦେଖାଯାଉ ନହିଁ। ଦୋକାନର ଆବର୍ଜନା ଏହି ପୋଖରୀରେ ପଡୁଛି। ଫଳରେ ଏହାର ପାଣି ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଏ ସମ୍ପର୍କରେ ଗବେଷକ ନରଞ୍ଜନ ବାରିକ କହିଛନ୍ତି, କେନ୍ଦୁଝରଗଡ଼ର ଇତିହାସ ସହ ଏହି ପୋଖରୀର ଅନେକ ସଂପର୍କ ରହିଛି। କେନ୍ଦୁଝରଗଡ଼କୁ ପ୍ରଥମ ବିଜୁଳି ସ୍ୱପ୍ନ ଦେଖାଇଥିବା ଏହି ପୋଖରୀର ସୁରକ୍ଷା ନିହାତି ଆବଶ୍ୟକ। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେଉ ବୋଲି ଶ୍ରୀ ବାରିକ କହିଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଙ୍କ ସଫଳତା

କନ୍ଧମାଳ : ଅସୁକାନ୍ତ କୁମାର ତ୍ରିପାଠୀ ଧଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ଚଳିତବର୍ଷ ଛାତ୍ରଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ଛାତ୍ରୀ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସୁଶ୍ରୀ ସମ୍ପନ୍ନା ପଣ୍ଡା ଏ ୧ ଗ୍ରେଡ଼ରେ ୬୦୦ ରୁ ୫୫୭ ନମ୍ବର ରଖି ୯୨.୮୩% ରେ ସମଗ୍ର ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରି ଶିଶୁମନ୍ଦିରର ଗୌରବାନ୍ୱିତ କରିପାରିଛନ୍ତି । ସୁଶ୍ରୀ ସମ୍ପନ୍ନା ପଣ୍ଡାଙ୍କ ପିତା ନିରାକାର ପଣ୍ଡା, ମାତା ପ୍ରୀତି ସାଗରିକା ପଣ୍ଡା ବାଲିଗୁଡା ସ୍ଥିତ ପଣସପଡି



ସାହିରେ ରୁହନ୍ତି । ଏହି ସଫଳତା ପଛରେ ବିଶେଷକରି ପିଉସୀ ନାନୀ ନିଳୀମା ପଣ୍ଡା ଓ ପିଉସା ସନ୍ତୋଷ କୁମାର ମୁନି, ମାତା ପିତା ତଥା ଶିଶୁମନ୍ଦିରର ଗୁରୁମା, ଗୁରୁଜୀଙ୍କ ଆଶୀର୍ବାଦ ରହିଥିବାର ସମ୍ପନ୍ନା ପ୍ରକାଶ କରିଛନ୍ତି । ସେହିପରି ସମଗ୍ର କନ୍ଧମାଳ ଜିଲ୍ଲାରେ ୨୧୪ ଟି ବିଦ୍ୟାଳୟରେ ୧୦୦୪୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୧୭୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି । ସେଥିମଧ୍ୟରୁ ଏ ୧ ଗ୍ରେଡ଼ ରେ ମାତ୍ର ୬ ଜଣ ରହିଥିବା ବେଳେ ଏ ୨ ଗ୍ରେଡ଼ ରେ ୪୬ ଜଣ, ବି ୧ଗ୍ରେଡ଼ ରେ ୩୦୩ ଜଣ, ବି ୨ ଗ୍ରେଡ଼ ରେ ୧୨୯୨ ଜଣ, ସି ଗ୍ରେଡ଼ ରେ ୨୮୫୬ ଜଣ, ଡ଼ି ଗ୍ରେଡ଼ରେ ୩୭୩୩ ଜଣ, ଇ ଗ୍ରେଡ଼ ରେ ୧୩୮୯ ଜଣ, ଏଫ ଗ୍ରେଡ଼ ରେ ୨୫୨ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି କ୍ଷ ସେଥିମଧ୍ୟରୁ ୫୨୭୧ ଜଣ ଛାତ୍ରୀ ରହିଥିବା ବେଳେ ୪୩୫୪ ଜଣ ଛାତ୍ର ରହିଛନ୍ତି । ସମଗ୍ର କନ୍ଧମାଳ ଜିଲ୍ଲା ରେ ଶତକଡା ହାର ୯୭.୪୫ ରହିଥିବା ଜଣାପଡିଛି ।

# ମାଲକାନଗିରି ଜିଲ୍ଲାର ମାଟ୍ରିକ୍ ପାସ୍ ହାର ୯୬.୪୧%

ମାଲକାନଗିରି, (ପିପିଏସ୍): - ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା-୨୦୨୫ର ଫଳାଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ମାଲକାନଗିରି ଜିଲ୍ଲାର ୧୩୯ଟି ସ୍କୁଲର ୭୭୫୦ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଜିଲ୍ଲା ପୁଣି ଥରେ ଉତ୍କୃଷ୍ଟ ଫଳାଫଳ ରେକର୍ଡ କରି ଏହାର ଶିକ୍ଷାଗତ ଖ୍ୟାତି ବଜାୟ ରଖିଛି । ଜିଲ୍ଲାର ମୋଟ ୮୧୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ, କିନ୍ତୁ ୧୫୮ ଜଣ ଅନୁପସ୍ଥିତ ଥିଲେ ! ମାଲକାନଗିରି ଜିଲ୍ଲାର ସାମଗ୍ରିକ ପାସ୍ ହାର ୯୬.୪୧% ହୋଇଛି । ୧୨ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଥିବା ବେଳେ ୪୬ ଜଣ ଛାତ୍ରଛାତ୍ରୀ ଏ-୨ ଗ୍ରେଡ୍ ପାଇଛନ୍ତି । ୧୨୧ ଜଣ ବି-୧ ଏବଂ ବି-୨ ଗ୍ରେଡ଼ରେ ୫୪୬ ପାସ୍ କରିଛନ୍ତି । ୧୮୯୯ ଛାତ୍ରଛାତ୍ରୀ ସି ଗ୍ରେଡ୍, ୩୫୬୯ ଜଣ ଡି ଗ୍ରେଡ୍ ଏବଂ ୧୫୭୭ ଜଣ ଇ ଗ୍ରେଡ୍ ୨୮୮ଜଣ ଏଫ ଗ୍ରେଡ଼ ପାଇଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାର ଶିକ୍ଷା ଅଧିକାରୀ ଏବଂ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଜାତୀୟ ରାଜପଥରୁ ଜବରଦଖଲ ଉଚ୍ଛେଦ
# କ୍ଷତିଗ୍ରସ୍ତ ଚାଷୀଙ୍କ ତୀବ୍ର ବିରୋଧ



ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ଼ ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ୫୯କୁ ଥିଲାବାଲା ଲୋକେ ଜବରଦଖଲ କରିଛନ୍ତି । ଏନେଇ ଟିଟିଲାଗଡ଼ ସହରରେ ଦୀର୍ଘ ବର୍ଷ ହେଲା ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏପରିକି ପୂର୍ବରୁ କ୍ରମାନ୍ୱୟରେ ଦୁଇ ଜଣ ଆଇଏଏସ୍ ଅଧିକାରୀ ଟିଟିଲାଗଡ଼ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବାବେଳେ ଅନେକ ମାପଚୁପ କରିବା ପରେ କେବଳ ଠେଲାଦୋକାନୀଙ୍କୁ ତଡିଥିଲେ । ହେଲେ ଥିଲାବାଲାଙ୍କ ଦ୍ୱାରା ଜବରଦଖଲ ରାସ୍ତା, ଡ୍ରେନ ଉପରେ ବହୁତଳ ପ୍ରାସାଦ, ବ୍ୟବସାୟିକ ପ୍ରତିଷ୍ଠାନକୁ ଅଣଦେଖା କରିଥିଲେ । ଏଭଳି ସ୍ଥଳେ ଥିଲାବାଲା ଲୋକଙ୍କ ଚାପରେ ଜାତୀୟ ରାଜପଥ ବାଇପାସ୍ ହୋଇ ଗ୍ରାମାଞ୍ଚଳ ଦେଇ ଯିବା ପାଇଁ ଟେଣ୍ଡର ସରିବା ପରେ କାମ ଆରମ୍ଭ ହୋଇଛି । ହେଲେ ଚାଷୀଙ୍କ ଚାଷ ଜମି ଅଧିଗ୍ରହଣ କରାଯାଉଥିବା ବେଳେ ନାମକୁ ମାତ୍ର କ୍ଷତିପୂରଣ ରାଶି ଘୋଷଣା କରାଯାଇଛି । ଅଧିଗ୍ରହଣ ହେଉଥିବା ଅନେକ ଜମିର ନୋଟିସ୍ ମଧ୍ୟ ସମ୍ପୃକ୍ତ ଚାଷୀଙ୍କ ପାଖକୁ ଆସିନାହିଁ । ଚାଷୀ ସେମାନଙ୍କ ଜମିର ଉପଯୁକ୍ତ କ୍ଷତିପୂରଣ ପାଇଁ ବଲାଙ୍ଗିର ଜିଲ୍ଲାପାଳ ଏବଂ ସମ୍ବଲପୁର ରାଜସ୍ୱ କମିଶନରଙ୍କ କୋର୍ଟର ଆଶ୍ରୟ ନେଇଛନ୍ତି । ହେଲେ ସେମାନଙ୍କୁ ପ୍ରତିଶୃତି ମିଳିଥିବା ବେଳେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ନାହିଁ । ଏଭଳି ସ୍ଥଳେ ବହୁ ସଂଖ୍ୟାରେ ପୋଲିସ୍ ବଳ ସହ ତହସିଲଦାର ସୁବାଶିଷ ଶତପଥୀଙ୍କୁ ଧରି ଜାତୀୟ ରାଜପଥ ଠିକାଦାର, ଯନ୍ତ୍ରୀ ଜୋର ଜବରଦସ୍ତି ରାସ୍ତା ନିର୍ମାଣ ଉଦ୍ୟମ ଅଞ୍ଚଳବାସୀଙ୍କ ପ୍ରବଳ ବିରୋଧ ନେଇ ଧୂଳିସାତ ହୋଇଛି । ଏନେଇ ଘଟଣାସ୍ଥଳରେ ଉପସ୍ଥିତ ଜମି ଅଧିଗ୍ରହଣ କାର୍ଯ୍ୟାଳୟର କର୍ମଚାରୀ କ୍ଷୀରସିନ୍ଧୁ ବାରିକ ମୁଖ୍ୟ ଖଳନାୟକ ବୋଲି ପୀଡିତ ଚାଷୀ ଗାଳିଗୁଲଜ କରିଥିବା ଦେଖାଯାଇଥିଲା । ଏନେଇ ଶ୍ରୀ ବାରିକଙ୍କ ସହ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ପ୍ରବଳ ତୁତୁମେଁମେଁ ହୋଇଥିଲା । ଶେଷରେ ପ୍ରଶାସନ ଛତ୍ରଭଙ୍ଗ କରିଥିଲା । ଏହାକୁ ନେଇ କୃଷକ ନେତା ତଥା ଜମି ହରାଇଥିବା ଚାଷୀ ଅଭୟ ସାହୁ ଅନ୍ୟାୟ ଚରମ ସୀମା ଲଙ୍ଘିଥିବା କହିଛନ୍ତି । ଆମେ ପୀଡିତ ଚାଷୀଙ୍କୁ ଟଙ୍କାଟିଏ ଦରକାର ନାହିଁ, ଆମର ଯେତେ ଚାଷଜମି ସରକାର ରାସ୍ତା ନିର୍ମାଣ ପାଇଁ ନେବେ ସେତିକି ଚାଷଜମି ଆମକୁ ଅନ୍ୟ କୋଉ ସ୍ଥାନରେ ମାପି ଦିଆଯାଉ । ଅନ୍ୟଥା ଆମକୁ ଗୁଳି କରି ମାରି ଦିଆଯାଉ ବୋଲି ଉପସ୍ଥିତ ସମସ୍ତ ଚାଷୀ ଆହ୍ୱାନ ଦେଇଥିଲେ । ଏସମ୍ପର୍କରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରୀଙ୍କୁ ପଚାରିବାରୁ ଏନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆବଶ୍ୟକ ହେଲେ ଅଧିକ ପୋଲିସ୍ ବଳ ମୁତୟନ ସହ ଜମି ଅଧିଗ୍ରହଣ ସୁନିଶ୍ଚିତ କରାଯିବ ବୋଲି କହିଛନ୍ତି ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କନ୍ଧମାଳ, (ହି.ସ.) – ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ, ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ପୀଡିତା ଓ ସାକ୍ଷୀଙ୍କ ବୟାନ ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ ସମୀର ପାତ୍ରକୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ, ତାକୁ ଆଉ ଅଧିକ ୦୭ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପିଡିତାଙ୍କୁ କ୍ଷତି ପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ ସେବା ପ୍ରାଧୀକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ଗତ ୨୦୧୮ ମସିହା ମେ ମାସ ୧୬ ତାରିଖରେ ପୀଡିତାଙ୍କ ପରିବାର ପକ୍ଷରୁ ଜି ଉଦୟଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଜି ଉଦୟଗିରି ଥାନା ଅଧିକାରୀ ଅଭିଯୋଗ ଅନୁଯାୟୀ ଏକ ମାମଲା ୪୧/୨୦୧୮ରେ ରୁଜୁ କରି ସମୀର ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ ।

# ବୈଶାଖୀ ଉତ୍ସବ ଓ ବାଣିଜ୍ୟ ମେଳା ଜମୁଛି

କନ୍ଧମାଳ: ଫୁଲବାଣୀରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା କନ୍ଧମାଳ ବୈଶାଖୀ ଉତ୍ସବ ଓ ବାଣିଜ୍ୟ ମେଳାର ଗୁରବାର ଥିଲା ପଂଚମ ଦିବସ । ଏହି ସଂନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କୃତୀ କଳା କାର ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଦୀର୍ଘ ୧୨ ଦିନ ବ୍ୟାପୀ ଅନୁଷ୍ଠିତ ଏହି ମେଳା କନ୍ଧମାଳର କଳା ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବାରେ ସହାୟକ ହେବ ବୋଲି କହିଥିଲେ । ପ୍ରଥମ କରି ଜିଲ୍ଲାରେ ଏହି ମେଳା ଆୟୋଜନ କରି ଥିବାରୁ କାର୍ଯ୍ୟକର୍ତା ମାନଙ୍କୁ ସାଧୁବାଦ୍ ଜଣାଇଥିଲେ । ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟି ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ଓ ଉପାଧକ୍ଷ ରାଧାମୋହନ ମହାପାତ୍ର, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି, ସୁଜିତ ବେହେରା, କୋଷଧକ୍ଷ ପ୍ରସନ୍ନ କୁମାର ସ୍ୱାଇଁ,ସାମ୍ବାଦିକ ଶୋନ୍ତୋଷ ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସେହିପରି କମିଟିର ଅଧକ୍ଷ ସୁନୀଲ ପଟ୍ଟନାୟକ ଓ ଉପାଧକ୍ଷ ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥିଙ୍କୁ ପୁଷ୍ପ ଗୁଛ, ଉପଢ଼ୌକନ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ । ରୟାଲ ଡାନ୍ସ ଏମ୍ପାଇର ର କଳାକାର ମାନଂକ ଆକର୍ଷଣୀୟ ନୃତ୍ୟ ଦର୍ଶକଙ୍କ ମନ୍ ଜିଣିଥିଲା । ଏହି ମେଳା ଆସନ୍ତା ୮ ତାରିଖ ଯାଏ ଚାଲିବ । ମେଳାରେ ବିଭିନ୍ନ ଗାଡ଼ି ମୋଟର ଷ୍ଟଲ ସହ ବୈଦ୍ୟୁତିକ ସରଞ୍ଜାମ ସାଙ୍ଗକୁ ଖାଦ୍ୟ ଷ୍ଟଲ୍ ଓ ମିନବଜକ୍ଷର ଖୋଲାଯାଇଛି ।

# ଜାତୀୟ ଖୋଖୋ ଖେଳାଳି ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର: ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ବଲାଙ୍ଗିର ସାମ୍ବାଦିକ ଭବନଠାରେ ଜାତୀୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶିଷ୍ଟ ଶିକ୍ଷାବିତ ଗଜମଣି ବାଗଙ୍କ ସଭାପତତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧକ୍ଷ ନିହାଲ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ବଲାଙ୍ଗିର ମାଟିର ପୁଅ ପ୍ରିୟବ୍ରତ ନାଗ ଓଡ଼ିଶା ଦଳ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜୁନିଅର ବର୍ଗରେ ଓଡ଼ିଶା ଦଳ ବିଜୟୀ ହୋଇଥିବାରୁ ପ୍ରିୟବ୍ରତ ନାଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବିନ କୁଅଁର, ସାମ୍ବାଦିକ ଗୋପାଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିସହ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ପ୍ରିୟବ୍ରତ ନାଗଙ୍କ ଉଜ୍ଜଳମୟ ଭବିଷ୍ୟତ କାମନା କରାଯାଇ ତାଙ୍କୁ ସମସ୍ତେ ଶୁଭେଚ୍ଛା ମଧ୍ୟ ଜଣାଇଥିଲେ ।

# ଘରଡ଼ିହ ପଟ୍ଟା ପାଇଁ ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ପଂଚାୟତର ଓସିସି କୋଲନି ମୁଣ୍ଡିଗୁଡା ଗ୍ରାମବାସୀ ଆଜି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗର୍ଡିଆଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଗତ ୫୦ରୁ ୫୫ ବର୍ଷ ବିତି ଗଲାଣି ଓସିସି କୋଲନିରେ ବସ ବାସ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ସମସ୍ତ ହିତାଧିକାରିଙ୍କୁ ସରକାର ଘରଡିହ ପଟ୍ଟା ମିଳି ନାହିଁ । ବିଗତ କୋଭିଡ ୨୦୧୯ ମସିହାରେ ୨୦୫୦ ଗୃହ ନିମନ୍ତେ ସରକାରଙ୍କ ନିକଟରେ ଘରଡ଼ିହ ନିମନ୍ତେ ଗୁହାରି କରାଯାଇଥିଲା । କିନ୍ତୁ, କେବଳ ୪୯ ଜଣ ପରିବାରଙ୍କ ଘର ଡିହ ପଟ୍ଟା ପ୍ରଶାସନିକ ଅଧିକାରି ମାନେ ୬ ମାସ ପୂର୍ବେ ବାରିଣିପୁଟ ପଂଚାୟତ ଠାରେ ୨ ସେଂଟ ଲେଖାଏଁ ଜଣଙ୍କୁ ବଂଟନ କରିଥିଲେ । କିନ୍ତୁ ୨୫୦ ପରିବାର ନିମନ୍ତେ ଘରଡିହ ମିଳିବ ବୋଲି ସରକାର ପ୍ରତିଶ୍ରୁତି ସହ ପଟ୍ଟା ବଂଟନ କରିଥିଲେ । ପରବର୍ତ୍ତୀ ମୁହୁର୍ତରେ ଯେଉଁ ସ୍ଥାନ ସରକାରି ଅଧିକାରି ଘର ଡ଼ିହ ନିମନ୍ତେ ଗୋଟିଏ ଅନାବାଦୀ ଡଙ୍ଗର ଦେଖାଇଥିଲେ କିନ୍ତୁ କିଛି ଲୋକ ବିରୋଧ କରି ନିଷେଧ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ନିକଟର ଡଙ୍ଗର ଜୟପୁର ମୌଜା ୭ ଏକର ୫୦ ଡେସିମିଲ ସ୍ଥାନ ନିରୁପିତ ସରକାରଙ୍କ ତରଫରୁ ହୋଇଥିଲା । ଏହି ନିଦ୍ଧାରଣ ଅନୁସାରେ ଡଙ୍ଗର କିସମ ପରବର୍ତନ ହେବା ପରେ ଏବଂ ସବଜ୍ଞାତ ଅନୁସାରେ ଡଙ୍ଗରକୁ ସମତଳ କରିବା ପାଇଁ ନିରିହ ଗ୍ରାମବାସୀ କାଯ୍ୟକ୍ରମକୁ ଆଗକୁ ନେଇଥିଲେ । ସରକାର ଙ୍କ ଘରଡିହ ମେଳିବା ନିମୟ ଅନୁସାରେ ସମସ୍ତ ଗ୍ରାମବାସୀ ଙ୍କୁ ସ୍ଥାୟୀ ବାସିନ୍ଦାର ଘର ଡିହ ପ୍ରଦାନ କରାଯାଉ । ତେଣୁ ୨୫୦ ପରିବାର ବର୍ଗଙ୍କୁ ତାଙ୍କର ଦୀର୍ଘଦିନର ଅଭିପ୍ରାୟକୁ ହଦୟଙ୍ଗମ କରି ସମସ୍ତ ଗିରବ ପରିବାରଙ୍କୁ ସରକାରଙ୍କ ନିୟମ ଅନୁସାରେ ଯେଉଁ ୭ ଏକର ୫୦ ଡେସିମିଲ ଡଙ୍ଗର ଦିଆଯାଇଛି ସେହି ସ୍ଥାନରେ ପଟ୍ଟା ପ୍ରଦାନ କଲେ ଚିର ଉପକୃତ ହେବୁ ବୋଲି ଟଙ୍କା ଧର ହରିଜନ, ବିବେକାନନ୍ଦ ବାସ୍କା ସୁସୁ ବାଘ, ଏସ ସଚିନ ନାଗ ପ୍ରମୁଖ ଦାବି କରିଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ମାଲକାନଗିରି : ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମାଥିଲି ବ୍ଲକ କଲ୍ୟାଣ ମଣ୍ଡପରେ ବିଶ୍ୱ ଶ୍ରମିକ ଦିବସ ପାଳନ ଓ ଜିଲ୍ଲା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ଅଶୋକ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସର୍ସ୍ମିତା ମାଝୀ, ମାଥିଲି ତହସିଲଦାର ସୁଶ୍ରୀ ମାନସୀ ଭୋଇ, ଜିଲ୍ଲା ସଂଘର ସମ୍ପାଦକ ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅଜିତ ସଗରିଆ, ମାଥିଲି ବ୍ଲକ ସଭାପତି ଶିବ ପ୍ରସାଦ ପରିଛା ପ୍ରମୁଖ ମଂଚାସିନ ଥିଲେ । ଉପସ୍ଥିତ ଅତିଥି ମାନେ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଏହି ଅବସରରେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ନିନ୍ଦା କରି ଏକ ମିନିଟ ର ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଖିଲ ନିଜର ବକ୍ତବ୍ୟ ପ୍ରଦାନ କରି ସାମ୍ବାଦିକ ମାନଙ୍କ ବିଭିନ୍ନ ନାର୍ଯ୍ୟ ଦାବି ଦିଗରେ ସରକାର ଯେପରି ଗୁରୁତ୍ୱ ଦେଇ ସେଗୁଡିକ ପୂରଣ କରିବେ ସେନେଇ ସେ ନିଜେ ବିଧାନସଭା ରେ ସ୍ୱର ଉଠାଇବେ ବୋଲି ପ୍ରକାଶ କରିଥିଲେ । ଏହା ସହ ମାଥିଲି ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଗୃହ ପାଇଁ ଅନୁଦାନ ଘୋଷଣା କରିଥିଲେ ।


# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ଦିବସ ପାଳିତ

ମାଲକାନଗିରି(ପିପିଏସ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଓ ଜିଲ୍ଲା ଜଜ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶ୍ରମିକ ଦିବସ ମହା ସମାରୋହରେ ପାଳନ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜର୍ଜ ଶାନ୍ତନୁ କୁମାର ଦାଶ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୂଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ, ଆଇନିସେବା ପ୍ରାଧିକରଣ ସଚିବ -ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ମହିଳା ଅଦାଲତର ବିଚାରପତି ବବିତା ଦାଶ, ରେଜିଷ୍ଟ୍ରାର -ବିଚାରପତି ରୁଦ୍ର ପ୍ରସାଦ ନାୟକ, ଗ୍ରାମ ନ୍ୟାୟାଳୟର ଦଣ୍ଡାଧିକାରି ଦେବେନ୍ଦ୍ର କୁମାର ବାଘ୍, ବିଚାର ବିଭାଗୀୟ ଦଣ୍ଡାଧିକକ୍ଷରି ଆଦିତ୍ୟ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ମୂଖ୍ୟ ଆଇନିସେବା ଅଧିବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନ ସେବା ଅଧିବକ୍ତା ରାଜେଶ ପଟ୍ ନାୟକ, ସହାୟକ ଆଇନ ସେବା ଅଧିବକ୍ତା ସାଗର ପାଣିଗ୍ରାହୀ, ସଂଯୁକ୍ତା ଦତ ପ୍ରମୁଖ ଯୋଗ ଦେଇଥିଲେ । ମୂଖ୍ୟ ଅତିଥି ଓ ଅନ୍ୟ ସମସ୍ତ ବିଚାରପତି ଶ୍ରମିକ ମାନଙ୍କ ଅଧିକାର ଓ ସରକାରୀ ଯୋଜନା ଉପରେ ବୁଝାଇଥିଲେ । ବିଭିନ୍ନ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଯଥା ମୃତ୍ୟୁ କାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା ଇତ୍ୟାଦି ପ୍ରଦାନ ସହ ବିଭିନ୍ନ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ ସହ ସଭା ସାଙ୍ଗ କରାଯାଇଥିଲା ।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ବଲାଙ୍ଗିର: ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ମାରୱାଡ଼ି ସେବା ସଦନ ଠାରେ ଶତାଧିକ ଶ୍ରମିକଙ୍କୁ ନେଇ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଅଛି । ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ସାହୁ ବିଶ୍ୱ ନିର୍ମାଣରେ ଶ୍ରମିକଙ୍କ ଭୂମିକା ବିଶ୍ୱକର୍ମାଙ୍କ ପରି ହୋଇଥିବା ବେଳେ ଆଜି ଦିବସରେ ଶ୍ରମିକଙ୍କୁ କାର୍ଯ୍ୟ ସମୟ ଆଠ ଘଂଟା ନିର୍ଣ୍ଣୟ ହୋଇ ଦାସତ୍ୱ ପ୍ରଥାର ସମ୍ପୂର୍ଣ୍ଣ ଲୋପ ପାଇଥିଲା କିନ୍ତୁ ବିଭିନ୍ନ କ୍ଷେତ୍ରରେ ଆଜି ଶ୍ରମିକ ଅବହେଳିତ ଶୋଷଣ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସାମାଜିକ ସୁରକ୍ଷା ମଧ୍ୟ ସରକାରୀ ସ୍ତରରେ ମିଳୁନାହିଁ । ଶ୍ରମିକ କଲ୍ୟାଣ ଯୋଜନାର ସଠିକ୍ ପରିଚାଳନା ସନ୍ଦେହଘେରରେ ତେଣୁ ଆଜି ମଧ୍ୟ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲାରେ ରୋଜଗାର ପାଇଁ ସରକାର ପ୍ରତିଶ୍ରୁତି ଦେଇ ବିଫଳ ହୋଇଛନ୍ତି ଏବଂ ପୂର୍ବ ସରକାର ଦେଇଥିବା ୧୩୪ କୋଟି ନେଇଥିଲେ ତାର ବ୍ୟୟ ବରାଦ ର ଜିଲ୍ଲାକୁ ତଦନ୍ତ ହେବା ଦରକାର ବୋଲି କହିଥିଲେ । ବୈଠକରେ ୟୁନାଇଟେଡ୍ ଟ୍ରେଡ ୟୁନିୟନ ର ଅଧକ୍ଷ ବିଭୁଦତ୍ତ ମିଶ୍ର ଯୋଗଦାନ କରି ଶ୍ରମିକଙ୍କ ଏକତା ଓ ଅଖଣ୍ଡତା ଅତୁଟ ରହିଲେ ହିଁ ଆନ୍ଦୋଳନରେ ସଫଳତା ମିଳି ପାରିବ ଏବଂ ସରକାରୀ ସ୍ତରରେ ଶ୍ରମିକ କଲ୍ୟାଣ ଯୋଜନାର ସଫଳତା ଶ୍ରମିକ ପାଇ ପାରିବେ ବୋଲି ମତ ଦେଇଥିଲେ । ସଂଗଠନର ସଂପାଦକ ସତ୍ୟନାରାୟଣ ସାହୁ, ଜ୍ୟୋସ୍ନା ନନ୍ଦ, ମଞ୍ଜୁରାଣୀ ନାଗ, ଗୌଧୁର କୁମ୍ଭାର, ସୁଶାନ୍ତ ବାରିକ, ରିନୁ ହରପାଲ, ଗୋବିନ୍ଦ ସୁନା, ସୁମିତ ସୁନା, ସତ୍ୟବାଦ ବାରିକ, ସରୋଜ ବାଗ ପ୍ରମୁଖ ଯୋଗଦାନ କରିଥିବା ବେଳେ ସାଧାରଣ ସଂପାଦକ ବିଦ୍ୟାଧର ସୁନା ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ୱେଷାର ୧୧୨ତମ ସାମୂହିକ ଜନ୍ମୋତ୍ସବ



ରାଉରକେଲା(ପିପିଏସ୍): ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ଅନ୍ୱେଷା ଦି ହେଲ୍‌ପିଙ୍ଗ ହ୍ୟାଣ୍ଡ ତରଫରୁ ୧୧୨ତମ ସାମୂହିକ ଜନ୍ମୋତ୍ସବ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ଉପ ସଭାପତି ରଶ୍ମିତା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସେକ୍ଟର ୪ ସ୍ଥିତ ଏକ ହୋଟେଲ ଠାରେ ଏହି କାର୍ଯ୍ୟକ୍ରମରେ ଜଗଦା ସ୍ଥିତ ମାନବସେବା ପ୍ରତିଷ୍ଠାନର ଅନ୍ତେବାସୀ ମାନେ ଯୋଗଦେଇଥିଲେ । ଚଳିତ ମାସରେ ଜନ୍ମ ଗ୍ରହଣ କରିଥିବା ପିଲାମାନଙ୍କ ସହ ପ୍ରଶାନ୍ତ ରଞ୍ଜନ ପାତ୍ର, କୁଲି ଡାଲିଙ୍ଗ,ଆଭା ଦେବତାଙ୍କ ଜନ୍ମଦିନ ଉପଲକ୍ଷେ କେକ୍ କଟାଯାଇ ସେମାନଙ୍କ ସୁଖ ସମୃଦ୍ଧି କାମନା କରାଯାଇଥିଲା । ଏହି ଅବସରରେ ଅନ୍ତେବାସୀ ମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ଅତିଥି ମାନଙ୍କ ସହ ସମସ୍ତଙ୍କ ମଧ୍ୟରେ ଦୋସା,ମିଷ୍ଟାନ୍ନ ,କେକ୍ ଓ ଆଇସକ୍ରିମ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରୋବର୍ଟ ହାଇଫିଲ, ପ୍ରଜ୍ଞା ପାରମିତା ଦାଶ, କୁଞ୍ଜ ବିହାରୀ ରାଉତ, ରେଖା ଗୁପ୍ତା, ସ୍ୱାଗତିକା ପଟ୍ଟନାୟକ, ସତ୍ୟମ ମୋଦକ, ସର୍ଦ୍ଦାର ପ୍ରଧାନ,ମାନୋସୀ ଘୋଷ,ଗ୍ରେସି ଡାଲିଙ୍ଗ, ଅନ୍ୱେଷା ପଣ୍ଡା, ମାନବ ସେବା ପ୍ରତିଷ୍ଠାନର ହେମନ୍ତ ଡାଙ୍ଗିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରତିଷ୍ଠାତା ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଅନୁଷ୍ଠାନ ତରଫରୁ ସେକ୍ଟର ୩ସ୍ଥିତ ବଲାଙ୍ଗୀର ବସ୍ତି ଠାରେ ମାଗଣା ହାଟ କାର୍ଯ୍ୟକ୍ରମ କରାଯାଇ ନୂଆ ପୁରୁଣା ପୋଷାକ ପତ୍ର ବଣ୍ଟନ କରାଯାଇଥିଲା ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମ ଦିବସ
# 'ଶ୍ରମିକମାନେ ହିଁ ରାଷ୍ଟ୍ର ନିର୍ମାଣର ବିଶ୍ୱକର୍ମା'

ବଲାଙ୍ଗିର: ବଲାଙ୍ଗିର ସଦର ମହାକୁମାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ ହୋଇଛି । କଲେକ୍ଟ ଛକ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଲୋକଙ୍କ ସରକାର ଆସିବାର ସ୍ୱଳ୍ପ ଅବଧି ମଧ୍ୟରେ ଦୁଇ ଥର ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି । ଏହାସହ ନିର୍ମାଣ ଶ୍ରମିକଙ୍କ ପାଇଁ ସ୍ୱାଭାବିକ ମୃତ୍ୟୁ ସହାୟତା ୨ ଲକ୍ଷରୁ ୩ ଲକ୍ଷ ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି କରାଯାଇଛି ଯାହାକି ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ ସାମଗ୍ରିକ ଉନ୍ନତିକୁ ସୁନିଶ୍ଚିତ କରିପାରିଛି । ଶ୍ରମିକମାନେ ହେଉଛନ୍ତି ବିକାଶ ର ମୁଖ୍ୟ ଆଧାର,ରାଜ୍ୟ ସରକାର ସେମାନଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ । ସେହି ପରି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ସମସ୍ତ ଶ୍ରମିକ ସମଗ୍ର ଦେଶର ୨୯,୦୦୦ରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସାର ସୁବିଧା ପାଇପାରିବେ । ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇବେ । ସେହିପରି ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିତ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ହିତାଧିକାରୀଙ୍କୁ ମିଳିବବୋଲି ସେ କହିଛନ୍ତି । ସଭାରେ ପୌରପରିଷଦ ଅଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରମିକ ମାନେ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ର ତାତ୍ପର୍ଯ୍ୟ ଓ ବଲାଙ୍ଗିର ଜିଲ୍ଲାରେ ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିବାହ ସହାୟତା ପାଇଁ ୮୬ ଜଣଙ୍କୁ ୪୩,୦୦,୦୦୦ ଟଙ୍କା, ହିତାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ପାଇଁ ୧୬ ଜଣଙ୍କୁ ୩୭,୦୦,୦୦୦ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୧୪ ଜଣଙ୍କୁ ୭୦,୦୦୦ ଟଙ୍କା, ଶିଶୁ ଜନ୍ମ ସହାୟତା ବାବଦରେ ୦୮ ଜଣଙ୍କୁ ୮୦,୦୦୦ ଟଙ୍କା, ପାଠ ପଢା ସହାୟତା ବାବଦରେ ୧୩ ଜଣଙ୍କୁ ୯୮,୪୦୦ ଟଙ୍କା ସମୁଦାୟ ୧୩୭ ଜଣଙ୍କୁ ୮୨,୪୮,୪୦୦ ଟଙ୍କାର ସହାୟତା ରାଶି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ବଂଟନ କରିଥିଲେ । ୨୦୦ ଜଣ ହିତାଧିକାରୀ ଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନ ର କର୍ମକର୍ତା, ଶ୍ରମିକ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ନିଉଜ୍ ପେପର୍ ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର୍ ଆସୋସିଏସନ'ର କର୍ମକର୍ତ୍ତା ନିର୍ବାଚନ



**ଭୁବନେଶ୍ୱର (ପିପିଏସ୍):** 'ଅଲ୍ ନିଉଜ୍ ପେପର୍ ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର୍ ଆସୋସିଏସନ'ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏସନ୍‌ର ସମସ୍ତ ଜୋନ୍‌ର ବିତରକମାନେ ଯୋଗ ଦେଇଥିଲେ। ଆସୋସିଏସନ୍‌ର ସଭାପତି ଭାବେ ଅଭୟ କୁମାର ପାଣିଗ୍ରାହୀ, ସଂପାଦକ ଗୋବର୍ଦ୍ଧନ ପାଲ୍, ଉପସଭାପତି ପ୍ରହ୍ଲାଦ କୁମାର ଜେନା, ସହ ସଂପାଦକ କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ନିମାଇଁ ଚରଣ ବିହାରୀ ଆଗାମୀ ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ପ୍ରତ୍ୟେକ ବିତରକ ଭାଇମାନଙ୍କ ଉନ୍ନତି ପାଇଁ ସମସ୍ତ ନବ ନିର୍ବାଚିତ ପଦାଧିକାରୀ ପ୍ରତିଶ୍ରୁତିବଦ୍ଧ ବୋଲି ସମସ୍ତେ ଏକ ସ୍ୱରରେ ପ୍ରକାଶ କରିଛନ୍ତି। ଏଥିସହ ସମସ୍ତ ଗଣମାଧ୍ୟମ ସଂସ୍ଥା, ସବୁ ଜିଲ୍ଲା ବିତରକ ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ସହ ସମନ୍ୱୟ ଓ ସୁସମ୍ପର୍କ ରଖି ସେମାନଙ୍କୁ ମିଳିଥିବା ଦାୟିତ୍ୱର ସୁବିନିଯୋଗ କରିବା ଦିଗରେ ସମସ୍ତେ କାର୍ଯ୍ୟ କରିବେ। ଏହି ଅବସରରେ ନିର୍ବାଚନ ଦାୟିତ୍ୱରେ ଥିବା ପ୍ରତ୍ୟେକ କର୍ମକର୍ତ୍ତାଙ୍କୁ ଆସୋସିଏସନ୍ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ଗୋପବନ୍ଧୁ ଚୌଧୁରୀଙ୍କ ପୁଣ୍ୟତିଥିରେ ମାସିକ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ମୁଷ୍ଟିମେୟ କେତେଜଣ ପୁଞ୍ଜିବାଦୀମାନଙ୍କ ହାତରେ ଆଜି ଭାରତବର୍ଷ କ୍ରୀଡ଼ନକ ସାଜିଛି। ପାଖାବାଦୀ ସାମ୍ପ୍ରଦାୟିକ ଶକ୍ତିଙ୍କ କବଳରେ ଦେଶର ଶାସନ ବ୍ୟବସ୍ଥା ରହିଥିବା ହେତୁ ଆମକୁ ହିନ୍ଦୁ ମୁସଲମାନ ନାଁରେ ଭାଗଭାଗ କରି ଯୁଗ ଯୁଗ ଧରି ଏ ଦେଶର ଶାସକମାନେ ସେମାନେ ନିଜ ହାତମୁଠାରେ ରଖିବାକୁ ଯୋଜନା ଚଳାଇଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳପିଣ୍ଡ ସମ୍ବିଧାନକୁ ବଦଳାଇଦେବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି। ଦେଶର ଏଭଳି ଘୋରସନ୍ଧି ମୁହୂର୍ତ୍ତରେ ପୂଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶ ଭିତ୍ତିରେ ଆମକୁ ଜନଚେତନା ଜାଗ୍ରତ ସହ ଏକ ଗଣବିପ୍ଳବ ସଂଗଠିତ କରିବାକୁ ହେବ ବୋଲି ଲୋହିଆ ଏକାଡେମୀ ପକ୍ଷରୁ 'ସାଧାନରେ ଭାରତରେ ସାମାଜିକ, ରାଜନୈତିକ ବ୍ୟବସ୍ଥା ଓ ଭବିଷ୍ୟତର ଭାରତ' ଶୀର୍ଷକ ମାସିକ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ସଭାଗୃହରେ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟଙ୍କ ସଂଯୋଜନାରେ ଉପସ୍ଥିତ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ। ପୂଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ୬୭ତମ ପୂଣ୍ୟତିଥିରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପ୍ରଫେସର ସାଧାନ ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରା, ସୁଧୀର ପଟ୍ଟନାୟକ, ଡ. ସୁମିତ୍ରା ପଟେଲ, ରାଧାମୋହ ସେଠୀ, ଡଃ ବିଶ୍ୱଜିତ, ଜୟନ୍ତ ଦାସ, ସତୀଶ ମିଶ୍ର, ମହେନ୍ଦ୍ର ପରିଡ଼ା, ରାବେୟା ବେଗମ, ବିପିନ ବାରିକ, ବିଜୟ ମହାନ୍ତି, ପ୍ରଣବ ଦେ ପ୍ରମୁଖ ଯୋଗ ଦେଇଥିଲେ। ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟଦେବ ହେଲ୍ଥକେୟାରରେ ସ୍ୱାଭିମାନ ଦିବସ



**ଭୁବନେଶ୍ୱର (ପିପିଏସ୍):** ବାଲିଅନ୍ତା ବ୍ଲକ ବେଙ୍କଟପୁର ଶାସନସ୍ଥିତ ଜୟଦେବ ହେଲଥ କେୟାର ଓ ଜୟଦେବ ଫାଉଣ୍ଡେସନ ମିଳିତ ସହଯୋଗରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଅନ୍ତା ସବ ରେଜିଷ୍ଟାର ପୂଜା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆୟୋଜିତ ସଭାରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପଦାନ କରିଥିଲେ। ଅବ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଦାଶ, ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ, ଡାକ୍ତର ତାପସ ରଞ୍ଜନ ଦାଶ, ସିଓ ଡାକ୍ତର ଆରତୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଧୁସୂଦନଙ୍କ ଜୀବନ ଆଦର୍ଶରେ ସୁଚିନ୍ତାରଣ କରିଥିଲେ।

# 'ଯଶସ୍ୱୀ ମଧୁସୂଦନ' ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ଅବସରରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରସାର ପ୍ରଚାର କରୁଥିବା ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସମଣ୍ଡଳ ଦ୍ୱାରା ପ୍ରକାଶିତ ଡ. ଆରତି କରଙ୍କ ରଚିତ 'ଯଶସ୍ୱୀ ମଧୁସୂଦନ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ନ୍ୟାସମଣ୍ଡଳର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଶୁରାମ ଦ୍ୱିବେଦୀ, ସୁକାନ୍ତ ପ୍ରଧାନ, ମୂରଲୀ ଧର ଭାଷ୍ୟମ୍, ବିରଜା ପ୍ରସାଦ ଶତପଥୀ, କୈଳାସ ଚନ୍ଦ୍ର ରଥ, ରାମ ନାରାୟଣ ମିଶ୍ର, ପ୍ରଶନ୍ତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ସମାଜ ତଥା ଯୁବ ସମାଜକୁ ମଧୁସୂଦନଙ୍କ ଜାତିପ୍ରେମ ଆଦର୍ଶରେ ଅନୁପ୍ରାଣିତ କରିବା ଅନୁଷ୍ଠାନର ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଡକ୍ରସ ସେକ୍ରେଟାରୀଙ୍କ ଦୁଇଦିନିଆ କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଜିଲ୍ଲାର ଅପାଦକାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସର ସେକ୍ରେଟାରୀମାନଙ୍କ ପାଇଁ ସ୍ଥାନୀୟ ଏକ ହୋଟେଲରେ ଦୁଇ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଯୁଗ୍ମ ସଚିବ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ରାଜ୍ୟ ରେଡକ୍ରସ ଚେୟାରମ୍ୟାନ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଆଇଏଫଆରସିର ପ୍ରୋଗ୍ରାମ ମ୍ୟାନେଜର ଡ. ପରାଗ ବୋରକାର, ଯୁବ ରେଡ଼କ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଆଇସିଆରସି ର ପ୍ରୋଗ୍ରାମ ମ୍ୟାନେଜର ସଂଯୁକ୍ତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପ୍ରଥମ ଦିନରେ ଯୁବ ରେଡକ୍ରସର ରାଜ୍ୟ ସଂଯୋଜକ ଡ. ଗୋପାଳ ମିଶ୍ର ଆଲୋଚନା କରିଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ନିରଞ୍ଜନ ସାହୁ, ରେଡକ୍ରସର କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଓଡ଼ିଆ ସ୍ୱାଭିମାନ ଦିବସରେ ମଧୁସଙ୍ଗୀତ

**ଭୁବନେଶ୍ୱର (ପିପିଏସ୍):** ସଂଭାବନା ପକ୍ଷରୁ ଗୀତଗୋବିନ୍ଦ ସଦନରେ ମଧୁ ଜୟନ୍ତୀରେ ଓଡ଼ିଆ ସ୍ୱାଭିମାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଜାତୀୟତାବାଦୀ ସଂଗୀତ ସହ ମଧୁ ସଂଗୀତ ମଧ ପରିବେଷିତ ହୋଇଥିଲା। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଉତ୍କଙ୍କ ଅଧ୍ୟକ୍ଷତାରେ ପ୍ରଦୀପ ପ୍ରଜ୍ୱଳନ ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଯାଇଛି। ରଶ୍ମିତା ରାଓ, ବିଦ୍ୟୁଲତା ବେହେରା ଓ ତନ୍ମୟତ୍ସା ଦାସ, ଜ୍ୟୋତ୍ସ୍ନା ପାତ୍ର ମଧୁସୂଦନଙ୍କ ଲିଖିତ କବିତା ପାଠ କରିଥିଲେ। ଏହି ଅବସରରେ ତୃଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ବେଦିରାଣୀ ସାହୁ, ସୌଦାମିନୀ ମହାନ୍ତି ଓ ବିଜୟଲକ୍ଷ୍ମୀ ପତି ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ବର୍ଗର ଶ୍ରେଷ୍ଠ ଓଡ଼ିଆଣୀ ବାସନ୍ତୀ ପଟ୍ଟନାୟକ, ଡ. ସୁଜାତା ମହାନ୍ତି, ଲୋପିସ୍ମୃତି ବିଶ୍ୱାଳ, ସ୍ୱପ୍ନପ୍ରଭା ସାହୁ, ସୌଦାମିନୀ ସାମଲ, ମୀନା ପାଣିଗ୍ରାହୀ ପ୍ରମୁଖ ସମ୍ମାନ ସଂଗୀତ ପରିବେଷଣ କରିଥିଲେ। ଶେଷରେ ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର (ପିପିଏସ୍):** ପ୍ରେମିକାଠାରୁ ମାନସିକ ନିର୍ଯାତନା ପାଇଁ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖଣ୍ଡଗିରି ଥାନା ବରମୁଣ୍ଡା ମା' ମଙ୍ଗଳା ଦଳିତ ସାହିରେ ଘଟିଛି ଏହି ଅଘଟଣ। ମୃତ ଯୁବକ ହେଲେ ରାହୁଲ ଗୋଛାୟତ (୨୨)। ରାହୁଲ ତାଙ୍କ ଆଈ ସହ ରହୁଥିଲେ। ଉକ୍ତ ସାହିରେ ରହୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମୀଯୁଗଳ ବୁଲାବୁଲି କରିବା ସହ ପ୍ରେମିକର ଘରକୁ ପ୍ରେମିକା ଆସୁଥିଲା। ଏମିତିକି ପ୍ରେମିକାକୁ ଦାମୀ ଉପହାର ଦେଉଥିଲେ ପ୍ରେମିକ। କିନ୍ତୁ ରାହୁଲ କିଛି କରୁନଥିବାରୁ ଯୁବତୀ ମିଳାମିଶା ହଠାତ୍ କମ୍ କରି ଦେଇଥିଲେ। ଏପରିକି ବିବାହ କରିବେନି ବୋଲି ରୋକଠୋକ୍ ମନା କରି ଦେଇଥିଲେ। ତେଣୁ ପ୍ରେମୀଯୁଗଳଙ୍କ ସମ୍ପର୍କ ବିଗିଡ଼ି ଯିବା ସହ ବିବାଦର ସୂତ୍ରପାତ ହୋଇଥିଲା। ସମ୍ପୃକ୍ତ ଯୁବତୀ ରାହୁଲଙ୍କ ଠାରୁ ଦୂରେଇ ଯାଇ ଅନ୍ୟ ଯୁବକଙ୍କ ସହ ମିଳାମିଶା କରୁଥିଲେ। ଏହାକୁ ନେଇ ରାହୁଲ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଗତକାଲି ରାତିରେ ରାହୁଲ ରୋଷେଇ ଘର ଭିତରେ ବେଗରେ ଶାଢ଼ି ବେକରେ ଲଗାଇ ଝୁଲିପଡ଼ିଥିଲେ। ମଙ୍ଗଳବାର ସକାଳୁ ରାହୁଲଙ୍କ ଝୁଲନ୍ତା ମୃତଦେହ ପୁଲିସ ଜବତ କରିଥିଲା। ରାହୁଲଙ୍କ ଆତ୍ମହତ୍ୟା ପଛରେ ପ୍ରେମିକାକୁ ଦାୟୀ କରିବା ସହ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣା ତଦନ୍ତ କରୁଛି। ଏହା ପ୍ରେମଜନିତ ଆତ୍ମହତ୍ୟା ନେଇ ପୁଲସ ସନ୍ଦେହ କରିବା ସହ ତ୍ରିକୋଣୀୟ ପ୍ରେମକୁ ନେଇ ରାହୁଲ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

# ଦୁର୍ଘଟଣାରେ ଜଣେ ମୃତ

**ଭୁବନେଶ୍ୱର (ପିପିଏସ୍):** ସୋମବାର ସକାଳ ପ୍ରାୟ ୬ଟା ବେଳେ ଇନଫୋସିଟି ଥାନା ୧୬ ନମ୍ବର ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ହେଲେ ପଶ୍ଚିମବଙ୍ଗର ଏମଡି ନିଜାମୁଦ୍ଦିନ (୨୯)। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସକାଳ ପ୍ରାୟ ୬ଟା ବେଳେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିଲେ। ରାସ୍ତା ପାର ହେଉଥିବା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଡମ୍ପର ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ବ୍ୟକ୍ତି ଜଣକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଏନେଇ ଇନ୍‌ଫୋସିଟି ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଥିଲେ। ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି।

# କାର୍ ଅଟକାଇ ଲୁଟ୍ ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** କାର୍ ଅଟକାଇ ଭଙ୍ଗା ବିୟର ବୋତଲରେ ଆକ୍ରମଣ ପାଇଁ ଭୟ ଦେଖାଇ ସୁନା ଚେନ୍ ଲୁଟି ନେଇଥିଲେ ଦୁର୍ବୃତ୍ତ। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପାଇକରାପୁରର ଅନିଲ ରଣଜିତ। ରବି ସୋଭେଶଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୯ରେ ସକାଳ ୬ଟା ୧୫ରୁ ସାଢ଼େ ୭ଟା ମଧ୍ୟରେ ରବି ତାଙ୍କ କଲେଜକୁ କାରରେ ଯାଉଥିଲେ। ଗୋଠପାଟଣା ଛକ ନିକଟରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲରେ ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଏକ ଭଙ୍ଗା ବିୟର ବୋତଲ ଦେଖାଇ ତାଙ୍କ କାରରେ ଜୋରଜବରଦସ୍ତି ବସିଥିଲେ। କାରକୁ ପାଇକରାପୁର ରାସ୍ତା ଆଡକୁ ଗାଡ଼ି ନେବାପାଇଁ ବାଧ କରିଥିଲେ। ପ୍ରାୟ ୩ ରୁ ୪ କିଲୋମିଟର ଯିବା ପରେ ଅଭିଯୁକ୍ତମାନେ ଏକ ନିର୍ଜନ ସ୍ଥାନରେ ଗାଡ଼ିକୁ ଅଟକାଇ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରି ୧୫ ଗ୍ରାମ ଓଜନର ସୁନା ଚେନ୍ ଲୁଟି ନେଇଥିଲେ। ଅଭିଯୋଗକାରୀ କୌଶଳକ୍ରମେ ସେଠାରୁ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ପୂର୍ବରୁ ଆଶିଷ ରଞ୍ଜନ ସାମନ୍ତରାୟ ଏବଂ ଅମିତକୁ ଗତ ୩ତାରିଖରେ ଗିରଫ କରାଯାଇଥିଲା। ଆଜି ଅଭିଯୁକ୍ତ ପୁରୁଣା ଭୁବନେଶ୍ୱରରେ ଥିବା ଜାଣି ତାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ଲୁଟି ପରେ ସୁନା ଚେନକୁ ଖଣ୍ଡଗିରି ସ୍ଥିତ ମନାପୁରମ୍ ଫାଇନାନ୍ସ ଲିମିଟେଡ୍‌ରେ ଅଭିଯୁକ୍ତ ଆଶିଷ ରଞ୍ଜନ ସାମନ୍ତରାୟଙ୍କ ନାମରେ ୭୧ହଜାର ଟଙ୍କାରେ ବନ୍ଧକ ରଖି ଟଙ୍କା ନେଇଥିଲେ। ପରେ ଅଭିଯୁକ୍ତମାନେ କୋଲକାତା ପଳାଇ ଯାଇ ପୋଷାକ ଏବଂ ଇଲେକ୍ଟ୍ରୋନିକ୍ ଜିନିଷ କିଣି ଭୁବନେଶ୍ୱର ଫେରିଥିଲେ।

# ପ୍ରେମିକାଙ୍କୁ ବ୍ଲାକମେଲିଂ କରି ଯୁବକ ଗିରଫ



**ଭୁବନେଶ୍ୱର (ପିପିଏସ୍):** ପ୍ରେମିକାକୁ ବ୍ଲାକମେଲିଂ କରି ଟଙ୍କା ମାଗିବା ମହଙ୍ଗା ପଡ଼ିଲା। ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଭଦ୍ରକ ଧୁଷୁରିର ସୁମିତ କୁମାର ଦାଶ। ପୁଲିସ କହିବା ଅନୁଯାୟୀ, ୪ରୁ ୫ବର୍ଷ ହେବ ଯୁବତୀଙ୍କ ସହ ଅଭିଯୁକ୍ତର ପ୍ରେମ ସମ୍ପର୍କ ରହିଥିଲା। ଅଭିଯୁକ୍ତ ସୁମିତ ସମ୍ପୃକ୍ତ ପୀଡ଼ିତାକୁ ବିବାହ କରିବାକୁ କହିବାରୁ ସେ ରାଜି ହୋଇ ନ ଥିଲେ। ଏହି ସମୟରେ ସୁମିତ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କ ଉପରେ ମିଥ୍ୟା ଅଭିଯୋଗ ଆଣିବା ସହ ନିର୍ଯାତନା ଦେଉଥିଲେ। ପରେ ଯୁବତୀ ତାଙ୍କ ଠାରୁ ଅଲଗା ହୋଇଯାଇଥିଲେ। ପୀଡ଼ିତାଙ୍କୁ ଧମକଚମକ ଦେବା ସହ 'ତୁ ମୋର ନୁହେଁ ତ କାହାର ନୁହେଁ' ବୋଲି କହିଥିଲେ। ନଚେତ୍ ସ୍ଥିତି ଭୟଙ୍କର ହେବ ଓ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବାକୁ ଧମକ ଦେଇ ଆସୁଥିଲେ। ଏବାବଦରେ ସେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ମାଗିଥିଲେ। ସେ ମନା କରିବାରୁ ତାଙ୍କ ନାମରେ ସୋସିଆଲ ମିଡିଆରେ ଫେକ ଆକାଉଣ୍ଟ ଖୋଲି କରି ଅଶ୍ଳୀଳ ଏଡିଟେଡ୍ ଫଟୋ ଅପଲୋଡ଼୍ କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ଯୁବତୀ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଅଭିଯୁକ୍ତ ସୁମିତକୁ ଭଦ୍ରକରୁ ଗିରଫ କରିଥିଲା।

# ସର୍ଭେୟରଙ୍କୁ ଅପହରଣ ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ରୋଡ୍ ସର୍ଭେୟରଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବାଲିଅନ୍ତା ବୁଢ଼ିପଡ଼ା ସୁନୀଲ ରାଉତ ଓରଫ ସିଲୁ। ପୁରୀର ମିଳନ ହାତୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ ସିଲୁକୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ମିଳନ ହାତୀ ପେଶାରେ ଜଣେ ରାସ୍ତା ସର୍ଭେୟର ଭାବରେ କାର୍ଯ୍ୟ କରନ୍ତି। ଗତ ମାର୍ଚ୍ଚ ୩୧ ତାରିଖ ଅପରାହ୍ନରେ ସେ ବ୍ୟକ୍ତିଗତ କାମ ପାଇଁ ଭୁବନେଶ୍ୱରରେ ଥିଲେ। ଅଭିଯୁକ୍ତ ସିଲୁ ବୁଢ଼ିପଡ଼ା ଗ୍ରାମର ସିଲୁ ଅଭିଯୋଗକାରୀ ମିଳନ ଭାଉଜଙ୍କର ଜଣେ ସହଯୋଗୀ। ଭାଉଜଙ୍କ ସହ ମିଳନଙ୍କ ଦୀର୍ଘଦିନ ହେବ ପାରିବାରିକ ବିବାଦ ରହିଥିଲା। ପ୍ରତିଶୋଧ ନେବା ପାଇଁ ଭାଉଜ ଗୀତାଞ୍ଜଳି ହାତୀ ଷଡଯନ୍ତ୍ର କରିଥିଲେ। ସିଲୁ ସହ ମିଳି କିଭଳି ତାଙ୍କ ଆକ୍ରମଣ କରିବେ ଯୋଜନା କରିଥିଲେ। ଗତ ମାର୍ଚ୍ଚ ୩୧ ତାରିଖେ ଅପରାହ୍ନରେ ମିଳନଙ୍କୁ ଟଙ୍କପାଣିରୋଡ଼୍ ସାଇ ମନ୍ଦିର ନିକଟରେ ଭେଟିବାକୁ କହିଥିଲେ। ସେଠାରେ ମିଳନ ପହଞ୍ଚିବା ପରେ ସିଲୁ ଏବଂ ତାର ଦୁଇଜଣ ସହଯୋଗୀ ତାଙ୍କୁ ଜବରଦସ୍ତି ଫୋନ୍ ଛଡାଇବା ସହ ଛୁରୀ ଦେଖାଇ ବାଇକ୍‌ରେ ବସାଇ ନେଇଥିଲେ। ବାଇକରେ ସେମାନେ ବସି ବୁଢ଼ିପଡ଼ା ନିକଟସ୍ଥ ଏକ ନିର୍ଜନ ଜଙ୍ଗଲକୁ ନେଇଗଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ମୁଠା, ଲାତ ଏବଂ କାଠ ପଟାରେ ପିଟିଲେ। ଯାହା ଫଳରେ ଗୁରୁତର ଆଘାତ ଲାଗିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେମାନେ ମିଳନର ପରିବାରକୁ ତାଙ୍କ ଫୋନ କରି ୫୦ ହଜାର ଟଙ୍କା ମାଗିବା ସହ ତାଙ୍କ ନିକଟରେ ଥିବା ୭ ହଜାର ଟଙ୍କା ମଧ ନେଇଯାଇଥିଲେ। ପ୍ରାୟ ଚାରି ଘଣ୍ଟା ଧରି ଆକ୍ରମଣ କରିବା ପରେ ଅଭିଯୋଗକାରୀ ମିଳନ ଗୁରୁତର ଆଘାତ ଯୋଗୁଁ ଚେତାଶୂନ୍ୟ ହୋଇଗଲେ। ତାଙ୍କର ମୃତ୍ୟୁ ହୋଇଯାଇଥିବା ବିଶ୍ୱାସ କରି ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍ ଫୋନ୍ ପକେଟରେ ରଖି ବାଲିଅନ୍ତା ମେନ୍ ରୋଡ୍ ନିକଟରେ ଛାଡ଼ି ପଳାଇଗଲେ। ପରେ ମିଳନଙ୍କ ଚେତା ଫେରି ପାଇବା ପରେ ପିସିଆରକୁ ଫୋନ୍ କରିଥିଲେ। ପିସିଆର ଭ୍ୟାନ୍ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ।



ଭୁବନେଶ୍ୱର ରେଳ ଷ୍ଟେସନରେ ଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

# ୮ ଲକ୍ଷ ଠକେଇ; ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ପୁଞ୍ଜିନିବେଶ ଆଳରେ ସଫ୍ଟୱେର ଇଞ୍ଜିନିୟରଙ୍କ ଠାରୁ ୮ ଲକ୍ଷ ଠକେଇ ଘଟଣାରେ ଜଣେ ଯୁବକକୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଇନ୍‌ଫୋସିଟି ଥାନା କଳାରାହାଙ୍ଗରେ ରହୁଥିବା କୋରାପୁଟର ସ୍ୱସ୍ତିକ ନାୟକ (୨୭)। ପୁଲିସ କହିବା ଅନୁଯାୟୀ, ଅଭିଯୋଗକାରିଣୀ ପୂଣ୍ୟବତି ପଣ୍ଡା ବେଙ୍ଗାଲୁରୁରେ ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଅଭିଯୁକ୍ତ ତାଙ୍କୁ ପୁଞ୍ଜିନିବେଶ ଲାଗି ପ୍ରବର୍ତ୍ତାଇଥିଲେ। କମ୍ ଟଙ୍କା ନିବେଶ କଲେ ଅଧିକ ସୁଧ ମିଳିବ ବୋଲି କହିବାରୁ ପୂଣ୍ୟବତି ଫସିଯାଇଥିଲେ। ବିଭିନ୍ନ ଇ-କମର୍ସ ସଂସ୍ଥାରେ ୮ ଲକ୍ଷ ୩୨ହଜାର ଟଙ୍କା ପୁଞ୍ଜିନିବେଶ କରିଥିଲେ। କିନ୍ତୁ ନିବେଶ ଟଙ୍କାର ମୂଳ ଓ ସୁଧକୁ ଅଭିଯୁକ୍ତ ସ୍ୱସ୍ତିକ ଆତ୍ମସାତ୍ କରିଥିଲେ।

# ଖସିପଡ଼ିଥିବା ସୁନା ବ୍ୟାଗ୍ ଉଦ୍ଧାର କଲା ପୁଲିସ


**ଭୁବନେଶ୍ୱର (ପିପିଏସ୍):** ପୁଅର ବ୍ରତଘର ଲାଗି କିଣିଥିବା ସୁନା ଗହଣା ବ୍ୟାଗ ହଜି ଯାଇଥିଲା। ଯାହାକୁ ଉଦ୍ଧାର କରିଛି ପୁଲିସ। ଏହି ସୁନା ବ୍ୟାଗ ଧରି ତରବରିଆ ଭାବେ ପୁଅର ବ୍ରତଘର ଲାଗି ଗାଁକୁ ଅଟୋରେ ଯାଉଥିଲେ ମା'। କିନ୍ତୁ ଅଟୋରୁ ସୁନାଗହଣା ଭର୍ତ୍ତି ବ୍ୟାଗ୍ ଖସିପଡ଼ିବା ପରେ ମୁଣ୍ଡରେ ଯେମିତି ବଜ୍ର ପଡ଼ିଥିଲା। ମାତ୍ର ପୁଲିସ ସିସିଟିଭି ଯାଞ୍ଚ କରି ସୁନାଗହଣା ଭର୍ତ୍ତି ବ୍ୟାଗ୍‌କୁ ଠାବ କରିଥିଲା। ଏହି ବ୍ୟାଗ୍‌କୁ ଚୋରି କରି ନେଇଥିବା ଅଟୋ ଚାଳକଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଚାଳକ ପ୍ରକାଶ କୁମାର ସାହୁ। ତା' ଠାରୁ ୨୦୦ ଗ୍ରାମର ସୁନାଗହଣା, ନଗଦ ୪୪ହଜାର ୫୦୦ ଟଙ୍କା ଜବତ କରାଯାଇଛି। ପୁଲିସ କହିବା ଅନୁଯାୟୀ, ସୌଭାଗ୍ୟନଗରରେ ରହୁଥିବା ଝିଲ୍ଲୀ ଦାଶଙ୍କ ପୁଅର ବ୍ରତଘର ଲାଗି ସେ ବଡ଼ମ୍ବା ନରସିଂହପୁରସ୍ଥିତ ଗାଁକୁ ଯାଉଥିଲେ। ସୌଭାଗ୍ୟନଗରୁ ଏକ ଅଟୋରେ ସିଆର୍‌ପି ଛକ ପର୍ଯ୍ୟନ୍ତ ଯାଇଥିଲେ। ଅଟୋରୁ ଓହ୍ଲାଇବା ପରେ ଝିଲ୍ଲୀଙ୍କ ସବୁ ବ୍ୟାଗ୍ ଥିବା ବେଳେ ସୁନାଗହଣା ଭର୍ତ୍ତି ବ୍ୟାଗ୍ ନ ଥିଲା। ସେ ସମ୍ପୃକ୍ତ ଅଟୋ ଚାଳକକୁ ପଚରାଉଚରା ପରେ ବ୍ୟାଗ୍‌ର ସନ୍ଧାନ ମିଳି ନ ଥିଲା। ପୁଅର ବ୍ରତଘର ଲାଗି ସୁନାଗହଣା ହଜିଯିବାରୁ ପରେ ସବୁ ଖୁସିରେ ପାଣି ଫାଟି ଯାଇଥିଲା। ଝିଲ୍ଲୀଙ୍କ ଅକଲଗୁଡମ ହେବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଝିଲ୍ଲୀ ଯାଇଥିବା ଅଟୋ ଚାଳକଙ୍କୁ ପଚରାଉଚରା କରାଯାଇଥିଲା। ସୌଭାଗ୍ୟନଗର ଓ ଫାୟାର ଷ୍ଟେସନ ରାସ୍ତାରେ ଆଉ ଜଣେ ଅଟୋ ଚାଳକ ବ୍ୟାଗ୍‌କୁ ନେଇ ଯାଉଥିବା ସିସିଟିଭି ଯାଞ୍ଚରୁ ଜଣାପଡ଼ିଥିଲା। ସମ୍ପୃକ୍ତ ଅଟୋ ଚାଳକ ପ୍ରକାଶର ଘରେ ଚଢ଼ଉ କରି ସୁନାଗହଣା ଜବତ କରାଯାଇଥିଲା।

# ଏନ୍‌ସିବି ସ୍କାନର୍‌ରେ ନିଶା ବେପାରୀ, ଆନ୍ତଃରାଜ୍ୟ ଲିଙ୍କ୍



**ଭୁବନେଶ୍ୱର (ପିପିଏସ୍):** କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ଓ ବିଦେଶରେ ବି ରହିଛି ସ୍ଥାନୀୟ ନିଶା ମାଫିଆଙ୍କ ଲିଙ୍କ୍। ବର୍ଷ ବର୍ଷ ଧରି ନିଶା କାରବାର କରି ମୋଷ୍ଟୱାଣ୍ଟେଡ୍ ତାଲିକାରେ ନା ଲେଖାଇଥିବା ଏହି ମାଫିଆଙ୍କୁ ଧରିବାକୁ ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନଜର ରଖିଛି। ଓଡ଼ିଶାର ଏଭଳି ୨୨ଜଣ ନିଶା ମାଫିଆଙ୍କ ତାଲିକା ଏବେ ବିଭାଗର ପାଖରେ ରହିଛି। ଏପରିକି ଦିଲ୍ଲୀ, ମୁମ୍ବଇ ଓ ହାଇଦରାବାଦ ଶାଖା ଏନ୍‌ସିବି ସେମାନଙ୍କୁ ସ୍କାନରକୁ ନେଇଛି। ଏନ୍‌ସିବି ସ୍କାନରରେ ଥିବା ନିଶା ମାଫିଆଙ୍କ ସମସ୍ତ ତଥ୍ୟକୁ ଓଡ଼ିଶା ପୁଲିସ ସହ ସ୍ଥାନୀୟ ଥାନାକୁ ଅବଗତ କରାଯାଇଛି। ସେମାନଙ୍କ ନାମରେ ମୋଷ୍ଟୱାଣ୍ଟେଡ୍ ଲେଖି ଘର ସାମ୍ନାରେ ଲଟ୍‌କା ଝୁଲାଇବା ଲାଗି ସ୍ଥାନୀୟ ଥାନାଗୁଡିକୁ କୁହାଯାଇଥିବା ଜଣାପଡ଼ିଛି। ବିଶେଷକରି ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଗଞ୍ଜେଇ ଚୋରା ଚାଲାଣର ବିରାଟ ସାମ୍ରାଜ୍ୟ ଚଳାଉଥିବା ନିଶା ବେପାରୀ ଅନିଲ ପାଣ୍ଡି ମୋଷ୍ଟୱାଣ୍ଟେଡ୍ ତାଲିକାରେ ଆଗରେ ରହିଛି। ଏକାଧିକ ରାଜ୍ୟ ପୁଲିସ ମୋଷ୍ଟୱାଣ୍ଟେଡ୍ ରହିଥିବା ସେ ଏବେ ଏନ୍‌ସିବିର କଳାତାଲିକାକୁ ଆସିଛି। ପୂର୍ବରୁ ଅନିଲ ଓ ଭାଇ ସୁନୀଲ ମିଶି ଗଞ୍ଜେଇ ଚୋରା ଚାଲାଣର ମଙ୍ଗ ଧରିଥିଲେ। କେବଳ ମୁମ୍ବଇରେ ୧୧ଟି ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବା ବେଳେ ୨୦୨୨ରେ ସୁନୀଲକୁ ଏନ୍‌ସିବି ଧରିଥିଲା। କିନ୍ତୁ ସେ ଦୀର୍ଘ ୨ବର୍ଷ ହେବ ଫେରାର୍ ରହି ଆତ୍ମଗୋପନ କରି ନେଇଥିଲା। ଏବେ ପୁଣି ସେ ସକ୍ରିୟ ରହି ଓଡ଼ିଶାରୁ ମୁମ୍ବଇ ଗଞ୍ଜେଇ ଚାଲାଣର ମଙ୍ଗ ଧରିବା ସହ ସକ୍ରିୟ ହୋଇଛି। ତେଣୁ ଏନ୍‌ସିବି ଅନିଲ ସମେତ ଓଡ଼ିଶାର ଆଉ ୧୨ଜଣ ନିଶା ବେପାରୀଙ୍କୁ ମିଶାଇ ୧୩ଜଣଙ୍କ ଏକ ତାଲିକା ପ୍ରସ୍ତୁତ କରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ସେହିପରି ଓଡ଼ିଶାରୁ ଗଞ୍ଜେଇ, ବ୍ରାଉନସୁଗର ନେଇ ମାଟ୍ରୋସିଟିଗୁଡିକୁ ଚାଲାଣ କରୁଛନ୍ତି। ବିଶେଷକରି ମାଫିଆମାନେ ଓଡିଶାରୁ ଉତ୍ପାଦନ ହେଉଥିବା ଗଞ୍ଜେଇକୁ ଦିଲ୍ଲୀ, ମୁମ୍ବଇ, ହାଇଦ୍ରାବାଦ ଭଳି ମେଟ୍ରୋସିଟିକୁ ଚାଲାଣ କରୁଛନ୍ତି। ସେଠାରେ ଥିବା ଡ୍ୟାନ୍ସବାର, ପବ୍ ଓ କ୍ଲବଗୁଡିକରେ ରାତିମତ ଗଞ୍ଜେଇ ଯୋଗାଉଛନ୍ତି। ସେଠାରେ ଓଡ଼ିଶାର ଗଞ୍ଜେଇ ନିଶାରେ ସମସ୍ତେ ଝୁମୁଛନ୍ତି। ଅନୁରୂପ ଭାବେ ମୁମ୍ବାଇକୁ ଗଞ୍ଜେଇ ଚୋରାଚାଲଣ କରିବା ସହ ବଲିଉଡ୍ କଳାକାରଙ୍କ ଗଞ୍ଜେଇ ଯୋଗାଉଥିବା ଲିଙ୍କ୍ ମିଳୁଛି। ମୁମ୍ବାଇରେ ଓଡ଼ିଶାର ଗଞ୍ଜେଇ ମହକୁଥିବାରୁ ସେଠାରେ ଚାହିଦା ରହିଛି। ଓଡ଼ିଶାର ଗଞ୍ଜେଇକୁ ବଲିଉଡ୍ କଳାକାରମାନେ ସେବନ କରୁଥିବାର ପୂର୍ବରୁ ସ୍ପଷ୍ଟ ହୋଇଛି। ନିକଟ ଅତୀତରେ ଓଡ଼ିଶାର ୪ଜଣ ମୋଷ୍ଟୱାଣ୍ଟେଡ୍ ନିଶା ମାଫିଆଙ୍କୁ ଏନ୍‌ସିବି ଗିରଫ କରିଛି। ନିଲୁ ପ୍ରଧାନ, ଆଜାଦ୍ ପରଭେଜ୍, ସୁନୀଲ ପାଣ୍ଡିଙ୍କ ଭଳି ୪ଜଣଙ୍କୁ ବିଭିନ୍ନ ରାଜ୍ୟର ଏନ୍‌ସିବି ଶାଖା ଗିରଫ କରି ଜେଲ୍‌କୁ ପଠାଇ ଦେଇଛି। କିଛିଦିନ ତଳେ ନିଶା ମାଫିଆ ନିଲୁ ପ୍ରଧାନକୁ ଗଞ୍ଜାମରୁ ଉଠାଇ ନେଇଛି ମୁମ୍ବଇ ଏନ୍‌ସିବି। ସ୍ଥାନୀୟ କୋର୍ଟରେ ହାଜର କରି ଆନ୍ତରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ଲିଙ୍କ୍ ଖୋଜୁଛି। ପୂର୍ବରୁ ଆଜାଦ୍ ପରଭେଜକୁ ଗୌହାଟିରୁ ଏନ୍‌ସିବି କାବୁ କରିଥିବା ବେଳେ ସୁନୀଲକୁ ମୁମ୍ବଇ ଏନ୍‌ସିବି ଧରିଥିଲା। ସେମାନେ ଏବେ ବିଭିନ୍ନ ଜେଲ୍‌ରେ ରହିଛନ୍ତି।

# ଇ-ଶୌଚାଳୟରେ ତାଲା, ସମସ୍ୟାରେ ପଥଚାରୀ




**ଭୁବନେଶ୍ୱର (ପିପିଏସ୍):** ସାଧାରଣ ଲୋକଙ୍କ ଶୌଚ ପାଇଁ ଏହା ସତନ୍ତ୍ର ବ୍ୟବସ୍ଥା ନୁହେଁ ବରଂ ସହରର ପରିମଳ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିଲ ଇ-ଶୌଚାଳୟ। ପ୍ରାୟ ୪ ମାସ ହେବ ବନ୍ଦ ହୋଇ ରହିଛି ଆଚାର୍ଯ୍ୟବିହାର ବସ୍ ଷ୍ଟପ୍ ନିକଟରେ ରହିଥିବା ଇ-ଶୌଚାଳୟ। ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ଅଲଗା ଦୁଇଟି ଶୌଚାଳୟ ରହିଥିଲେ ବି ତାହା ଅଚଳ। ଫଳରେ ବସ୍‌ଷ୍ଟପରେ ବସକୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକମାନେ ଶୌଚ କରିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସହରକୁ ସ୍ୱଚ୍ଛ ପରିଷ୍କାର ରଖିବା ପାଇଁ ବିଭିନ୍ନ ସ୍ଥାନରେ ବିଏମ୍‌ସି ପକ୍ଷରୁ ଶୌଚାଳୟ ବ୍ୟବସ୍ଥା ରହିଛି। ସୂଚନା ଅନୁସାରେ, ଭୁବନେଶ୍ୱରରେ ବର୍ତ୍ତମାନ ୭୫ଟି ଗୋଷ୍ଠୀ ଶୌଚାଳୟ, ୯୯ଟି ସାମୁହିକ ଶୌଚାଳୟ, ୪୨ ଟି ଇ-ଶୌଚାଳୟ ଏବଂ ୧୦ ଟି ବାୟୋ-ଶୌଚାଳୟ ରହିଥିବା ବେଳେ ନିକଟରେ ଏହାର ସଂଖ୍ୟା ବୃଦ୍ଧି କରାଯାଇଥିଲା। ବିଶେଷ କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଜନଗହଳି ଆଦି ପ୍ରମୁଖ ସ୍ଥାନରେ ଅତ୍ୟାଧୁନିକ ଭାବେ ଇ-ଶୌଚାଳୟ ନିର୍ମାଣ କରାଯାଇଛି। ତେବେ ରାଜଧାନୀର ସବୁଠାରୁ ଜନଗହଳି ସ୍ଥାନ ଭାବେ ପରିଚିତ ଆଚାର୍ଯ୍ୟ ବିହାର ଛକରେ ରହିଛି ଅକାମୀ ଶୌଚାଳୟ। ଏଠାରେ ପାଣି ସୁବିଧା ଅଛି କି ନାହିଁ, ଶୌଚାଳୟ କାମ କରୁଛି କି ନାହିଁ ତାହା ଅସ୍ପଷ୍ଟ। କାରଣ ଏହା ଦୀର୍ଘ ଦିନ ହେବ ବନ୍ଦ୍ ହୋଇ ପଡ଼ିଛି। ଏଠାରେ ପ୍ରତିଦିନ ବହୁ ସଂଖ୍ୟାରେ ଯାତ୍ରୀମାନେ ବାହାଣୀବିହାର, ରସୁଲଗଡ଼, ଭିଏସଏସ୍‌ନଗର, କଟକ ଆଦି ସ୍ଥାନକୁ ଯିବାକୁ ଅଟୋ, କିମ୍ବା ବସ୍‌କୁ ଅପେକ୍ଷା କରିଥାନ୍ତି। ଯଦି କେହି ଶୌଳାଚୟର ବ୍ୟବହାର କରିବାକୁ ଚାହିଁବେ ତେବେ ଏଠାକୁ ଯାଇ ନିରାଶ ହେଉଥିବା ଯାତ୍ରୀମାନେ କହିଛନ୍ତି। କାରଣ ଶୌଚାଳୟ ବାହାରୁଚ ଚକାଚକ୍ ଦିଶୁଥିବା ବେଳେ ତାହା ଖୋଲୁନାହିଁ। ଯଦି ଲୋକଙ୍କ ସୁବିଧା ପାଇଁ ଏହା ନିର୍ମାଣ ହୋଇଥିଲା ତେବେ କାହିଁକି ତାଲା ପାକଯାଇଛି ଏବଂ ଯଦି ଏହା ଅଚଳ ତେବେ କାହିଁକି ମରାମତି କରାଯାଉନାହିଁ ବୋଲି ଯାତ୍ରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ ଲୋକମାନେ ବାଧହୋଇ ରାସ୍ତା କଡ଼ରେ ଶୌଚ କରୁଛନ୍ତି। ଏହାଦ୍ୱାରା ଦୁର୍ଗନ୍ଧ ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟବୟରେ ନିର୍ମାଣ ହୋଇଥିବା ଏହି ଅତ୍ୟାଧୁନିକ ଶୌଚାଳୟକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ସାଧାରଣରେ ଦାବୀ ହୋଇଛି।

# ପାକିସ୍ତାନ ଆର୍ମି ରଚିଥିଲା ପହଲଗାମ ହମ୍‌ଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣର ଷଡଯନ୍ତ୍ର ରଚିଥିଲେ ପାକିସ୍ତାନ ଆର୍ମି, ପାକାସ୍ତାନ ଗୁଇନ୍ଦା ସଂସ୍ଥା ଓଝଓ ଓ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବା । ବରିଷ୍ଠ ଓଝଓ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଲସ୍କର-ଏ-ତଇବା ହେଡକ୍ୱାର୍ଟରରେ ଏହି ନରସଂହାରର ପ୍ଲାନିଂ ହୋଇଥିଲା । ପାକିସ୍ତାନୀ ନାଗରିକ ହାସିମ୍ ମୂଷା ଓ ଆଲି ଭାଇ ପାଖକୁ ପାକିସ୍ତାନ ହାଣ୍ଡେଲରରୁ ଆସୁଥିଲା ନିର୍ଦ୍ଦେଶ । ପହଲଗାମ ଆତଙ୍କୀ ଆକ୍ରମଣରେ ପାକିସ୍ତାନ ଲିଙ୍କ୍ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଘଓଇ) ହାତରେ ଲାଗିଛି ଠୋସ୍ ପ୍ରମାଣ । ଆକ୍ରମଣର ସପ୍ତାହେ ପୂର୍ବରୁ ଦୁଇ ଆତଙ୍କୀ ହାସିମ ମୂଷା ଓ ଆଲି ଭାଇ, ସେମାନଙ୍କ ସହଯୋଗୀଙ୍କୁ ଧରି ଭାରତର ସୀମା ଭିତରେ ପଶିଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଥିଲେ । ପହଲଗାମ ଆକ୍ରମଣର ଘଟଣାସ୍ଥଳରୁ ମିଳିଥିବା ୪୦ଟି ଗୁଳି ଖୋକାର ବାଲଷ୍ଟିକ ଓ କେମିକାଲ



ଆନାଲିସିସ ପାଇଁ ପଠାଯାଇଛି । ତଦନ୍ତକାରୀ ସଂସ୍ଥା ସମସ୍ତ ମୋବାଇଲ ଟାୱାରରୁ ଡାଟା ସଂଗ୍ରହ କରିଛି । ବୈସରନ ଘାଟିରେ ୩ଟି ସାଟେଲାଇଟ ଫୋନ କାମ କରୁଥିଲା । ସେଥିରୁ ୨ଟି ସାଟେଲାଇଟ ସିଗନାଲ ବ୍ୟବହାର ହୋଇଥିବା ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି ।

ଆକ୍ରମଣ ଘଟଣାରେ ତଦନ୍ତକାରୀ ସଂସ୍ଥା ଏପର୍ଯ୍ୟନ୍ତ ୨୮୦୦ ଜଣଙ୍କୁ ପଚରାଉଚରା କରିସାରିଛି । ଜମାତ-ଇ-ଇସାଲାମି, ହୁରିୟାତ କନଫରେନ୍ସ ଭଳି ଭାରତରୁ ବ୍ୟାନ ହୋଇଥିବା ସଂଗଠନ ସହ ସମ୍ପୃକ୍ତ ଥିବା ୧୫୦ ଜଣଙ୍କୁ ଅଟକ ରଖାଯାଇଛି । ସେତିକି ନୁହେଁ କାଶ୍ମୀରର କୁପୱାରା, ଅନନ୍ତନାଗ, ବାରମୁଲା ଭଳି ଜିଲ୍ଲାଗୁଡିକର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି । ଆହତ, ମୃତକଙ୍କ ପରିବାର, ସ୍ଥାନୀୟ ଅଞ୍ଚଳର ଦୋକାନୀ, ପୋନି ଅପରେଟରଙ୍କୁ ମଧ୍ୟ ପଚରାଉଚରା କରିଛି ଏନଆଇଏ । ପହଲଗାମ ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜର ମଧ୍ୟ ତଦନ୍ତ ଜାରି ରଖିଛି ଏନଆଇଏ । ଯେଉଁଥିରେ ଆତଙ୍କୀ ସେହି ଅଞ୍ଚଳରେ ବୁଲାବୁଲି କରୁଥିବାର ଦେଖିବାକୁ ପାଇଛି । ୨୦୨୪ ସୋନମାର୍ଗ ଆତଙ୍କୀ ଆକ୍ରମଣ ସହ ପହଲଗାମ ଆକ୍ରମଣର ଲିଙ୍କ ରହିଥିବା ଏନଆଇଏ ଜାଣିପାରିଛି । ହାସିମ ମୂଷା ହିଁ ଏହି ଦୁଇ ଘଟଣାରେ ସାମିଲ ରହିଛି । ତେବେ ଆତଙ୍କୀ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପହଲଗାମକୁ ବାଛିଥିଲେ । ଘଟଣା ଘଟାଇବାର ଦୁଇ ଦିନ ପୂର୍ବରୁ ସ୍ଥାନୀୟ ୪ ସହଯୋଗୀଙ୍କୁ ହାସିମ ମୂଷା ଓ ଆଦିଲ ଅଲି ଥୋକର୍ ରେକି କରିଥିଲେ ଏବଂ ସେଥିରେ ସଫଳ ହୋଇଥିଲେ ।

## ପିଓକେରେ ଯୁଦ୍ଧ ଆଶଙ୍କାରେ ଜରୁରୀକାଳୀନ ପରିସ୍ଥିତି


ପାଣାଜୀ : ଧାର୍ମିକ ଯାତ୍ରାରେ ବଡ଼ ଅଘଟଣ । ଗୋଆର ଶ୍ରୀଗାଓଁରେ ଶ୍ରୀଲୈରାଇ ଯାତ୍ରା ବେଳେ ଦଳାଚକଟାରେ ୬ ଜଣଙ୍କର ମୃତ୍ୟୁ ହୋଇଛି । ୫୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି । ଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ । ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ । ଦଳଚକଟା କେଉଁ ପରିସ୍ଥିତିରେ ହେଲା ତାହା ଜଣା ପଡିନାହିଁ । ଅଘଟଣକୁ ନେଇ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଶୋକବ୍ୟକ୍ତ କରିଛନ୍ତି । ଉତ୍ତର ଗୋଆ ଏସପି ଅକ୍ଷତ କୌଶଲ କହିଛନ୍ତି, ଶ୍ରୀଗାଓଁରେ ଶ୍ରୀଲୈରାଇ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଏହି ସମୟରେ ଦଳଚକଟା ହୋଇ ୬ ଜଣଙ୍କର ମୃତ୍ୟୁ ହୋଇଛି । କେଉଁ କାରଣରୁ ଅଘଟଣ ଘଟିଲା ସେ ନେଇ କିଛି ଜଣାପଡିନାହିଁ । ପ୍ରତିବର୍ଷ ପାରମ୍ପରିକ ଶ୍ରୀଲୈରାଇ ଯାତ୍ରା ହୋଇଥାଏ । ହଜାର ହଜାର ଶ୍ରଦ୍ଧାଳୁ ଏକାଠୀ ହୋଇଥାନ୍ତି । ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅଧିକ ଭିଡ ହେବାରୁ ଦଳାଚକଟା ହୋଇଥିବା ଅନୁମାନ କରାଯାଉଛି ।'' ଆଗାମୀ ୩ ଦିନ ପାଇଁ ସମସ୍ତ ସରକାରୀ କାର୍ଯ୍ୟକ୍ରମ ରଦ୍ଦ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଅଘଟଣ ଖବର ମିଳିବା ମାତ୍ରେ ଆହତଙ୍କୁ ହସ୍ପିଟାଲରେ ଭେଟିଥିଲେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ । ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖମନ୍ତ୍ରୀ । ସେ କହିଛନ୍ତି, ଦୁର୍ଭାଗ୍ୟବଶତଃ ଅଘଟଣ ହୋଇଛି । ୬ ଜଣଙ୍କର ମୃତ୍ୟୁ ହୋଇଛି । ୫୦ରୁ ଅଧିକ ଆହତ ହୋଇଛନ୍ତି । ସମସ୍ତଙ୍କୁ କିପରି ଉନ୍ନତ ଚିକିତ୍ସା ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ପୂର୍ବରୁ ଏପରି ଅଘଟଣ କେବେ ହୋଇନାହିଁ । ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା । ହେଲେ ଦୁର୍ଘଟଣା ଘଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ଫୋନ୍ କରି ଘଟଣା ବାବଦରେ ଅବଗତ ହୋଇଥିଲେ । ସବୁ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ବାଂଲାଦେଶୀଙ୍କୁ ଭାରତକୁ ଆଣୁଥିବା ରାକେଟର ମୁଖ୍ୟ ଗିରଫ

ନୂଆଦିଲ୍ଲୀ: ଦେଶବ୍ୟାପୀ ବେଆଇନ ଭାବରେ ରହୁଥିବା ବାଂଲାଦେଶୀମାନଙ୍କ ବିରୁଦ୍ଧରେ ନିରନ୍ତର ଅଭିଯାନ ଚାଲିଛି । ଏହି କ୍ରମରେ, ଦିଲ୍ଲୀ ପୁଲିସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦିଲ୍ଲୀ ପୁଲିସ ବାଂଲାଦେଶୀମାନଙ୍କୁ ବେଆଇନ ଭାବରେ ଭାରତରେ ପ୍ରବେଶ କରିବାରେ ସାହାଯ୍ୟ କରୁଥିବା ରାକେଟର ମାଷ୍ଟରମାଇଣ୍ଡକୁ ଗିରଫ କରିଛି । ଏହା ବ୍ୟତୀତ ୪୭ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ମଧ୍ୟ ଧରାଯାଇଛି । ବର୍ତ୍ତମାନ ପୁଲିସ ଏହି ବ୍ୟକ୍ତିଙ୍କୁ ପଚରାଉଚରା କରୁଛି । ମାମଲାର ତଦନ୍ତ ଚାଲିଛି । ସମାନ କ୍ରମରେ, ଆଜମେର ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ ଜଣ ବାଂଲାଦେଶୀଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଦକ୍ଷିଣ ପୂର୍ବ ଜିଲ୍ଲାର ପୋଲିସ ଅବୈଧ ବାଂଲାଦେଶୀମାନଙ୍କ ଅନୁପ୍ରବେଶ ପଛର ମାଷ୍ଟରମାଇଣ୍ଡକୁ ଗିରଫ କରିଛି । ତା ନାଁ ଚାନ୍ଦ ମିଆଁ । ଏହି ମାଷ୍ଟରମାଇଣ୍ଡ ସହିତ, ପୋଲିସ ୪୭ ବାଂଲାଦେଶୀ ଓ ଚାନ୍ଦ ମିଆଁର ୪ସହଯୋଗୀଙ୍କୁ ମଧ୍ୟ ଗିରଫ କରିଛି । ଚାନ୍ଦ ମିଆଁ ୧୦ବର୍ଷରୁ ଅଧିକ ସମୟ ଧରି ବାଂଲାଦେଶୀମାନଙ୍କୁ ଭାରତରେ ପ୍ରବେଶ କରାଇବା କାର୍ଯ୍ୟରେ ଜଡିତ ଥିଲା । ସେ ଟଙ୍କା ନେଇ ବାଂଲାଦେଶରୁ ଲୋକଙ୍କୁ ଭାରତକୁ ଆଣୁଥିଲା ଓ ବସବାସ କରାଉଥିଲା । ବର୍ତ୍ତମାନ ପୁଲିସ ମାଷ୍ଟରମାଇଣ୍ଡକୁ ପଚରାଉଚରା କରୁଛି । ଏହା ସହିତ, ଏହା ମଧ୍ୟ ତଦନ୍ତ କରାଯାଉଛି ଯେ ଏହା ଏପର୍ଯ୍ୟନ୍ତ କେତେ ବାଂଲାଦେଶୀଙ୍କୁ ଭାରତରେ ପ୍ରବେଶ କରିବାରେ ସାହାଯ୍ୟ କରିଛି ।

# ସିନ୍ଧୁନଦୀ ଉପରେ ବନ୍ଧ ନିର୍ମାଣ କଲେ ଆକ୍ରମଣ କରିବୁ: ପାକିସ୍ତାନ

ଇସଲାମାବାଦ୍: ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏକ ସଦ୍ୟ ଟିଭି ସାକ୍ଷାତକାରରେ ପୁଣି ଥରେ ଭାରତକୁ ଏକ ଫମ୍ପା ଧମକ ଦେଇଛନ୍ତି । ଆସିଫ କହିଛନ୍ତି, ଯଦି ଭାରତ ସିନ୍ଧୁ ନଦୀ ଉପରେ କୌଣସି ବନ୍ଧ ନିର୍ମାଣ କରେ, ତେବେ ପାକିସ୍ତାନ ଆକ୍ରମଣ କରିବ । ଆକ୍ରମଣ କେବଳ ଗୁଳି ମାଧ୍ୟମରେ କରାଯାଏ ନାହିଁ, ପାଣି ବନ୍ଦ କରିବା ମଧ୍ୟ ଏକ ଆକ୍ରମଣ । ଆସିଫଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ପହଲଗାମ ଆକ୍ରମଣ ପରେ ଭାରତ ପାକିସ୍ତାନକୁ କାଠଗଡାରେ ଛିଡ଼ା କରିଛି ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଯାଇଛି । ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ଓଡଞ (ସିନ୍ଧୁ ଜଳ ଚୁକ୍ତିନାମା)କୁ ଏପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ସଫଳ ଜଳ ଚୁକ୍ତିନାମା ଭାବରେ ବିବେଚନା କରାଯାଏ ।



ଏହି ଚୁକ୍ତି ଅନୁଯାୟୀ, ଭାରତକୁ ପୂର୍ବ ନଦୀଗୁଡ଼ିକ (ରାଭି, ବ୍ୟାସ, ସତଲୁଜ) ଉପରେ ନିୟନ୍ତ୍ରଣ ଦିଆଯାଇଥିଲା ଏବଂ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ, ଚେନାବ) ଉପରେ ଅଧିକ ଅଧିକାର ମିଳିଥିଲା । କିଛି ସର୍ତ୍ତ ଅନୁଯାୟୀ, ପଶ୍ଚିମ ନଦୀଗୁଡ଼ିକରେ ବିଦ୍ୟୁତ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିବା ପାଇଁ ଭାରତକୁ ସୀମିତ ଅନୁମତି ମିଳିଛି । ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିବା କିମ୍ବା ଏକପାଖିଆ ଭାବରେ ବାତିଲ କରିବାର ସମ୍ଭାବନା ପ୍ରତି ପାକିସ୍ତାନର ପ୍ରତିକ୍ରିୟା କଠୋର ଏବଂ ଆକ୍ରମଣାତ୍ମକ ରହିଛି । ୨୨ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଆଇଡବ୍ଲୁଟି ବାତିଲ କରିବା ବ୍ୟତୀତ, ଭାରତ ପାକିସ୍ତାନୀ ନାଗରିକଙ୍କ ଭିଜା ବାତିଲ କରିଦେଇଥିଲା ଏବଂ ୱାଘା-ଅଟାରୀ ସୀମାକୁ ବନ୍ଦ କରିଦେଇଥିଲା । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଭାରତକୁ ଅନ୍ତର୍ଜାତୀୟ ମଞ୍ଚରେ ସେପରି ସମର୍ଥନ ମିଳୁନାହିଁ ଯାହା ସେ ଆଶା କରୁଥିଲା । ଭାରତର ଅଭିଯୋଗକୁ ଅନ୍ତର୍ଜାତୀୟ ସମୁଦାୟ ପ୍ରତ୍ୟାଖ୍ୟାନ କରିଛନ୍ତି । ମୋଦି ସରକାରଙ୍କ ପାଖରେ ନିଜର ଦାବିକୁ ପ୍ରମାଣ କରିବା ପାଇଁ କୌଣସି ପ୍ରମାଣ ନାହିଁ । ଖ୍ୱାଜା ଆସିଫ ପୂର୍ବରୁ ମଧ୍ୟ କହିଥିଲେ, ଭାରତ ପାଣିକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି, କିନ୍ତୁ ଆମେ ଭାରତ ସହିତ ଯୁଦ୍ଧ ଆରମ୍ଭ କରିବାକୁ ଚାହୁଁନାହୁଁ । ଯଦି ଯୁଦ୍ଧ ପରିସ୍ଥିତି ଉପୁଜେ ତେବେ ପାକିସ୍ତାନ ମଧ୍ୟ ଏହାର ଜବାବ ଦେବ । ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ପାକିସ୍ତାନ ବିଶ୍ୱ ବ୍ୟାଙ୍କ ସହିତ ଯୋଗାଯୋଗ କରିବ ।

## ଜଣେ ଦୁଷ୍କର୍ମ କରିଥିଲେ ବି ଅନ୍ୟ ସମ୍ପୃକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ

ନୂଆଦିଲ୍ଲୀ : ଗଣଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । କେବଳ ଜଣେ ବ୍ୟକ୍ତି ଦୁଷ୍କର୍ମ କରିଥିଲେ ବି ସମ୍ପୃକ୍ତ ଘଟଣାରେ ସାମିଲ ସମସ୍ତଙ୍କୁ ଏଥିପାଇଁ ଦୋଷୀ ସାବ୍ୟସ୍ତ କରାଯାଇପାରିବ । ସରଳ ଭାଷାରେ ବୁଝିବାକୁ ଗଲେ, ଗଣଦୁଷ୍କର୍ମ ମାମଲାରେ ଯଦି ଏକାଧିକ ବ୍ୟକ୍ତି ଅପରାଧରେ ସାମିଲ ଥାନ୍ତି, ତେବେ ପ୍ରତ୍ୟେକ ବ୍ୟକ୍ତି ଦୁଷ୍କର୍ମ କରିଥିବା ପ୍ରମାଣ କରିବା ଆବଶ୍ୟକ ନୁହେଁ । ବିଚାରପତି ସଞ୍ଜୟ କାରୋଲ ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ମେ ୧ ତାରିଖରେ ଏହି ରାୟ ଶୁଣାଇଥିଲେ । ଆଇପିସିର ଧାରା ୩୭୬(୨)(ଜି) ଅନୁଯାୟୀ, ଗଣଦୁଷ୍କର୍ମ ମାମଲାରେ, ଯଦି ସମସ୍ତେ ଦୁଷ୍କର୍ମ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟ କରିଥାନ୍ତି, ତେବେ



ଜଣେ ଅଭିଯୁକ୍ତ ଦ୍ୱାରା କରାଯାଇଥିବା କାର୍ଯ୍ୟ ସମସ୍ତଙ୍କୁ ଦଣ୍ଡ ଦେବା ପାଇଁ ଯଥେଷ୍ଟ । କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଦୁଷ୍କର୍ମ କାର୍ଯ୍ୟ ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ । କହିରଖୁ କି, ୨୦୦୪ ମସିହାରେ ମଧ୍ୟପ୍ରଦେଶରେ ଜଣେ ମହିଳାଙ୍କ ଅପହରଣ ଏବଂ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ୍ୟ ହେବା ସମୟରେ ଏହି ମନ୍ତବ୍ୟ ଦିଆଯାଇଥିଲା । ପୀଡ଼ିତା ତାଙ୍କ ବୟାନରେ କହିଛନ୍ତି ଯେ, ଜଲନ୍ଧର କୋଲ ଏବଂ ରାଜୁ ନାମକ ୨ ଜଣ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ କରିଥିଲେ । ଟ୍ରାଏଲ୍ କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୁଷ୍କର୍ମ, ଅପହରଣ ଏବଂ ଅବୈଧ ବନ୍ଦି କରି ରଖିବା ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ । ରାଜୁଙ୍କୁ ଆଜୀବନ କାରାଦଣ୍ଡ ଏବଂ ଜଲନ୍ଧର କୋଲଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା । ହାଇକୋର୍ଟ ଟ୍ରାଏଲ୍ କୋର୍ଟର ନିଷ୍ପତ୍ତିକୁ ବଜାୟ ରଖିଲେ, ଯାହା ପରେ ରାଜୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ।

## ପହଲଗାମ ଘଟଣାର ଆକ୍ରମଣକାରୀଙ୍କୁ ଧରିବାକୁ ଶ୍ରୀଲଙ୍କାରେ ତଲାସୀ

ନୂଆଦିଲ୍ଲୀ: ପହଲଗାମ ଆତଙ୍କୀ ଆକ୍ରମଣରେ ସାମିଲ ଥିବା ୬ ଜଣ ସନ୍ଦିଗ୍ଧ ଲୋକ ଶ୍ରୀଲଙ୍କାନ ଏୟାରଲାଇନ୍ସର ଏକ ବିମାନରେ ଯାତ୍ରା କରୁଥିବା ନେଇ ଖବର ମିଳିବା ପରେ କଲମ୍ବୋ ଏୟାର ପୋର୍ଟରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଉକ୍ତ ବିମାନର କଡା ଯାଞ୍ଚ କରାଯାଇଛି । ମିଳିଥିବା ସୂଚନା ମୁତାବକ, ଉକ୍ତ ବିମାନରେ ଲସ୍କର-ଏ-ତୋଇବାର କେତେକ ଆତଙ୍କୀ ଲୁଚି ରହିଥିବା ନେଇ ସୂଚନା ମିଳିଥିଲା । ତେଣୁ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଥିଲା ବୋଲି ଆଧିକାରିକ ସ୍ତରରୁ ସୂଚନା ମିଳିଛି । ସୂଚନା ମୁତାବକ, ଚେନ୍ନାଇରୁ ଶ୍ରୀଲଙ୍କା ଯାଉଥିବା ଯାତ୍ରୀବାହି ବିମାନ ଟଖ୧୨୨ଟି କଲମ୍ବୋର ବନ୍ଦାରନାଏକ ଆନ୍ତର୍ଜତିୟ ବିମାନ ବନ୍ଦରରେ ସକାଳ ୧୧.୫୯ ସୁଦ୍ଧା ଅବତରଣ କରିଥିଲା । ତେବେ ବିମାନଟି ଅବତରଣ କରିବା ପୂର୍ବରୁ ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କୁ ବିମାନରେ ପହଲଗାମ ଆକ୍ରମଣକାରୀମାନେ ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା । ଆଉ ଏହାପରେ ବିମାନବନ୍ଦର ସୁରକ୍ଷା କର୍ମୀ, ଶ୍ରୀଲଙ୍କା ପୋଲିସ ଓ ଶ୍ରୀଲଙ୍କା ବାୟୁସେନା ମିଳିତ ଭାବେ ଏକ ଜଏଣ୍ଟ ଅପରେସନ ଆରମ୍ଭ କରିଥିଲେ । ଏନେଇ ଶ୍ରୀଲଙ୍କା ଏୟାରଲାଇନ୍ସ କର୍ତ୍ତୃପକ୍ଷ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ "ଆମକୁ ସ୍ଥାନୀୟ ଚେନ୍ନାଇ ଏରିଆ କଣ୍ଟ୍ରୋଲ ସେଣ୍ଟର ନିକଟରୁ ଏକ ସୂଚନା ମିଳିଥିଲା । ଯେଉଁଥିରେ କେତେକ ସନ୍ଦିଗ୍ଧ ଲୋକ ଏହି ବିମାନରେ ଯାତ୍ରା କରୁଥିବା ନେଇ ସୂଚନା ରହିଥିଲା ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓମାର୍

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ, ଜମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ବୈଠକ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଥିଲା ଏବଂ ଏହି ବୈଠକ ପ୍ରାୟ ଅଧ ଘଣ୍ଟା ଧରି ଚାଲିଥିଲା । ସୂତ୍ର ଅନୁଯାୟୀ, ଆକ୍ରମଣ ପରେ ସୃଷ୍ଟି ହେଉଥିବା ପରିସ୍ଥିତି ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ସୂତ୍ର ଅନୁସାରେ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବା ଏବଂ ଏହାର ପ୍ରଭାବ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି, ଯାହା ଜମ୍ମୁ ଏବଂ କାଶ୍ମୀର ଉପରେ ସର୍ବାଧିକ ପ୍ରଭାବ ପକାଇବ । ଏହି



ଆତଙ୍କବାଦୀ ଆକ୍ରମଣ ପରେ ଓମର ଅବଦୁଲ୍ଲା ଏକ ଦୃଢ଼ ବାର୍ତ୍ତା ଦେଇ କହିଥିଲେ ଯେ ତାଙ୍କର ରାଜନୀତି ଏତେ ନିମ୍ନ ସ୍ତରରେ ନାହିଁ ଯେ ସେ ଏହି ଦୁଃଖଦ ସମୟରେ ନିଜ ସରକାରଠାରୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରିପାରିବେ ।

## ତୁର୍କୀ ଏବଂ ଇସ୍ରାଏଲ ଯୁଦ୍ଧବିମାନ ମୁହାଁମୁହିଁ



ଡାମାସ୍କସ୍: ସିରିଆରେ ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ପୁଣି ଥରେ ଉତ୍ତେଜନା ଦେଖାଦେଇଛି । ଶନିବାର ସନ୍ଧ୍ୟାରେ ସିରିଆରେ ଇସ୍ରାଏଲୀ ବିମାନ ଆକ୍ରମଣ ପରେ ତୁର୍କୀ ଏବଂ ଇସ୍ରାଏଲୀ ଲଢୁଆ ବିମାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଯାଇଛି । ସିରିଆରେ ଉଭୟ ଦେଶର ଯୁଦ୍ଧ ବିମାନ ମୁହାଁମୁହିଁ ହୋଇଥିଲେ କିନ୍ତୁ ଆଶ୍ୱସ୍ତିର କଥା ହେଉଛି ଯେ, ଏହି ସମୟ ମଧ୍ୟରେ କୌଣସି ସିଧାସଳଖ ସଂଘର୍ଷ ହୋଇନାହିଁ । ଇସ୍ରାଏଲ ଗତ କିଛି ଦିନ ମଧ୍ୟରେ ସିରିଆର ଅନେକ ସ୍ଥାନରେ ଆକ୍ରମଣ କରିଛି । ତୁର୍କୀ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି । ଶନିବାରର ଘଟଣା ବିଶେଷ ଭାବରେ ଆଞ୍ଚଳିକ ଉତ୍ତେଜନାକୁ ବୃଦ୍ଧି କରିଛି । ଏହା ଏପରି ଏକ ସମୟରେ ଘଟିଛି ଯେତେବେଳେ ଉଭୟ ଦେଶ ସିରିଆରେ ସେମାନଙ୍କର ପ୍ରଭାବ ବୃଦ୍ଧି କରିବାକୁ ଚାହୁଁଛନ୍ତି ।

ଗତ ବର୍ଷ ସିରିଆରେ ବଶର ଅଲ-ଆସଦ ସରକାରଙ୍କ ପତନ ପରେ, ଉଭୟ ଦେଶ ସେମାନଙ୍କର ସ୍ଥିତି ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି ।ଗ୍ରୀକ୍ ସିଟି ଟାଇମ୍ସ ଅନୁଯାୟୀ, ଇସ୍ରାଏଲୀ ବାୟୁସେନା ସିରିଆର ଅନେକ ସାମରିକ ଘାଟି ଉପରେ ବୋମା ମାଡ଼ କରିଛି । ଏହି ଆକ୍ରମଣଗୁଡ଼ିକ ଡାମାସ୍କସ୍ ଏବଂ ହାମା ଅଞ୍ଚଳ ନିକଟରେ କରାଯାଇଥିଲା । ଏହି ସମୟରେ, ତୁର୍କୀ ବିମାନଗୁଡ଼ିକ ଇସ୍ରାଏଲୀ ବିମାନର ନିକଟତର ହୋଇଗଲା । ଯଦିଓ ଉଭୟଙ୍କ ମଧ୍ୟରେ କୌଣସି ସିଧାସଳଖ ଯୁଦ୍ଧ ହୋଇନାହିଁ, ତଥାପି ଏହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଛି । ଏହାଯୋଗୁ ଏହି ଅଞ୍ଚଳରେ ଏକ ନୂତନ ଯୁଦ୍ଧର ଆଶଙ୍କା ମଧ୍ୟ ବୃଦ୍ଧି ହୋଇଛି । ଇସ୍ରାଏଲ କହିଛି ଯେ, ସିରିଆରେ ଆମର ଆକ୍ରମଣର ଲକ୍ଷ୍ୟ ହେଉଛି ବଶର ଶାସନର ସାମରିକ ସମ୍ପତ୍ତିକୁ ଆତଙ୍କବାଦୀ ଗୋଷ୍ଠୀଙ୍କ ହାତରେ ପଡ଼ିବାରୁ ରୋକିବା । ବଶର ଅଲ-ଆସଦଙ୍କୁ କ୍ଷମତାରୁ ବାହାର କରିବା ପରଠାରୁ ଇସ୍ରାଏଲ ସିରିଆରେ ଘନଘନ ଆକ୍ରମଣ କରିଆସୁଛି । ତୁର୍କୀ ଏହି ଆକ୍ରମଣଗୁଡ଼ିକୁ କଡ଼ା ସମାଲୋଚନା କରିଛି । ତୁର୍କୀ ପକ୍ଷରୁ ସିରିଆର ନୂତନ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସମର୍ଥନ କରାଯାଉଛି । ତୁର୍କୀ ଡାମାସ୍କସ୍ ସହିତ ଏକ ପ୍ରତିରକ୍ଷା ଚୁକ୍ତି କରିବାକୁ ଚେଷ୍ଟା କରୁଛି । ତୁର୍କୀ ଅଧିକାରୀମାନେ କହିଛନ୍ତି ଯେ, ସିରିଆର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ସହିତ ଏକ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ, ତୁର୍କୀ ସିରିଆର ବିମାନ ଘାଟି ଟି-୪ ଏବଂ ହାମାରେ ନିଜର ସୈନ୍ୟ ଏବଂ ବାୟୁ ପ୍ରତିରକ୍ଷା ମୁତୟନ କରିପାରିବ ।

## ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ମିଳିବ ନେଗେଟିଭ୍ ପଏଣ୍ଟ୍

ନୂଆଦିଲ୍ଲୀ: ସଡ଼କ ପରିବହନ ମନ୍ତ୍ରଣାଳୟ ଏକ ନୂତନ ଯୋଜନା ଆଣିବାକୁ ଯାଉଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଭୁଲ ଗାଡି ଚାଳନା ଉପରେ ରୋକ ଲଗାଇବା । ମନ୍ତ୍ରଣାଳୟ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଉପରେ ନେଗେଟିଭ୍ ପଏଣ୍ଟ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ଚିନ୍ତା କରୁଛନ୍ତି । ଯଦି କେହି ସିଗନାଲ କ୍ରସ୍ କରିବେ କିମ୍ବା ଦ୍ରୁତ ଗତିରେ ଗାଡ଼ି ଚଳାଇବେ, ତେବେ ତାଙ୍କ ଡିଏଲରେ ନେଗେଟିଭ୍ ପଏଣ୍ଟ୍ ଯୋଡାଯିବ । ଯେତେବେଳେ ଏହି ପଏଣ୍ଟ୍ ?ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରନ୍ତି, ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ । ସୂଚନା ଅନୁଯାୟୀ, ସରକାର ଡ୍ରାଇଭିଂ ଲାଇସେନ୍ସ ନିୟମ ପରିବର୍ତ୍ତନ କରି ଏକ ନୂତନ ବ୍ୟବସ୍ଥା ଆଣିବାକୁ ବିଚାର କରୁଛନ୍ତି । ଏହି ସିଷ୍ଟମରେ, ଭୁଲ ଗାଡି ଚାଳନା ଦ୍ୱାରା ଲାଇସେନ୍ସରେ ନେଗେଟିଭ୍ ପଏଣ୍ଟ୍ ମିଳିବ । ଏପରି ଏକ ବ୍ୟବସ୍ଥା ପୂର୍ବରୁ ଅନେକ ଦେଶରେ ରହିଛି । ଏହି ସିଷ୍ଟମ ଅଷ୍ଟ୍ରେଲିଆ, ୟୁକେ, ଜର୍ମାନୀ, ବ୍ରାଜିଲ, ଫ୍ରାନ୍ସ ଏବଂ କାନାଡା ଭଳି ଦେଶରେ କାମ କରୁଛି । ଏହି ଦେଶଗୁଡ଼ିକରେ, ବାରମ୍ବାର ଅପରାଧୀମାନଙ୍କୁ ନିରୀକ୍ଷଣ ଏବଂ ଦଣ୍ଡ ଦେବା ପାଇଁ ଏକ ପଏଣ୍ଟ୍ ସିଷ୍ଟମ ବ୍ୟବହୃତ ହୁଏ ।



ମନ୍ତ୍ରଣାଳୟ ମୋଟର ଯାନ ଆଇନରେ ପରିବର୍ତ୍ତନ କରିବ । ଏଥିରେ ଏକ 'ଡିମେରିଟ୍ ଏବଂ ମେରିଟ୍' ପଏଣ୍ଟ୍ ଲାଇସେନ୍ସିଂ ସିଷ୍ଟମ ଯୋଡାଯିବ । ଜଣେ ଅଧିକାରୀ କହିଛନ୍ତି ଯେ, ଟ୍ରାଫିକ୍ ନିୟମ ଭାଙ୍ଗିବା ପାଇଁ ଡିମେରିଟ୍ ପଏଣ୍ଟ୍ ଦିଆଯିବ । ସେହି ସମୟରେ, ଭଲ ବ୍ୟବହାର କରୁଥିବା ଏବଂ ସହାୟକ ଲୋକଙ୍କୁ ମେରିଟ୍ ପଏଣ୍ଟ୍ ଦିଆଯିବ । ୨୦୧୯ ପରଠାରୁ ଜରିମାନା ଏବଂ ଦଣ୍ଡ ବୃଦ୍ଧି ସତ୍ତ୍ୱେ, ସଡ଼କ ଦୁର୍ଘଟଣା ହ୍ରାସ ପାଉନାହିଁ । ପ୍ରତିବର୍ଷ ୧.୭ ଲକ୍ଷରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି । ସୂତ୍ର ଅନୁଯାୟୀ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବାର ଭୟ ଲୋକଙ୍କୁ ଅଧିକ ସତର୍କ କରିବ । ସାରା ବିଶ୍ୱରେ ଦେଖାଯାଇଛି ଯେ, ଲୋକମାନେ ସେମାନଙ୍କର ଲାଇସେନ୍ସ ରଦ୍ଦ ହେବାର ଭୟରେ ନିୟମ ପାଳନ କରୁଛନ୍ତି । ଏବେ ଅପରାଧଗୁଡ଼ିକୁ ଇଲେକ୍ଟ୍ରୋନିକ୍ ଭାବରେ ମଧ୍ୟ ରେକର୍ଡ କରାଯାଉଛି । ଏହା ପୁଲିସକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାଯ୍ୟ କରିବ ।

## ଚାରିଧାମକୁ ଗଡ଼ିବ ଭାରତ ଗୌରବ ଡିଲକ୍ସ ଟ୍ରେନ୍

ନୂଆଦିଲ୍ଲୀ: ବଦ୍ରିନାଥଧାମ, ଜଗନ୍ନାଥଧାମ, ରାମେଶ୍ୱରମ୍ ଏବଂ ଦ୍ୱାରକାଧାମକୁ ପ୍ରତ୍ୟେକ ଭାରତୀୟ ପରିଦର୍ଶନ କରିବାକୁ ଇଚ୍ଛା କରନ୍ତି । ଦେଶର ଏହି ଚାରିଧାମକୁ ଟ୍ରେନରେ ଯାତ୍ରା କରିବା ସମ୍ଭବ ହୋଇପାରିଛି । ଏଥିପାଇଁ ଭାରତୀୟ ରେଳବାଇ ଦ୍ୱାରା 'ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍' ଚଳାଚଳ କରାଯାଉଅଛି । ଚାରିଧାମକୁ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ପୂର୍ବରୁ ଦୁଇଥର ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରିସାରିଛି । ଚଳିତ ବର୍ଷ ୧୭ ଦିନିଆ ଚାରିଧାମ ଭାରତ ଗୌରବ ଡିଲକ୍ସ ଯାତ୍ରା ଆସନ୍ତା ୨୭ ତାରିଖ ଠାରୁ ଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ଆରମ୍ଭ ହେବ । ଏହା ଅଧୀନରେ ବଦ୍ରିନାଥ, ମାନା ଗ୍ରାମ, ନରସିଂହ ମନ୍ଦିର, ଯୋଶୀମଠ, ଋଷିକେଶ, ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭଗା ବେଳାଭୂମି, ରାମନାଥସ୍ୱାମୀ ମନ୍ଦିର ଏବଂ ଧନୁଶକୋଡି, ଦ୍ୱାରକାଧୀଶ, ଜ୍ୟୋତିର୍ଲିଙ୍ଗ ଏବଂ ଭେଟଦ୍ୱାରକା ପରି ସ୍ଥାନଗୁଡିକ ପରିଭ୍ରମଣ କରାଯିବ । ଏହି ଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର, ପୁଣେର ଭୀମାଶଙ୍କର ମନ୍ଦିର ଏବଂ ନାସିକର ତ୍ର୍ୟମ୍ବକେଶ୍ୱର ମନ୍ଦିର ପରିଦର୍ଶନରେ ମଧ୍ୟ ସୁଯୋଗ ଉପଲବଧ କରାଯିବ ।

# ଶାନ୍ତିକୁଞ୍ଜ ହରିଦ୍ୱାର ଜ୍ୟୋତି କଳସ ରଥର ପାରାଦୀପ ପରିକ୍ରମା



ପାରାଦ୍ୱୀପ (ପିପିଏସ୍): ଶାନ୍ତିକୁଞ୍ଜ ହରିଦ୍ୱାର ରୁ ଆସିଥିବା ଜ୍ୟୋତି କଳସ ରଥ ଆଜି ପାରାଦୀପ ର ତାରିଣୀଗଡା ଗାୟତ୍ରୀ ନଗର, ବାଲିଝରା, ନୂଆବଜାର, ମଧୁବନ ପରିକ୍ରମା କରିଥିଲା କ୍ଷ ବହୁ ସଂଖ୍ୟାକ ଗାୟତ୍ରୀ ପରିବାର ସଦସ୍ୟ ଏଥିରେ ଯୋଗି ହୋଇ ବିପୁଳ ସ୍ୱାଗତ କରିଥିଲେ। ବହୁ ସଂଖ୍ୟାକ ନୂଆ ସଦସ୍ୟ ଗାୟତ୍ରୀ ପରିବାର ସହ ଯୋଡି ହୋଇଥିଲେ କ୍ଷ ପାରାଦୀପ ଗାୟତ୍ରୀ ପରିବାର ର ମୁଖ୍ୟ ଶ୍ରୀଯୁକ୍ତ ପ୍ରସନ୍ନ ରାଉତରାୟ ସମସ୍ତ ଗାୟତ୍ରୀ ପରିଜନ ମାନଙ୍କୁ ଉଦବୋଧନରେ ଜ୍ୟୋତି କଳସ ଯାତ୍ରାର ଉଦେଶ୍ୟ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ। ପୂଜ୍ୟ ଗୁରୁଦେବଙ୍କ ପ୍ରଜ୍ଜ୍ୱଳିତ ବିଚାରର ଅଖଣ୍ଡ ଜ୍ୟୋତି ଯାହା ତାଙ୍କ ତପ, ସାଧନା ଏବଂ ଆତ୍ମବଳରୁ ପ୍ରଜ୍ଜ୍ୱଳିତ ହୋଇଛି ତାକୁ ଆହୁରି ଅଧିକ ପ୍ରଚଣ୍ଡ, ପ୍ରଭାବଶାଳୀ ଏବଂ ପ୍ରେରକ କରିବା ନିମନ୍ତେ ଏହି ଜ୍ୟୋତି କଳସ ଯାତ୍ରା ଆରମ୍ଭ କରାଯାଇଛି। ଏହି ଯାତ୍ରା କେବଳ ପ୍ରତୀକ ନୁହେଁ ଏହା ସମ୍ବେଦନଶୀଳ ସାଧକମାନଙ୍କର ସଂକଳ୍ପ, ଯେଉଁମାନେ ନିଜ ଜୀବନକୁ ଗୋଟିଏ ଚାଲୁଥିବା ଅଖଣ୍ଡ ଜ୍ୟୋତି କରିଦେବାକୁ ଚାହାନ୍ତି। ଏହା ଆହ୍ୱାନ ଯେ ଆମେ ସମସ୍ତେ ମିଶି ଏହି ଜ୍ୟୋତିକୁ ଆହୁରି ବ୍ୟାପକ, ଏବଂ ତେଜସ୍ୱୀ କରିବା ଯାହା ଦ୍ୱାରା ଏହି ତମ ହରଣକାରୀ ଶକ୍ତି ଜନ-ଜନ ପର୍ଯ୍ୟନ୍ତ ପହଞ୍ଚିପାରିବ। ଋଷିଯୁଗର ତପ, ତ୍ୟାଗ, ତିତିକ୍ଷାର ସାକ୍ଷୀ ଅଖଣ୍ଡ ଜ୍ୟୋତିର ପ୍ରକାଶକୁ ଜନ-ଜନ ପର୍ଯ୍ୟନ୍ତ, ଘର-ଘର ପର୍ଯ୍ୟନ୍ତ, କେନ୍ଦ୍ର ଏବଂ ସଂସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇବାର ଭାବନାରୁ ପୂଜ୍ୟ ଗୁରୁଦେବ ଏବଂ ପରମ ବନ୍ଦନୀୟା ମାତାଜୀ ଏହି ଯୁଗଋଷି ଯୁଗ୍ମର ତପ, ତ୍ୟାଗ, ଏବଂ ତିତିକ୍ଷାରୁ ଉତ୍ପନ୍ନ ପ୍ରକାଶ ଅଖଣ୍ଡ ଜ୍ୟୋତି କୌଣସି ସାଧାରଣ ପ୍ରକାଶ ନୁହେଁ, ଏହା ଯୁଗନିର୍ମାଣର ଦିବ୍ୟ ତେଜ। ଏହି ତେଜକୁ ଧରି, ଏହି ଯାତ୍ରା ବାହାରିଛି ଯାହା ଦ୍ୱାରା ଘର-ଘର, ମନ-ମନ, କେନ୍ଦ୍ର-କେନ୍ଦ୍ର, ସଂସ୍ଥାନ-ସଂସ୍ଥାନ ସବୁଠି ଏହି ଦିବ୍ୟ ପ୍ରକାଶ ପହଞ୍ଚୁ। ଏହା ପ୍ରୟାସ ଯେ ପ୍ରତ୍ୟେକ ହୃଦୟରେ ସେହି ତପସ୍ୟା ଭାବ ଜାଗ୍ରତ ହେଉ, ପ୍ରତ୍ୟେକ ପରିବାରରେ ଆଦର୍ଶ ନିର୍ମାଣ ହେଉ, ଏବଂ ପ୍ରତ୍ୟେକ ସଂସ୍ଥା ଏହି ଯୁଗ ନିର୍ମାଣ ଯଜ୍ଞର ସକ୍ରିୟ ଏକକ ପାଲଟୁ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୋହଭରା ବିଦାୟୀ ସମ୍ବର୍ଦ୍ଧନା




ରଘୁନାଥପୁର, (ପିପିଏସ୍): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଚିକିଣିଆସ୍ଥିତ ହେମଲତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲାଲକ୍ଷ୍ମୀ ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧୀକାରି ବିଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଇଓ ଶରତ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଆଶୁତୋଷ ବାନାର୍ଜୀ, ସବିତା ବିଶ୍ୱାଳ, ସବିତା ମଞ୍ଜରୀ ଦାସ, ବନମାଳୀ ମହାରଣା,ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବ୍ୟବହାର, କର୍ତ୍ତବ୍ୟ ପରାୟଣାତା, ସମାୟାନୁବର୍ତ୍ତିତା, କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅନ୍ତରାଗ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯିବା ସହିତ ବହୁ ଅବସରପ୍ରାପ୍ତ ଶିକ୍ଷକ, ପରିଚାଳନା କମିଟି, ଆଲୁମିନି କମିଟି, ସାପ୍ତ କମିଟିର ସମସ୍ତ ସଦସ୍ୟ ଓ ମୂର୍ତ୍ତି ଶିଳ୍ପୀ ନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହାୟତା କରିଥିଲେ।

# ରେଡିଓ ନମସ୍କାରକୁ ମିଳିଲା ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ

କୋଣାର୍କ(ପିପିଏସ୍): ଓଡ଼ିଶାର ପ୍ରଥମ କମ୍ୟୁନିଟି ରେଡ଼ିଓ ଷ୍ଟେସନ ରେଡ଼ିଓ ନମସ୍କାରକୁ ଜାତୀୟ କମ୍ୟୁନିଟି ରେଡ଼ିଓ ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡିଛି। ମୁମ୍ବାଇ ଠାରେ ଆୟୋଜିତ ଜାତୀୟ କମ୍ୟୁନିଟି ରେଡ଼ିଓ ସମ୍ମିଳନୀରେ ରେଡ଼ିଓ ନମସ୍କାରକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ୨୦୧୦ ମସିହାରେ ଜାତୀୟ ସ୍ତରର ବିକାଶ ସଂଗଠନ 'ୟଙ୍ଗ ଇଣ୍ଡିଆ' ଦ୍ୱାରା ଏହି ରେଡିଓ କେନ୍ଦ୍ର କୋଣାର୍କରେ ଆରମ୍ଭ କରାଯାଇଥିଲା। ଆଜି ଏହି କେନ୍ଦ୍ର ପୁରୀ ଜିଲ୍ଲାର ୭୦୦ ଠାରୁ ଅଧିକ ଗାଁ ଓ ପ୍ରାୟ ୩ ଲକ୍ଷ ଜନବସତି ପାଖରେ ପହଞ୍ଚିଥିବା ବେଳେ ହଜାର ହଜାର ଲୋକଙ୍କର ସ୍ୱର ହୋଇପାରିଛି। ପୂର୍ବରୁ ରେଡ଼ିଓ ନମସ୍କାର ବିଗତ ବର୍ଷ ମାନଙ୍କରେ ନିଜର ପ୍ରଭାବଶାଳୀ ଓ ଲୋକାଭିମୁଖୀ କାର୍ଯ୍ୟଧାରା ନିମନ୍ତେ ୫ ଥର ଜାତୀୟ ସମ୍ମାନ ପାଇସାରିଛି। ୟଙ୍ଗ ଇଣ୍ଡିଆ ଗତ ୨ ଦଶନ୍ଧି ଧରି ସାଧାରଣ ଲୋକଙ୍କ ସ୍ୱରକୁ ଉଜ୍ଜୀବିତ କରିବାକୁ ବିଭିନ୍ନ ପଦକ୍ଷେପ ନେଇ ଆସୁଛି। ଖୁବ୍ ଶୀଘ୍ର କୋଣାର୍କ ଠାରେ ୟଙ୍ଗ ଇଣ୍ଡିଆ ଦ୍ୱାରା 'ଏସିଆ ସେଣ୍ଟର ଫର କମ୍ୟୁନିଟି ମିଡ଼ିଆ' ନାମକ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି, ଯାହା ଭବିଷ୍ୟତରେ ଏସିଆରେ କମ୍ୟୁନିଟି ମିଡିଆ ଗବେଷଣା ଏକ ସ୍ୱତନ୍ତ୍ର କେନ୍ଦ୍ର ଭାବେ ପରିଗଣିତ ହେବ। ମୁମ୍ବାଇ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଡ଼ିଓ ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ଅନ୍ନାଜ ଆଲାମ ଏହି ସମ୍ମାନ ଗ୍ରହଣ କରିଥିଲେ। ନମସ୍କାରକୁ ଏହି ଜାତୀୟ ସମ୍ମାନ ମିଳିଥିବାରୁ ବିଭିନ୍ନ ସ୍ତରରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

# ଚଳିତ ମଳଟ୍ରିକ୍ ପରୀକ୍ଷାରେ ଅନୁଗୋଳ ଜିଲ୍ଲାର ଟପ୍ପର ହେଲେ ସମୀକ୍ଷା



ତାଳଚେର, (ପିପିଏସ୍): ଚଳିତ ମେଟ୍ରିକ୍ ପରୀକ୍ଷାରେ ଅନୁଗୋଳ ଜିଲ୍ଲାର ଟପର ହୋଇଛନ୍ତି ଥର୍ମାଲ ହାଇସ୍କୁଲ ଛାତ୍ରି ସମିକ୍ଷା ସାହୁ , ସେ ସର୍ବମୋଟ ୯୫.୫% ସହ୍ ୫୭୩ ନମ୍ବର୍ ରଖି ତାଳଚେର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ପରୀପେଖିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫୋନ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଢେଙ୍କାନାଳ ଲୋକ ପ୍ରିୟ ସାଂସଦ ରୁଦ୍ର ନାରାୟଣ ପାଣି ଓ ବରିଷ୍ଠ ବିଜେପି ନେତା କାଳନ୍ଦୀ ସାମଲ ମଧ ଫୋନ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। କଠିନ ପରିଶ୍ରମ ଓ ଏକାଗ୍ରତା ,ଗୁରୁଜନ, ପିତାମାତାଙ୍କ ପ୍ରେରଣା ତାଙ୍କୁ ଏହି ସଫଳତା ପ୍ରାପ୍ତିରେ ବହୁ ସାହାଯ୍ୟ କରୁଛି ବୋଲି ସମୀକ୍ଷା ସାହୁ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବ ବୋଲି ଦୃଢ ଆଶାବାଦୀ ଅଛନ୍ତି। ପିତା ସୁଜନ ସାହୁ ଓ ମାତା ସୀମା ରାଣୀ ପ୍ରଧାନ ନିଜ ଝିଅର ଏହି ସଫଳତା ହାସଲ ତାଳଚେର ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ଦାୟୀ ହେବ ବୋଲି ପ୍ରକାଶ କରିଥିଲେ। ଏହି କୃତିତ୍ୱ ପାଇଁ ତାଳଚେର ବାସୀ ବେଶ୍ ଗର୍ବ ଅନୁଭବ କରିଛନ୍ତି।

# ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ନାମଫଳକ ଓଡ଼ିଆ ଭାଷାରେ ଲେଖାଯିବ

ଭଦ୍ରକ, (ପିପିଏସ୍) ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଜିଲା ପ୍ରଶାସନ ପ୍ରୟାସ ଜାରି ରଖିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସହରାଂଚଳରେ ଥିବା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକର ନାମଫଳକ ଓଡ଼ିଆ ଭାଷାରେ ଲେଖାଯିବା ପାଇଁ ଆଜି ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦଭାବନା ସଭା ଗୃହ କାର୍ଯ୍ୟାଳୟ ଠାରେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖ ରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବାକୁ ଏକ ସମନ୍ୱୟ କମିଟି ଓଡିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ"୧୯୫୬ ର ପ୍ରାବଧାନ ଅନୁଯାୟୀ ଗଠନ କରାଯାଇଛି। ଏଥିରେ ଭଦ୍ରକ ଓ ବାସୁଦେବପୁର ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଂଚଳ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ,ସମସ୍ତ ପୌର ପାଳିକା ଓ ବିଜ୍ଞାପିତ ଅଂଚଳର ବ୍ୟବସାୟୀ ସଂଘ ,ବଣିକ ସଂଘ,ନିୟମିତ ବଜାର କମିଟି ର କାର୍ଯକର୍ତ୍ତା ,ଚାମ୍ବର ଅଫ କମର୍ସ ର କର୍ମକର୍ତ୍ତା,ଜିଲ୍ଲା ଶ୍ରମ ଅଧିକାରୀ ,ପ୍ରବର୍ତନ ସହ ଶ୍ରମ ଅଧିକାରୀ ଏବଂ ଅନ୍ୟାନ୍ୟ ଶ୍ରମ ବିଭାଗ କର୍ମଚାରୀ ମାନେ ଯୋଗ ଦେଇଥିଲେ।ଏଥିସହ ଉକ୍ତ ଆଇନ ରେ ଥିବା ପ୍ରାବଧାନ ଅନୁଯାଇ ପଂଜିକୃତ ହୋଇନଥିବା ପ୍ରତିଷ୍ଠାନ ଗୁଡିକ ଯଥାଶୀଘ୍ର ପଞ୍ଜିକରଣ କରାଇନେବାକୁ ଅନୁରୋଧ କରାଯାଇଛି । ସ୍ପଷ୍ଟ ଭାବେ ଓଡ଼ିଆ ନାମ ଫଳକ ଲେଖିନଥିବା ସମସ୍ତ ବ୍ୟବସାୟୀ ସଂଘ ମାନ ଙ୍କୁ ସୁସ୍ପଷ୍ଟଭାବେ ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ଅନୁରୋଧ କରାଯାଇଅଛି ।ଏଥି ସହ ୧୪ ବର୍ଷ ରୁ କମ ବୟସ ଶିଶୁ ଶ୍ରମିକ ନିୟୋଜନ ଦଣ୍ଡନୀୟ ଅପରାଧ ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କରାଯାଇଥିଲା।

# କେନ୍ଦ୍ରାପଡ଼ାରେ ଏସୟୁଜେ ପକ୍ଷରୁ ବିଶ୍ୱ ସାମ୍ବାଦିକ ଦିବସ

କେନ୍ଦ୍ରାପଡ଼ା,(ପିପିଏସ୍): ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଏସୟୁଜେ ପକ୍ଷରୁ ବିଶ୍ୱ ସାମ୍ବାଦିକ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଦିବାକର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସାମ୍ବାଦିକ ଯୋଗଦାନ କରିଥିଲେ। ସାମ୍ବାଦିକତା କରୁଥିବା ବ୍ୟକ୍ତିର କୌଣସି ସୁରକ୍ଷା ନାହିଁ। ବାକ ସ୍ୱାଧୀନତା ଥିଲେ ମଧ୍ୟ ସାମ୍ବାଦିକତାର କଣ୍ଠରୋଧ କରାଯାଉଛି। ଆମର ମୌଳିକ ଅଧିକାର କେବଳ କାଗଜ କଲମରେ ଲିପିବଦ୍ଧ ହେଉଛି ବୋଲି ଅତିଥି ଗଣ ମତ ପ୍ରକାଶ କରିଥିଲେ। ସଂଯୁକ୍ତ ରାଷ୍ଟ୍ରରେ ପ୍ରଥମ କରି ସାମ୍ବାଦିକ ଗଣ ୧୯୯୧ ମସିହା ୩ମଇ ଦିନ ସାମ୍ବାଦିକ ସୁରକ୍ଷା ନେଇ ଅଣ୍ଟା ଭିଡ଼ିଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ କରୁଣାକର କର,ପ୍ରଫୁଲ୍ଲ କୁମାର ମଲ୍ଲ, ସତ୍ୟଜିତ ଲେଙ୍କା, ବିପିନ ଭଦ୍ର, ଧନେଶ୍ୱର ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସତ୍ୟରଞ୍ଜନ ପଣ୍ଡା, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକ ଯୌତୁକ ପାଇଁ ଝିଅକୁ ମାରିଦେଲେ

## ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କଲେ ପରିବାର

କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ନୂଆପଡା ଗ୍ରାମର କେଶବ ଦାସଙ୍କ ଝିଅ ସୋନାଲି ଦାସକୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ମାରିଦେଲେ । ପରିବାରର ଲୋକେ ପଟ୍ଟାମୁଣ୍ଡାଇ ପୋଲିସ ନିକଟରେ ଅଭିଯୋଗ କଲେ ସୁଦ୍ଧା ନ୍ୟାୟ ନମିଳିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ସହିତ ଅଧିକ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ । ଘଟଣାରୁ ପ୍ରକାଶ ଯେ ଗତ ଜାନୁୟାରୀ ୨୨ତାରିଖରେ ସୋନାଲି ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ମାଟିଆ ଗ୍ରାମର ଅରିକ୍ଷିତ ମଲ୍ଲିକଙ୍କ ପୁଅ ଲିପୁନ ମଲ୍ଲିକଙ୍କୁ ବିବାହ ହୋଇଥିଲା । ବିବାହର ୪ମାସ ପରେ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀଙ୍କ ନିକଟରୁ ଝିଅ ସୋନାଲିର ମୃତ୍ୟୁ ହୋଇଛି ବୋଲି ଜଣାପଡିଥିଲା । ଯେହେତୁ ଝିଅ ସୋନାଲି ବାପଘର ବିରୋଧରେ ଭଲପାଇ ବିବାହ କରିଥିଲା ଝିଅ ତାର ବାପମାଆଙ୍କୁ ନଜଣାଇ ମଉସା ଓ ମାଉସୀଙ୍କୁ ଶାଶୁଘର ଲୋକେ ବାରମ୍ବାର ପ୍ରତିମାସରେ ଟଙ୍କା ମାଗୁଛନ୍ତି ବୋଲି ଫୋନ ମାଧ୍ୟମରେ ଜଣାଇଥିଲା । ମଉସା ମାଉସୀ କିଛି ଦିନ ମଧ୍ୟରେ ଟଙ୍କା ଦେବେ ବୋଲି ପ୍ରତିଶୃତି ଦେଇଥିଲେ ମଧ୍ୟ ଉଚିତ ସମୟରେ ଟଙ୍କା ଦେଇପାରି ନଥିଲେ । ତେଣୁ ବାପା କେଶବ ଝିଅକୁ ହତ୍ୟା କରାଯାଇଛି ବୋଲି ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ କୌଣସି ପଦକ୍ଷେପ ନନେବାରୁ ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଉଚିତ ତଦନ୍ତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ ।

# ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ, ବିରିଡ଼ି ଥାନାରେ ଏତଲା

## ବିରିଡ଼ି ପୁଲିସ ଭୂମିକାକୁ ନେଇ ଉଠିଛି ପ୍ରଶ୍ନ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ବିରିଡି ଥାନା ଅନ୍ତର୍ଗତ ଦଣ୍ଡିଲୋ ଗ୍ରାମର ସୁକାନ୍ତ ଚନ୍ଦ୍ର ମହାରଣା ତାଙ୍କ ଘରୁ ସଶସ୍ତ୍ର ଡକାୟତି ଗ୍ରିଲ ତାଡ଼ି କବାଟ ଭାଙ୍ଗି ଘରେ ପଶିଥିଲେ ୫ଜଣ ଦୁର୍ବୃତ୍ତ। ଅଭିଯୋଗ ମୁତାବକ ଉପର ମହଲାରେ ତାଙ୍କର ଶାଶୁ ଓ ଭଉଣୀ ରୁହନ୍ତି। ତଳ ମହଲାରେ ଭଡା ରେ ରହୁଥିଲେ ଚନ୍ଦ୍ରକାନ୍ତ ସାହୁ ତାଙ୍କ ପୁଅ, ସ୍ତ୍ରୀ ଦୁର୍ବୃତ୍ତ ଚୋରି ଦମନରେ ବାଧା ଉପୁଜିଥିବାରୁ ଚନ୍ଦ୍ରକାନ୍ତଙ୍କ ପରିବାରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହାତଗୋଡ଼ ବାନ୍ଧି ନିଷ୍ଠୁର ମାଡ଼ ମାରି ଲୁଟ କରିଥିବା ସମ୍ପର୍କରେ ବିରିଡ଼ି ଥାନାରେ ଏତଲା ଦେଇଛନ୍ତି କ୍ଷ ସୂଚନାମୁତାବକ ଶୁକ୍ରବାର ୨ ତାରିଖ ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ, ଭୁଜାଲି, ଶାବଳ, କଟୁରୀ, ଆଦି ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ଘରେ ଥିବା ସମସ୍ତ ୧,ଲକ୍ଷ ୩୦ହଜାର ସହ ସୁନା ଚେନ୍, ଲକେଟ, ୪୫ ଗ୍ରାମରୁ ଅଧିକ ମୁଦି ଆଦି ଲୁଟି ଥିଲେ ଦୁର୍ବୃତ୍ତ। ଏଥି ସହିତ ଭଡାରେ ରହୁଥିବା ଚନ୍ଦ୍ରକାନ୍ତ ସାହୁଙ୍କୁ ମାଡ଼ମାରି ସୁନା ଅଳଙ୍କାର (ଶଙ୍ଖା, ସୁନା ଚେନ୍, କାନଫୁଲ, ମଙ୍ଗଳସୂତ୍ର, ଦୁଇଟା ମୁଦି,ସହ ରୁପା ଅଳଙ୍କାର, ବେସଲେଟ ଆଦି ବିଭିନ୍ନ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଯାଇଥିବା ସୁକାନ୍ତ ଚନ୍ଦ୍ର ମହାରଣା ଲିଖିତ ଅଭିଯୋଗ କଲ୍ପି ପରେ ଘଟଣା ସ୍ଥଳରେ ଜଗତସିଂହପୁର ପୋଲିସ ଓ ବିରିଡ଼ି ପୋଲିସର ତଦନ୍ତ ଛାନଭିନ୍ନ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ୍ ସହ ସ୍ନିପର ଡ୍ରଗ ସହାୟତାରେ ତଦନ୍ତ ଚାଲୁଥିବା ସମୟରେ ୫ଜଣ ଦୁର୍ବୃର୍ତ୍ତଙ୍କ ଟେର ଏପର୍ଯ୍ୟନ୍ତ ପୋଲିସ ହାତରେ ପ୍ରମାଣ ଲାଗିନଥିବାରୁ ବିରିଡ଼ି ପୋଲିସ ବିଭାଗର ଭୂମିକାକୁ ନେଇ ଜନସାଧାରଣ ମାନେ ପ୍ରଶ୍ନ ଉଠାଇଛନ୍ତି କ୍ଷ ଚୋରି ହୋଇଥିବା ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,(ପିପିଏସ):ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ ଆଗାମୀ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ।ଏହି ପରିପ୍ରେକ୍ଷୀରେ ପ୍ରଫେସର ସାହୁଙ୍କୁ ତାଙ୍କ ନିଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ଦିନ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ସୈକ୍ଷିକ ଅଧିକାରୀ ତଥା ଶିକ୍ଷକ - କର୍ମଚାରୀ ପରିଷଦର ସମ୍ପାଦକ ଡ. ମଥୁରୀ ଚରଣ ନାୟକ,ପ୍ରଶାସନିକ ଅଧିକାରୀ ଜ୍ୟୋସ୍ନା ମୟୀ ପତି,ସହ ସୈକ୍ଷିକ ଅଧିକାରୀ ଡ. ପଦ୍ମଜା କବି ଶତପଥୀ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.ମମତା ସାହୁ ମଞ୍ଚାସୀନ ହୋଇ ପ୍ରଫେସର ସାହୁଙ୍କ ନିଷ୍ଠା ପରତା, କର୍ମ ତତ୍ପରତା, ତଥା ତୁଳସୀ ମହିଳା ମହାବିଦ୍ୟାଳୟରେ ତାଙ୍କ କର୍ମମୟ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାପିକା ଡ ଏଲୋରା କବି, ସବିତା ଦାସ, ଅଧାପିକା ପ୍ରଜ୍ଞା ମହାନ୍ତି, ଅଧାପିକା ଗାୟତ୍ରୀ ନାୟକ, ଅଧାପକ ରାମଚନ୍ଦ୍ର ସୁଆର ପ୍ରଫେସର ସାହୁଙ୍କ ଶିକ୍ଷାଦାନ ଓ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଛାତ୍ରୀ ମାନଙ୍କ ମଧ୍ୟରେ ବି.ଏମ.ପ୍ରିୟଦର୍ଶିନୀ, ରାଜଲକ୍ଷ୍ମୀ ବେହୁରା, ବିଦିସା ସ୍ୱାଇଁ, ସୁଜାତା ଦାସ ପ୍ରମୁଖ ପ୍ରଫେସର ସାହୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ପ୍ରତାପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ପ୍ରଫେସର ସାହୁଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମାଟ୍ରିକ୍ ପରୀକ୍ଷାରେ ଭଦ୍ରକ ପାଇଁ ଗୌରବ ଆଣିଛନ୍ତି ଅମ୍ରିତ

ଭଦ୍ରକ, (ପିପିଏସ୍): ଚଳିତ ବର୍ଷ ମେଟ୍ରିକ ପରୀକ୍ଷାର ଫଳାଫଳ କିଛିଦିନ ତଳେ ପ୍ରକାଶ ପାଇଥିବାବେଳେ ଆଇସିଏସ୍ଇ ବୋର୍ଡ଼ର ଭଦ୍ରକ ହେପି ହୋମ ସ୍କୁଲର ଛାତ୍ର ଅମ୍ରିତ ଆନନ୍ଦ ପାଣିଗ୍ରାହୀ ୯୭ ଶତକଡା ନମ୍ବର ରଖି ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅମ୍ରିତ ଜଣେ ସାଧାରଣ ମଧ୍ୟବିତ ପରିବାରର ପିଲା ହୋଇ ମଧ ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତାକୁ ନେଇ ଅମ୍ରିତ କହିଛନ୍ତି ପ୍ରତିଦିନ ୧୦ ରୁ ୧୨ ଘଂଟା ପରିଶ୍ରମ କରୁଥିଲେ। ଏହା ପଛରେ ପିତା ଅନିଲ ପାଣିଗ୍ରାହୀ ଓ ମାତା ରଞ୍ଜିତା ପାଣିଗ୍ରାହୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକଶ କରିଥିଲେ ଅମ୍ରିତ ଏବଂ ସବୁ ଶ୍ରେୟ ତାଙ୍କର ପିତା ମାତା ଓ ସମସ୍ତ ଶିକ୍ଷକଙ୍କୁ ଦେଇଥିବାବେଳେ, ଅମ୍ରିତ ଭବିଷ୍ୟତରେ ଜଣେ ଚାଟାର୍ଡ଼ ଆକାଉଂଟେଟ ହେବାକୁ ଇଛା ପ୍ରକାଶ କରିଛନ୍ତି। ସେପଟେ ବାପା ଜଣେ କଲେଜରେ କମ୍ପୁଟର ପ୍ରୋଗ୍ରାମର ଭାବେ କାର୍ଯ୍ୟରତ ଥିଲାବେଳେ ମାତା ଜଣେ ଗୃହିଣୀ, ହେଲେ ସାନପୁଅର ଏଭଳି ସଫଳତାକୁ ନେଇ ବେଶ ଖୁସି ଥିବାବେଳେ ବଡ଼ ପୁଅ ଜଣେ ଡାକ୍ତରୀ ଛାତ୍ର ଭାବେ ଅଧୟନ କରୁଛନ୍ତି। ଶେଷରେ ଅମ୍ରିତ ଭବିଷ୍ୟତରେ ଜଣେ ଭଲ ମଣିଷ ହେବେ ବୋଲି ଗଣ ମାଧ୍ୟମରେ ପ୍ରକାଶ କରିଥିଲେ।

# ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁ ସ୍ମୃତି ସଂସଦ ପୁନର୍ଗଠିତ

ଭଦ୍ରକ, (ପିପିଏସ୍): ଭଦ୍ରକ ସହରର ବହୁ ପୁରାତନ ସାହିତ୍ୟ ଓ ସଂସ୍କୃତିଭିତ୍ତିକ ଅନୁଷ୍ଠାନ ଅଧ୍ୟାପକ ଡ ପୀତାମ୍ବର ସ୍ୱାଇଁ ସ୍ମୃତି ସଂସଦ ପୁନର୍ଗଠିତ ହୋଇଛି। ବିଶେଷ ଖବର କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ କାର୍ଯ୍ୟକର୍ତାଙ୍କୁ ମନୋନୀତ କରାଯାଇଥିଲା। ସଂସଦର ସଭାପତି ଗୋପାଳ ପ୍ରସାଦ ନାଥଶର୍ମା ଦୀର୍ଘ ଦିନ ହେବ ଅସୁସ୍ଥ ରହିବା,କେତେକ ସଦସ୍ୟଙ୍କ ବିୟୋଗ ପରେ କମିଟି ପୁନର୍ଗଠନର ଆବଶ୍ୟକତା ଥିଲା। ସର୍ବସମ୍ମତିକ୍ରମେ ସଂସଦର ସମ୍ପାଦକ ପ୍ରଫେସର ଡ ଶଶଧର ଦାସ ସଭାପତି ଭାବେ ମନୋନୀତ ହେବାପରେ ଉପସଭାପତି ପପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ସମ୍ପାଦକ ପ ଅବସରପ୍ରାପ୍ତ ଅଧକ୍ଷ ପବିତ୍ର ପାଣିଗ୍ରାହୀ,ଯୁଗ୍ମସଂପାଦକ ପ ଅଧ୍ୟାପକ ଡ ବିଶ୍ୱରଞ୍ଜନ ଦାସ, ସହ ସମ୍ପାଦକ ଆଡଭୋକେଟ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ଶ୍ରୀହର୍ଷ ସ୍ୱାଇଁ, ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଆଡଭୋକେଟ ନିତ୍ୟାନନ୍ଦ ଦାସ,ଶିକ୍ଷାବିତ ଗୋବର୍ଦ୍ଧନ ସାମଲ, ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ, ପ୍ରଫେସର ଡକ୍ଟର ବଳରାମ ମିଶ୍ର, ପ୍ରଫେସର ଡକ୍ଟର କ୍ଷୀରୋଦ ସାମଲ, ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାସ, ଶିକ୍ଷାବିତ ରତିକାନ୍ତ ବେହେରା, କୃଷିଅଧିକାରୀ ଅରୁଣ କୁମାର ପାତ୍ର, ଅଧାପିକା ଡ ମମତା ସାହୁ,ଅଧାପିକା ଉଷାରାଣୀ ଜେନା,ଓ ଅବସରପ୍ରାପ୍ତ ସରକାର କର୍ମଚାରୀ ଶ୍ରୀମତୀ କଳ୍ପନା ସ୍ୱାଇଁ ମନୋନୀତ ହୋଇଛନ୍ତି ବୋଲି ନୂତନ ସଭାପତି ପ୍ରଫେସର ଡ ଶଶଧର ଦାସ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ନାଇଟ୍




ପାରାଦୀପ (ପିପିଏସ୍): ରେକର୍ଡ ପଣ୍ୟ କାରବାର ସହ କ୍ରମାଗତ ଦ୍ୱିତୀୟ ଆର୍ଥିକ ବର୍ଷ ନିମନ୍ତେ ଦେଶର ଏକ ନମ୍ବର ବୃହତ ବନ୍ଦର ମାନ୍ୟତା ବଜାୟୀ ରଖିଥିବା ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଭୁବନେଶ୍ୱର ସ୍ଥିତ ମେଫେୟାର ହୋଟେଲ ରେ ପୁରସ୍କାର ନାଇଟ ୨୦୨୫ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପ୍ରକାଶ କରିଥିଲେ ଯେ ବନ୍ଦରର ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହିତାଧିକାରୀ ପ୍ରମୁଖ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧନା କରିବା ନିମନ୍ତେ ଏହା ଏକ ବିଶେଷ ମଞ୍ଚ। ସେମାନଙ୍କର ଯୋଗଦାନ ଯୋଗୁଁ ପାରାଦୀପ ବନ୍ଦର ସ୍ୱତନ୍ତ୍ର ୧୫୦ ନିୟୁତ ମେଟ୍ରିକ ଟନ କ୍ଲବ ରେ ସାମିଲ ହୋଇଛି ଯାହାକି ଗୌରବ ବିଷୟ। ଲୁହାପଥର ଯାହାକି ବନ୍ଦର ର ସମୁଦାୟ ପଣ୍ୟ କାରବାରରେ ତୃତୀୟ ସିଂହଭାଗ ହାସଲ କରିଥାଏ କିନ୍ତୁ ବିଗତ ଆର୍ଥିକ ବର୍ଷରେ ରପ୍ତାନି ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଥିଲା। ତେବେ ତାପଜ କୋଇଲା, ଏମୋନିୟମ ନାଇଟ୍ରେଟ, କୋଇଲା,ଜିପସମ ଓ ସାର ଭଳି ପଣ୍ୟ କାରବାରର ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁଁ ବନ୍ଦର ଆଗକୁ ବଢ଼ିପାରିଲା। ଦେଶରେ ସମୁଦାୟ ଉପକୂଳ ଜାହାଜ ଚଳାଚଳ ଓ ପଣ୍ୟ କାରବାର ୨୫୦ ନିୟୁତ ମେଟ୍ରିକ ଟନ ରହୁଥିବା ବେଳେ ପାରାଦୀପ ବନ୍ଦର ଏହାର ଏକାକି ୨୫ ପ୍ରତିଶତ ବା ୬୩.୭ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ବିଗତ ଆର୍ଥିକ ବର୍ଷରେ କରିପାରିଛି। ସେହିପରି ବନ୍ଦରର ବର୍ଥ ଉତ୍ପାଦକତା ୩୪ ହଜାର ୨୮୦ ମେଟ୍ରିକ ଟନ ରହିଛି ଯାହାକି ଜାତୀୟ ହାରାହାରି ଦୁଇଗୁଣ ଅଟେ। ଏଥି ନିମନ୍ତେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ପିପିପି (ପବ୍ଲିକ ପ୍ରାଇଭେଟ ପାର୍ଟନରସିପ) ଅପରେଟର, ସିପିଙ୍ଗ ଏଜେଣ୍ଟ ତଥା ଷ୍ଟିଭେଡୋର୍ସ ସଂସ୍ଥା ମାନଙ୍କୁ ବିଶେଷ ସାଧୁବାଦ ଜଣାଇଛନ୍ତି। ପୁରସ୍କାର ନାଇଟ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଭିବୃଦ୍ଧି ଓ ସଫଳତା ର ଯାତ୍ରା ସହିତ ସମ୍ପୃକ୍ତ ସମସ୍ତଙ୍କ ସାମୁହିକ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE NOTIFIED AREA COUNCIL, BANKI**
**No. 1087/Date 01/05/25**
**QUOTATION CALL NOTICE**

Sealed quotation are invited from registered/experienced reputed architecture firms who are proficient in preparation of plans, exteriors, designs and detailed estimate, rate analysis and supervision of works may apply to the undersigned within the working hours on or before Dt:-19.05.2025 for engagement as consultant for Kalyan mandap. park,crematorium, market complex, vending zone, Multipurpose building of Banki NAC and other prerequisite technical processes involved. The consultant must have experience in similar nature of work with registration license, GST, PAN card, along with Paper cost Rs. 10,000/- inshape of Bankers cheque, Demand draft in favour of the Executive Officer, NAC Banki ete. Preference will given to consultants having higher and better experience in ULBs and/or commercial areas.

The Quotation shall be submitted in the office tender box from 11.00 am on dt:-05.05.2025 up to 5.00 pm dt:-19.05.2025 excluding Govt holiday, and shall be opened on date -20.05.2025 at 11.00AM in presence of all the authorized stakeholders. The undersigned reserves all rights to reject any or all quotations without assigning any reason thereot.

Sd:/-Executive Officr
NAC Banki

C-227 OIPR- 13153/11/0005/2526

**Information & Public Relations Department**
**Lok Sampark Bhawan, Bhubaneswar**
**1&PR, Bhubaneswar,**
**N0. 7648 Dated: 3/5/2025**

Beerstion foc designing and printing of Booklets, Brochures, Leaflets, News paper art work Adaptation charges for hoarding art work of I&PR Deptt.

1-Directos PR Department, Govt. of Odisha (The Client) invite sealed quotations town the reputed registered firms for designing and printing of Booklets, Brochures, Lpallets, News paper art work, Adaptation charges for hoarding art work.
2- detailed about scope of work eligibility requirements and other details may be seen from the website of I&PR Department www.inpr.odisha.gov.in/website of Odisha Port Mig// www.odisha.gov.in The detail document may be downloaded from the sand webito of PR Department/website of Govt. Odisha.
3- Last date for receipt of sealed quotations on dtd. 13.05.2025 at 05.00 PM.
4- Pate for opening of sealed quotations on dtd. 14.05.2025 at 11.00 AM in the Office of the Director I & PR, Lok Sampark Bhawan, Unit-V, Bhubaneswar Pin-751001.

Sd/:- Director, I & PR


Z- OIPR- 15001/11/0635/2526

**OFFICE OF THE EXECUTIVE ENGINEER (AGRIL), AGRICULTURE ENGINEERNG DIVISION, KENDRAPARA**
**E-mail ID-geag-kendrepara@gov.in**
**Govt. of Odisha "e" procurement Notice**
**Bid Identification No.: E.E. (A), Kendrapara Division-02/2025-26**

The Executive Engineer (Agni.), Agriculture Engineering Division, Kendrapara on behalf of Govemor of Odisha, invites percentage rate bids in single cover Aystem in ONLINE MODE, for 92 Numbers of Projects 1.e. for Construction of Malm gate of Agriculture office campus along with borswall at STL Jajpur & Provision of 63 KVA Transformer to ADO office Marshaghal.
1. Estimated Cost- As mentioned against column No-03
2. Bid Cost: Rs. 4,000/- as Mentioned against each in Column-04
3. Period of completion: Calendar Months Mentioned in Column -06
4. No. of works (Tender): 02 nos.
5. Class of Contractor: As Mentioned in Column-05
6. Date & Time of availability of bid document in the portal: from Dt.05.05.2025 at 10.00 AM to Dt.14.05.2015 5.00 P.M
7. Last date/Time for receipt of bids in the portal: Dt.14.05.2025 at 5.00 P.M
3. Date of submission of documents Dt.05.05.2025 at 10.00 AM to Dt.15.05.2015 upto 1.00 P.M (Except Holidays)
9. Date & time of opening of online bids: Dt.16.05.2025 at 11.00 AM & onwards
10. Name and address of the officer inviting Bid: Executive Engineer (Agril), Agriculture Engineering Division, Kendrapara Further details can be seen from the e-procurement portal http://tendersodisha.gov.in
(A) All the volumes/documents shall be uploaded in the portal by the Procurement Officer Administrator published by Procurement Officer Publisher (Officer Inviting tender) and
(B) The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
(C) The Bidders have to participate in ONLINE bidding only. Further details can be seen from the websit "http://tendersodisha.gov.in". Any addendum/corrigendum / cancellation of tender can also be seen in th wld webelle.

Executive Engindier (Agril.)
Agriculture Engineering Division, Kendrapara

L-09 OIPR-01471/11/0011/2526



## ଆଇପିଏଲ୍ ମହାସମର

# ଚେନ୍ନାଇ ଆଗରେ ୨୧୪ ରନ୍‌ର ଲକ୍ଷ୍ୟ ରଖିଲା ବେଙ୍ଗାଲୁରୁ



ବେଙ୍ଗାଲୁରୁ : ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୨ତମ ମ୍ୟାଚରେ ବିରାଟ କୋହଲି, ଜାକବ ବେଥେଲ ଓ ରୋମାରିଓ ସେଫର୍ଡଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପରକିଙ୍ଗସ୍ ଆଗରେ ୨୧୪ ରନର ଲକ୍ଷ୍ୟ ରଖିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଏହି ମ୍ୟାଚରେ ଚେନ୍ନାଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୧୩ ରନ କରିଥିଲା । ଦଳ ପକ୍ଷରୁ ବ୍ୟାଟିଂ ଓପନ କରିଥିବା ବିରାଟ କୋହଲି ଓ ଜାକବ ବେଥେଲ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ପ୍ରଥମ ୱିକେଟ ଯୋଡ଼ିରେ ୯୭ ରନ କରିଥିଲେ । କୋହଲି ୬୨ ରନ ଓ ବେଥେଲ ୫୫ ରନ କରିଥିଲେ । ଦେବଦତ୍ତ ପଡ଼ିକଲ ୧୭ କରିଥିବାବେଳେ ରଜତ ପଟିଦାର ୧୧ ରନ କରିଥିଲେ । ତେବେ ଆରସିବି ପାଇଁ ସବୁଠାରୁ ବିସ୍ଫୋରକ ଇନିଂସ ଖେଳିଥିଲେ ରୋମାରିଓ ସେଫାର୍ଡ । ସେ ମାତ୍ର ୧୪ଟି ବଲରେ ୬ ଛକା ଓ ୪ ଚୌକା ସହ ୫୩ ରନ କରିଥିଲେ । ଚେନ୍ନାଇ ପକ୍ଷରୁ ମହିଶ ପଥିରଣା ୩ଟି ୱିକେଟ ନେଇଥିବାବେଳେ ସାମ କୁରାନ ଓ ନୁର ଅହମ୍ମଦ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୫ର ୫୨ତମ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନଇ ସୁପରକିଙ୍ଗ୍‌ସ ମଧ୍ୟରେ ଖେଳାଯାଇଛି। ଦୁଇ ଦଳ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅବତୀର୍ଣ୍ଣ ହେବେ। ପ୍ରଥମ ରାଉଣ୍ଡ ମ୍ୟାଚରେ ବେଙ୍ଗାଲୁରୁ ୫୦ ରନରେ ଚେନ୍ନଇକୁ ପରାସ୍ତ କରିଥିଲା। ଚେନ୍ନଇରେ ଖେଳାଯାଇଥିବା ମ୍ୟାଚରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା।ଏବେ ପ୍ଲେ ଅଫ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ଚେନ୍ନଇ ନିକଟରେ ପ୍ରତିଶୋଧ ନେବାର ସଯୋଗ ରହିଛି।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୦ଟି ମ୍ୟାଚରୁ ୭ଟି ବିଜୟ ଓ ୩ଟି ପରାଜୟ ସହ ୧୪ ପଏଣ୍ଟ ପାଇଛି। ଦଳ ଶେଷ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୬ ୱିକେଟରେ ପରାସ୍ତ କରିଥିଲା। ଦଳ କ୍ରମାଗତ ଭାବେ ୩ଟି ମ୍ୟାଚ ଜିତିଛି। ବ୍ୟାଟିଂରେ ବିରାଟ କୋହଲି ରନ କରୁଥିବାବେଳେ ଅନ୍ୟ ଖେଳାଳିଙ୍କ ମଧ୍ୟ ସହଯୋଗ ମିଳୁଛି। କୋହଲି ୪୪୩ରନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ ସଲଟ୍ ୨୩୯, ରଜତ ପଟିଦାର ୨୨୮ରନ, ଟିମ୍ ଡେଭିଡ୍ ୧୮୪ରନ କରିଛନ୍ତି। କ୍ରୁନାଲ ପାଣ୍ଡ୍ୟା ଦିଲ୍ଲୀ ବିପକ୍ଷ ମ୍ୟାଚରେ ଅପରାଜିତ ୭୩ରନର ଚମତ୍କାର ଇନିଂସ ଖେଳିଥିଲେ। ବ୍ୟାଟିଂ ବିଭାଗରେ ଦଳ ମିଳିତ ପ୍ରଦର୍ଶନ କରୁଛି। ଜୋଶ ହାଜେଲଉଡ୍, ଭୁବନେଶ୍ୱର କୁମାର ଓ ଯଶ ଦୟାଲ ଦ୍ରୁତ ବୋଲିଂ ଭାର ସମ୍ଭାଳୁଛନ୍ତି। ହାଜେଲଉଡ୍ ଚମତ୍କାର ଫର୍ମରେ ରହିବା ସହ ଏବେ ସୁଦ୍ଧା ୧୮ଟି ଓ ଭୁବନେଶ୍ୱର କୁମାର ୧୨ଟି ୱିକେଟ ନେଇଛନ୍ତି। ସ୍ପିନର ଭାବେ ସୁୟାଶ ଶର୍ମା ଓ କ୍ରୁନାଲ ପାଣ୍ଡ୍ୟା ଦାୟିତ୍ୱ ତୁଲାଉଛନ୍ତି। କ୍ରୁନାଲ ୧୩ଟି ୱିକେଟ ନେବାରେ ସଫଳ ହୋଇଛନ୍ତି। ଚେନ୍ନଇ ବିପକ୍ଷରେ ଦଳ ବିଜୟ ଧାରାକୁ ବଜାୟ ରଖିବା ନେଇ ନିଶ୍ଚିତ ଉଦ୍ୟମ କରିବ।

ଚେନ୍ନଇ ସୁପରକିଙ୍ଗ୍‌ସ ୧୦ଟି ମ୍ୟାଚରୁ ୨ଟି ବିଜୟ ଓ ୮ଟି ପରାଜୟ ସହ ପ୍ଲେ ଅଫ ଦୌଡ଼ରୁ ବାଦ୍ ପଡିଛି। ଦଳ ଅବଶିଷ୍ଟ ୪ଟି ମ୍ୟାଚ ସମ୍ମାନ ରକ୍ଷା ଲକ୍ଷ୍ୟ ନେଇ ଖେଳିବ। ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱାଧିନ ଚେନ୍ନଇ ଉଭୟ ବ୍ୟାଟିଂ ଓ ବୋଲିଂରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବ୍ୟାଟିଂରେ ଶିଭମ ଦୁବେ, ଆୟୁଷ ମାହାତ୍ରେ, ସେକ୍ ରସିଦ, ଦୀପକ ହୁଡ୍ଡା, ରବୀନ୍ଦ୍ର ଜାଡେଜା, ଦାୱ୍ୱଦ ବ୍ରେଭିସ ଓ ସାମ କୁରାନ ରହିଛନ୍ତି। ଶେଷ ମ୍ୟାଚରେ ପଞ୍ଜାବ ବିପକ୍ଷରେ ସାମ କୁରାନ ଓ ଦାୱ୍ୱଦ ବ୍ରେଭିସ ଭଲ ବ୍ୟାଟିଂ କରିଥିଲେ। କୁରାନ ୮୮ରନ କରିଥିଲେ। ବୋଲିଂ ବିଭାଗରେ ନୂର ଅହମ୍ମଦ ଓ ଖଲିଲ ଅହମ୍ମଦଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ବିଫଳ ହେଉଛନ୍ତି।

# ହାଇଦ୍ରାବାଦକୁ ୩୮ ରନରେ ହରାଇଲା ଗୁଜରାଟ



ଅହମ୍ମଦାବାଦ : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୧ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୩୮ ରନରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ। ୨୨୫ ରନର ପିଛା କରିଥିବା ହାଇଦ୍ରାବାଦ ୨୦ ଓଭରରେ ୬ ୱିକେଟ ହରାଇ ୧୮୬ ରନ କରିପାରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୭୪ରନ କରିଥିବାବେଳେ ଟ୍ରାଭିସ ହେଡ୍ ୨୦ ରନ ଓ ହେନେରିକ କ୍ଲାସେନ ୨୩ ରନ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ସିରାଜ ଓ ପ୍ରସିଦ୍ଧକ୍ରିଷ୍ଣା ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଗୁଜରାଟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୨୪ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ସାଇ ସୁଦର୍ଶନ ଓ ଶୁଭମନ ଗିଲ୍ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ସୁଦର୍ଶନ ୪୮ ରନ କରିଥିବା ବେଳେ ଗିଲ୍ ୭୬ ରନ କରିଥିଲେ। ସେହିପରି ଜସ୍ ବଟଲର ୬୪ ରନ କରିଥିଲେ। ୱାସିଂଟନ ସୁନ୍ଦର ୨୧ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଡକଟ୍ ୩ଟି ୱିକେଟ୍ ନେଇଥିବାବେଳେ ଜିସାନ ଅନସାରି ଓ ପାଟ୍ କମିନ୍ସ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଆଶା ଅସ୍ତଗାମୀ ହୋଇଛି। ଶୁକ୍ରବାର ୫୧ତମ ମ୍ୟାଚ୍‌ରେ ଏହି ଦଳକୁ ଗୁଜରାଟ ଟାଇଟନ୍ସ ୩୮ ରନ୍‌ରେ ହରାଇଦେଇଛି। ଫଳରେ ଗୁଜରାଟ ପ୍ଲେ ଅଫ୍ ଯୋଗ୍ୟତାର ନିକଟତର ହୋଇଥିବା ବେଳେ ସନ୍‌ରାଇଜର୍ସ ସପ୍ତମ ପରାଜୟ ସହ ବାଦ୍ ପଡ଼ିବା ଦ୍ୱାରରେ ଛିଡ଼ା ହୋଇଛି। ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ଘରୋଇ ଗୁଜରାଟ ଟାଇଟନ୍ସ ନିଜ ପାୱାର ପ୍ଲେ ଭିତରେ ବିନା କ୍ଷତିରେ ୮୨ ରନ୍ ଉଠାଇ ଦୃଢ଼ ମୂଳଦୁଆ ପକାଇଥିଲା। ସପ୍ତମ ଓଭରରେ ସାଇ ସୁଦର୍ଶନ (୨୩ ବଲ୍‌ରୁ ୪୮ ରନ୍)ଙ୍କୁ ଜୀସାନ ଅନସାରୀ ଆଉଟ୍ କରି ସନରାଇଜର୍ସଙ୍କୁ ପ୍ରଥମ ସଫଳତା ଦେଇଥିଲେ। ଏହା ପରେ ଶୁବମନ ଗିଲ୍ (୩୮ ବଲ୍‌ରୁ ୭୬ ରନ୍) ଏବଂ ଜୋସ୍ ବଟଲର୍ (୩୭ ବଲ୍‌ରୁ ୬୪ ରନ୍) ରନ୍ ବର୍ଷା କରିବାରୁ ଗୁଜରାଟ ୧୮ ଓଭରରେ ୨୦୦ ରନ୍ ପୂର୍ଣ୍ଣ କରିଥିଲା। ଶେଷ ଓଭରରେ ଜୟଦବ ଉନାଦକଟ୍ ୩ ୱିକେଟ୍ ବାହାର କରିବାରୁ ଗୁଜରାଟ ମଧ୍ୟ ଆଉ କିଛି ରନ୍ ଯୋଡ଼ିବାରୁ ବଞ୍ଚିତ ରହିଥିଲା। ତଥାପି ୨୨୫ ରନ୍‌ର ବିଜୟ ଲକ୍ଷ୍ୟ ସଂଘର୍ଷ କରୁଥିବା ହାଇଦ୍ରାବାଦ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଅଭିଷେକ ଶର୍ମା (୪୧ ବଲ୍‌ରୁ ୭୪ ରନ୍)ଙ୍କ ଲଢୁଆ ପାଳି ସତ୍ତ୍ୱେ ହାଇଦ୍ରାବାଦ ଲକ୍ଷ୍ୟରେ ପହଞ୍ଚି ପାରିନଥିଲା।

ସଂକ୍ଷିପ୍ତ ସ୍କୋର: ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୨୪/୬ (ଶୁବମନ ଗିଲ୍-୭୬, ଜୋସ୍ ବଟଲର-୬୪, ସାଇ ସୁଦର୍ଶନ-୪୮, ଜୟଦେବ ଉନାଦକଟ୍-୩/୩୫, ପ୍ୟାଟ୍ କମିନ୍ସ-୧/୪୦)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୬/୬ (ଅଭିଷେକ ଶର୍ମା-୭୪, ନୀତୀଶ ରେଡ୍ଡୀ-୨୧*, ପ୍ୟାଟ୍ କମିନ୍ସ-୧୯*, ପ୍ରସିଦ୍ଧ କ୍ରିଷ୍ଣା-୨/୧୯, ମହମ୍ମଦ ସିରାଜ-୨/୩୩, ଈଶାନ୍ତ ଶର୍ମା-୧/୩୫, ଗେରାଲ୍ଡ କୋଏତ୍‌ଜେ-୧/୩୬)।

# ଆଇପିଏଲ୍‌ରୁ ରାଜସ୍ଥାନର ପ୍ଲେ-ଅଫ୍ ଆଶା ଶେଷ



ଜୟପୁର : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ରାଜସ୍ଥାନ ଦଳର ପ୍ଲେ-ଅଫ୍ ଆଶା ଶେଷ ହୋଇଯାଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨ ଉଇକେଟ ବିନିମୟରେ ୨୧୭ରନ କରିଥିଲା। ଜବାବରେ ରାଜସ୍ଥାନ ୧୬.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା।

ଅନ୍ୟପକ୍ଷରେ ମୁମ୍ବାଇ ଏହି ବିଜୟ ଦ୍ୱାରା ପ୍ଲେ-ଅଫ୍‌ର ନିକଟତର ହୋଇଛି। ମ୍ୟାଚରେ ରୋହିତ ଶର୍ମା (୩୬ ବଲ୍‌ରୁ ୫୩ରନ) ଓ ର୍‌ୟାନ ରିକେଲଟନ (୩୮ ବଲ୍‌ରୁ ୬୧ରନ) ଚମତ୍କାର ଅର୍ଦ୍ଧଶତକ ସହ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲ୍‌ରୁ ୪୮) ଓ ସୂର୍ଯ୍ୟକୁମାର ଯାଦବ (୨୩ ବଲ୍‌ରୁ ୪୮) ଚିତ୍ତାକର୍ଷକ ବ୍ୟାଟିଂ କରି ମୁମ୍ବାଇ ଇନିଂସର ଫିନିଶିଂ ଟଚ୍ ଦେଇଥିଲେ। ଯଶପ୍ରୀତ ବୁମ୍‌ରା (୨/୧୫) ଓ ଟ୍ରେଣ୍ଟ ବୋଲ୍ଟ (୩/୨୮) ଓ ଲେଗ୍ ସ୍ପିନର କର୍ନ ଶର୍ମା (୩/୨୩) ପ୍ରଭାବୀ ବୋଲିଂ କରି ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଦଳ ପାଇଁ ବୃହତ୍ ବିଜୟ ଆଣି ଦେଇଥିଲେ। ରାଜସ୍ଥାନ ଦଳର ରହସ୍ୟମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ଟି ବଲ୍ ସାମ୍ନା କରି ବିନା କୌଣସି ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ।

## ଦ୍ୱିତୀୟ ସ୍ଥାନରେ ପହଞ୍ଚିଲା ଗୁଜରାଟ

ଅହମ୍ମଦାବାଦ : ଶୁବମନ ଗିଲ୍, ସାଇ ସୁଦର୍ଶନ ଓ ଜୋଟ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଗୁଜରାଟ ଟାଇଟନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍)କୁ ୩୮ ରନରେ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ଧାର୍ଯ୍ୟ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୮୬ ରନ କରିପାରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୭୪ ରନ (୪୧ ବଲ, ୪ ଚୌକା, ୬ ଛକା) କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳର ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ଗୁଜରାଟ ୧୦ଟି ମ୍ୟାଚରୁ ୭ ବିଜୟ ୩ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ସ ତଳକୁ ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ପୂର୍ବଭଳି ୯ମ ସ୍ଥାନରେ ରହିଛି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୪ ମେ’ - ୧୦ ମେ’ ୨୦୨୫

ପହଲଗାମ ହମ୍‌ଲା



ପାକିସ୍ତାନକୁ ପାନେ ଚଖାଇବାକୁ ଭାରତ ଖୁଲ୍ଲମଖୁଲ୍ଲା ଯୁଦ୍ଧ ଘୋଷଣା କରିବ, ନା ସର୍ଜିକାଲ୍ ଓ ଏୟାରଷ୍ଟ୍ରାଇକ୍ ଭଳି କିଛି ଟପ୍ ସିକ୍ରେଟ୍ ମିଶନ୍ ହାତକୁ ନେବ ? ପହଲଗାମ୍ ହମ୍‌ଲା ପରେ ନୂଆଦିଲ୍ଲୀର ରଣନୀତିକୁ ନେଇ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଚାଲିଛି କଳ୍ପନା ଜଳ୍ପନା।

**ଜାତୀୟ:** ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ
**ଅନ୍ତର୍ଜାତୀୟ:** ଟିପେ ଟିପେରେ ପୁରା ଦୁନିଆ
**ବିଶେଷ ପ୍ରସଙ୍ଗ:** ହେବେ କି ବନ୍ଧୁ ?
**ନାରୀ:** କଳାସୂତା ବାନ୍ଧିବାର ନିୟମ
**କ୍ଷୁଦ୍ରଗଳ୍ପ:** : ‘ସମ୍ପର୍କର ରଙ୍ଗ’
**ଚଳଚ୍ଚିତ୍ର:** ପୁଣି ବାପା ହେବେ ଅରବାଜ୍, ଚଳଚ୍ଚିତ୍ର: ଭାଇଜାନଙ୍କ ଭାଗ୍ୟ
**ଖେଳ:** ଭୀଷଣ ରାଗିଲେ ସେହୱାଗ୍, ୫ ଖେଳାଳିଙ୍କୁ ୧ କୋଟି ଅନୁଦାନ
**ମୀନାବଜାର:** ବିଚାରରେ ଫରକ, ଚର୍ଚ୍ଚାରେ: ପୁଣି ଭାରତରେ ମିସ୍ ୱାର୍ଲ୍ଡ, ବ୍ୟଙ୍ଗ: ବୋତଲ ଦାସଙ୍କ ଷ୍ଟାଚ୍ୟୁ ସ୍ଥାପନ ପ୍ରସ୍ତୁତି ବୈଠକ, ପର୍ଯ୍ୟଟନ: ଭିତରକନିକା: ଠିକଣା ବଦଳାଉଛନ୍ତି ଦେଶୀୟ ପକ୍ଷୀ, ବାସ୍ତୁଶାସ୍ତ୍ର: ଆର୍ଥିକ ସଙ୍କଟର ସମାଧାନର ସୂତ୍ର, ଆଞ୍ଚଳିକ: ମାଫିଆଙ୍କ ହାତରେ ନଦୀ ଶଯ୍ୟା, ଧର୍ମ: ବଦ୍ରିନାଥରେ ବାଜେନି ଶଙ୍ଖ ?, କବିତା: ମଣିଷ ଜୀବନ ପାଣି, ଜାଣନ୍ତି କି ? : ସେଓରେ ଷ୍ଟିକର କାହିଁକି ? ଏହିଭଳି ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ପୁରସ୍କାର ବଢ଼ାଇବ ଆତ୍ମବିଶ୍ୱାସ




ନୂଆଦିଲ୍ଲୀ : ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଶେଷରେ ବହୁଦିନ ପରେ ମେଜର ଧ୍ୟାନଚାନ୍ଦ ଖେଳରନତ୍ ପୁରସ୍କାର ପାଇଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏଠାରେ ଗୁରୁବାର ଖେଳାଳି ଦ୍ୱୟଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଖେଳାଳି ଦ୍ୱୟ କହିଛନ୍ତି, ଫିଟ୍‌ନେସ୍ ସମସ୍ୟା ଯୋଗୁ ସେମାନେ ଏବେ ଖରାପ ସମୟ ଦେଇ ଗତି କରୁଛନ୍ତି। ଏହି ପୁରସ୍କାର ସେମାନଙ୍କୁ ଏହି ସମସ୍ୟାରୁ ଉଦ୍ଧାର ପାଇବାରେ ସହାୟକ ହେବ ବୋଲି ସେମାନେ ଆଶା କରୁଛନ୍ତି।

୨୦୨୩ ବର୍ଷ ପାଇଁ ଚିରାଗ ଓ ସାତ୍ତ୍ୱିକ ଗତବର୍ଷ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ଏହି ସମ୍ମାନ ପାଇଥାନ୍ତେ। ମାତ୍ର ସେତେବେଳେ ସେମାନେ ବିଦେଶରେ ଟୁର୍ନାମେଣ୍ଟରେ ଖେଳୁଥିବାରୁ ଏଥିରେ ଯୋଗଦେଇ ପାରି ନ ଥିଲେ। ସେମାନେ ଗତ ଫେବୃଆରୀରେ ମାଣ୍ଡବ୍ୟଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥାନ୍ତେ। ମାତ୍ର ସାତ୍ତ୍ୱିକଙ୍କ ପିତା ଆର. କାଶୀ ବିଶ୍ୱନାଥମଙ୍କ ହୃଦ୍‌ଘାତରେ ପ୍ରାଣହାନି ଘଟିବାରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ଦୁଇ ଖେଳାଳି କହିଛନ୍ତି, ଖେଳରନତ୍ ପୁରସ୍କାର ଗ୍ରହଣ କରିବା ଲାଗି ସେମାନେ ଗତବର୍ଷ ରାଷ୍ଟ୍ରପତି ଭବନକୁ ଯାଇ ପାରି ନ ଥିଲେ। ତେବେ ଶେଷରେ ସେମାନଙ୍କୁ ମିଳିଛି। ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଆସନ୍ତା କିଛି ମାସ ମଧ୍ୟରେ ସେମାନେ ଟ୍ରାକ୍‌କୁ ଫେରିବା ନେଇ ଦୃଢ଼ ଆଶାବାଦୀ ଅଛନ୍ତି।

# ଜାଭେଲିନ୍ ଥ୍ରୋରେ ଭାଗ ନେବେ କିଶୋର ଜେନା




ନୂଆଦିଲ୍ଲୀ : ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ଭାଗ ନେବେ। ଫଳରେ ଇଭେଣ୍ଟରେ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ନୀରଜ ଚୋପ୍ରା କ୍ଲାସିକ ମେ ୨୪ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

୨୯ ବର୍ଷୀୟ କିଶୋରଙ୍କ ବ୍ୟତୀତ ଭାରତର ଉଦୀୟମାନ ଜାଭେଲିନ୍ ଥ୍ରୋୟର ସଚିନ ଯାଦବ, ରୋହିତ ଯାଦବ ଓ ସାହିଲ ସିଲ୍‌ୱାଲ ପ୍ରମୁଖ ଏଥିରେ ଭାଗ ନେବେ। ସେମାନେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜଙ୍କ ସମେତ ବିଶ୍ୱର କେତେଜଣ ଶ୍ରେଷ୍ଠ ଆଥ୍‌ଲେଟଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର ସୁଯୋଗ ପାଇବେ। ଏହି ନୂଆ ଜାଭେଲିନ୍ ଇଭେଣ୍ଟ ୱାର୍ଲ୍‌ଡ ଆଥ୍‌ଲେଟିକ୍ସ ଦ୍ୱାରା ‘ଏ’ କାଟେଗୋରୀ ମାନ୍ୟତା ଲାଭ କରିଛି। ଏଥିରେ ଇଭେଣ୍ଟର ଆୟୋଜକ ଚୋପ୍ରାଙ୍କ ସମେତ ୫ଜଣ ଭାରତୀୟ ଭାଗ ନେବେ।

# ଡୋପ୍ ଟେଷ୍ଟର ବିଫଳ ହୋଇ ଅଧାରୁ ଆଇପିଏଲ ଛାଡ଼ିଥିଲେ କାସିଗୋ ରବାଡା

ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡା ହଠାତ୍ ଆଇପିଏଲ୍ ଛାଡିବା ନେଇ ନିଜର ନୀରବତା ଭାଙ୍ଗିଛନ୍ତି। ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳୁଥିବା ରାବାଡାଙ୍କୁ ଡ୍ରଗ୍ସ ପରୀକ୍ଷାରେ ବିଫଳ ହେବା ପରେ ହଠାତ୍ ଆଇପିଏଲ ଛାଡି ନିଜ ଦେଶ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଲା ବୋଲି ସେ ସ୍ୱୀକାର କରିଛନ୍ତି। ସେ ନିଜର ଭୁଲ ସ୍ୱୀକାର କରି ଏକ ବିବୃତ୍ତି ଜାରି କରିଛନ୍ତି।

ଗୁଜୁରାଟ ଟାଇଟାନ୍ସ ରାବାଡାଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଏବଂ ସେ ଏହି ସିଜନରେ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଏହା ପରେ, ହଠାତ୍ ଏପ୍ରିଲ ୨ ତାରିଖରେ, ରାବାଡା ଆଇପିଏଲ ମଝିରେ ଛାଡି ଦେଶକୁ ଫେରି ଆସିଲେ। ସେତେବେଳେ କୁହାଗଲା ଯେ ସେ ବ୍ୟକ୍ତିଗତ କାରଣରୁ ଫେରି ଯାଇଥିଲେ।



ଗୁଜୁରାଟ ଟାଇଟାନ୍ସ ରାବାଡାଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଏବଂ ସେ ଏହି ସିଜନରେ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଏହା ପରେ, ହଠାତ୍ ଏପ୍ରିଲ ୨ ତାରିଖରେ, ରାବାଡା ଆଇପିଏଲ ମଝିରେ ଛାଡି ଦେଶକୁ ଫେରି ଆସିଲେ। ସେତେବେଳେ କୁହାଗଲା ଯେ ସେ ବ୍ୟକ୍ତିଗତ କାରଣରୁ ଫେରି ଯାଇଥିଲେ। ମେ ୨ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ବିଜୟର ଗୋଟିଏ ଦିନପରେ, ମେ ୩ ଶନିବାର ଦିନ, ରାବାଡା ଦକ୍ଷିଣ ଆଫ୍ରିକା କ୍ରିକେଟର୍ସ ଆସୋସିଏସନ (ଏସଏସିଏ)କୁ ଉଦ୍ଧୃତ କରି ଏକ ବିବୃତ୍ତି ଜାରି କରିଥିଲେ ଏବଂ କହିଥିଲେ ଯେ ତାଙ୍କର ଡ୍ରଗ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ହଠାତ୍ ଆଇପିଏଲରୁ ଫେରିବାକୁ ପଡିଲା।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583